# ପ୍ରଶ୍ନୋତ୍ତର

ମୁଁ ଜାଣେ ନାହିଁ କେଉଁଠାରେ । ସେମାନେ—ସେମାନେ ବୋଧହୁଏ, ସମ୍ଭବତଃ, ସେମାନେ ଏହାକୁ ପୁଣିଥରେ ଲେଖିପାରନ୍ତି । ଏହା କୁହେ, "ଯିଶାଇୟ 4:24 ।" ତେବେ, ଯିଶାଇୟ 4 ରେ କେବଳ ଛଅଟି ପଦ ଅଛି, ତେଣୁ ମୁଁ...ଏବଂ ମୁଁ ଜାଣେ ନାହିଁ ଯେ ଆପଣଙ୍କର ଅର୍ଥ ଯିଶାଇୟ 5:24 କି । ଏହା କୁହେ, "ସେହି ଶାସ୍ତ୍ରର ଅର୍ଥ କଅଣ, ଏବଂ ଏହା କେବେ ଘଟିବ, ଯିଶାଇୟ 4:24?" ଏବଂ ଯିଶାଇୟ 4 ରେ ଛଅଟି ପଦ ଅଛି । ଯଦି ଆପଣ ପାରନ୍ତି...ଯେକେହି ବି ଏହାକୁ ଲେଖିଛନ୍ତି, ଯଦି ଆପଣ ବର୍ତ୍ତମାନ ଚିନ୍ତା କରିପାରନ୍ତି, ବୋଧହୁଏ, ଏବଂ ଏହାକୁ ପୁନର୍ବାର ଲେଖିପାରନ୍ତି, ମୁଁ ତାହା ନେଇପାରେ, ଆପଣ ଦେଖନ୍ତୁ । ମୁଁ ଜାଣେ ନାହିଁ ଯେ ଆପଣ କେଉଁଠାକୁ ଉଦ୍ଧୃତ କରୁଥିଲେ, "ଯିଶାଇୟ 4:24, ସେହି ଶାସ୍ତ୍ରାଂଶର ଅର୍ଥ କଅଣ ଏବଂ ଏହା କେବେ ଘଟିବ?'"

2 ତେବେ, ମୁଁ ଆପଣଙ୍କୁ ଅଧିକ ସମୟ ରଖିବି ନାହିଁ । ମୋ ପାଖରେ ଗୋଟିଏ ଅଛି...ଠିକ ଅଛି, ଧନ୍ୟବାଦ, ଭାଇ । ଏବଂ ମୋତେ ଅଛି—ମୋତେ କେତେକ ସ୍ଥାନଗୁଡିକୁ ଯିବାକୁ ଅଛି, ଏବଂ ଏହା...ଆପଣ ଜାଣନ୍ତି, ମୁଁ ଭାବୁଥିଲି, ମୋ ପାଖରେ ଏଠାରେ ଏକ ଶାସ୍ତ୍ରାଂଶ ଥିଲା, କିମ୍ବା, କ୍ଷମା କରିବେ, ଶ୍ରୀମାନ ବେକ୍ସ୍ଟରଙ୍କ ଠାରୁ ଏକ ଚିଠି ଥିଲା । ଏବଂ ଆଜି ସକାଳେ ଆମେ ସେବା ଆରମ୍ଭ କରିବା ପୂର୍ବରୁ, ଏହା ଉପରେ, ମୁଁ ଚାହେଁ—ମୁଁ ଚାହେଁ ଯେ ଆପଣମାନେ ମୋ ସହିତରେ—ରେ ଅଳ୍ପ କିଛି କ୍ଷଣ ପ୍ରାର୍ଥନା କରନ୍ତୁ ।

3 ମୁଁ—ମୁଁ ଅତି ଉତ୍ତମ ଉଦ୍ଦେଶ୍ୟ ରଖି ସେହି ସେବାଗୁଡିକରୁ ବାହାରି ଆସିଥାଏ ଯେ ଆଗାମୀ କିଛି ଦିନ ମଧ୍ୟରେ ବିଦେଶକୁ—କୁ, ମୋର ସେବା ନିମନ୍ତେ ଯିବାର ଅଛି । ବର୍ତ୍ତମାନ ମୁଁ ଭାଇ ବେକ୍ସ୍ଟରଙ୍କଠାରୁ ଏକ ଚିଠି ପାଇଅଛି, ଭାଇ କକ୍ସ ଗତକାଲି ରାତିରେ ଫୋନ୍ ଯୋଗେ ମୋତେ ତାହା ପାଠ କରି ଶୁଣାଇଲେ ଏବଂ ଆଜି ସକାଳେ ମୋତେ ତାହା ଦେଲେ, ଯେ ସେମାନେ ଏହାକୁ ବର୍ତ୍ତମାନ ପୁଣିଥରେ ବ୍ୟବସ୍ଥିତ କରିବାକୁ ଚେଷ୍ଟା କରୁଛନ୍ତି, ପୁନର୍ବାର । ଏବଂ ମୁଁ ନାହିଁ—ମୁଁ ଜାଣେ ନାହିଁ ଯେ ତାହା ଶୟତାନ ମୋତେ ଅଟକାଇବାକୁ ଚେଷ୍ଟା କରୁଛି କି ନା ଏହା ପରମେଶ୍ୱର କେବଳ ସମୟର ଠିକ ହେବା ପାଇଁ ଅପେକ୍ଷା କରୁଅଛନ୍ତି । ମୁଁ—ମୁଁ ଜାଣି ନାହିଁ । ସେମାନେ ଏହାକୁ ଅଳ୍ପ ଟିକେ ଖଣ୍ଡେ ବ୍ୟବସ୍ଥିତ କରିବାକୁ ଚାହୁଁଛନ୍ତି, ଏବଂ ସେମାନେ ଏହାକୁ ଅକ୍ଟୋବରରୁ ଠିକ ବ୍ୟବସ୍ଥିତ କରି ଚାଲିଛନ୍ତି । ଅକ୍ଟୋବର, ନଭେମ୍ବର, ଡିସେମ୍ବର, ଜାନୁୟାରୀ, ଏହା ବର୍ତ୍ତମାନ ପ୍ରାୟଃ ଚାରି ମାସ ହେଲାଣି ଯେ ସେମାନେ ଏହାକୁ ବ୍ୟବସ୍ଥିତ କରିଅଛନ୍ତି ।

4 ଏବଂ ବର୍ତ୍ତମାନ ଦର୍ଶନଟି ଆସିଅଛି, ଏଠାରେ ତାହା ଏହି ବାଇବଲରେ ଠିକ ଅବିକଳ ଭାବେ ଲେଖାଯାଇଅଛି ଯାହାକି ଘଟିବ; କିନ୍ତୁ ଯେତେବେଳେ, ମୁଁ ଜାଣେ ନାହିଁ । ବର୍ତ୍ତମାନ, ମୁଁ

ଲୋକମାନଙ୍କୁ କେବଳ ତାହା କହିଅଛି (ଉତ୍ତମ ବିଶ୍ୱାସ ସହିତରେ) ଯାହା ସେମାନେ ମୋତେ କହିଥିଲେ, ଯେ ଏହି ସମୟରେ ପ୍ରସ୍ତୁତ ହୋଇ ରହିବା ନିମନ୍ତେ।

5 ବର୍ତ୍ତମାନ ଲୋକମାନେ ଭାବନ୍ତି ଯେ, ମୁଁ ବିଶ୍ୱାସ କରେ, ଯେ ମୁଁ ଏହା ବିଷୟରେ ସଚ୍ଚୋଟ ହିଁ ନୁହେଁ, "ଓଃ, କଅଣ...ସେ କେବେ ପାଇବାକୁ ଯାଉଛନ୍ତି...ସେ କେବେ ଯିବାକୁ ଯାଉଅଛନ୍ତି?"

6 କିନ୍ତୁ ଯେତେବେଳେ ମୁଁ ଏହି ଚିଠିଗୁଡ଼ିକୁ ପାଇଥାଏ ଏବଂ ସେମାନେ ମୋତେ କୁହନ୍ତି, "ତେବେ, ଆପଣ କେବଳ ଏହାକୁ ଏଯାଏଁ କରିପାରନ୍ତି ନାହିଁ, ସେଠାରେ *ଏହାକୁ* କରିବାକୁ ହେବ, ଏବଂ *ଏହାକୁ* କରିବାକୁ ହେବ।" ତାହାପରେ ମୁଁ ନାହିଁ...ମୋତେ—ମୋତେ ଲୋକମାନଙ୍କୁ ସମ୍ମୁଖୀନ ହେବାରେ, ଖରାପ ଅନୁଭବ ହୁଏ। ମୁଁ ଜାଣେ ନାହିଁ କଣ କରିବି। କିନ୍ତୁ ଗୋଟିଏ କଥା, ମୁଁ ଏହା କରିବି, ଏବଂ ଆପଣ ସମସ୍ତେ ମୋ ସହିତ; ମୁଁ ଏହାକୁ ପରମେଶ୍ୱରଙ୍କ ନିକଟରେ ସମର୍ପଣ କରିବାକୁ ଯାଉଅଛି, ଏବଂ କହିବାକୁ ଯାଉଅଛି, "ବର୍ତ୍ତମାନ, ପ୍ରଭୁ, ଯେତେବେଳେ ତୁମେ ପ୍ରସ୍ତୁତ ଅଟ, ମୁଁ ଅଟେ।" ଦେଖନ୍ତୁ? ଏବଂ ଯଦି ମୁଁ କେବଳ...

7 ବେଳେବେଳେ ଏହା ମଣ୍ଡଳୀଗୁଡିକ ଶୃଙ୍ଖଳାରୁ ବାହାରେ ରହିଥାଆନ୍ତି, ବର୍ତ୍ତମାନ ଏହା ଭିସା କିମ୍ବା ଅନ୍ୟ କିଛି ଅଟେ। ଆପଣ ଜାଣନ୍ତି, ସେଠାରେ ଠିକ ସେହିପରି ବିଷୟଗୁଡିକ ଅଟେ। ହୋଇପାରେ ଯେ ଶୟତାନ ଏହା କରିବାକୁ ଚେଷ୍ଟା କରୁଥାଏ। ତେଣୁକରି ଆଜି ସକାଳେ ଯେତେବେଳେ ଆମେମାନେ ପ୍ରାର୍ଥନା କରୁଥିଲୁ...ଏବଂ ପ୍ରତ୍ୟେକ ଥର ଯେତେବେଳେ ଆପଣ ସପ୍ତାହ ଦେଇ ପ୍ରାର୍ଥନା କରନ୍ତି, ଆପଣ—ଆପଣ ମୋ ପାଇଁ ପ୍ରାର୍ଥନା କରନ୍ତୁ ଏବଂ ପରମେଶ୍ୱରଙ୍କୁ ମାଗନ୍ତୁ...ଯେ ଯଦି ଏହା ଶୟତାନ ଥାଏ, ତେବେ ତାକୁ ରାସ୍ତାରୁ ହଟାଇ ଦେବେ। ବୁଝିଲେ? ଏବଂ ଯଦି ଏହା—ଏବଂ ଯଦି ଏହା ତାହାଙ୍କର ଇଚ୍ଛା ଅଟେ, ତେବେ ମୋତେ ଏଠାରେ ତୋଳି ଧରନ୍ତୁ। ବୁଝିଲେ? ସେ ଜାଣିଛନ୍ତି ଯେ ଠିକ କଅଣ କରିବାକୁ ଅଛି। ହୋଇପାରେ ଯେ ସେଠାରେ କିଛି ଗୋଟାଏ ଅନ୍ୟ ବିଷୟ ଥାଏ ଯାହାକୁ ସେ ଆଖପାଖରେ ଘୁରାଉଥାନ୍ତି, ଯେପରିକି ସେହି ଛବିଟିକୁ ଠିକ୍ ଭାବରେ ତୋଳାଯାଏ। ମୁଁ କଦାପି ତାହାଙ୍କଠାରୁ ଆଗକୁ ଯିବାକୁ ଚାହେଁ ନାହିଁ। ଓଃ! ଯେତେବେଳେ ଆପଣ ତାହା କରନ୍ତି, ଏହା ଭୟଙ୍କର ଅଟେ। ଦେଖନ୍ତୁ? ତେଣୁ ମୁଁ—ମୁଁ କେବଳ ଅନୁଭବ କରେ ଯେ ଏହା ଅଟେ...ଯେ—ଯେ ତାହା ହୋଇପାରେ...ମୁଁ ଜାଣେ ନାହିଁ ଯେ କେଉଁଟା କହିବି, କାରଣ ମୁଁ ଜାଣେ ନାହିଁ।

8 ଠିକ୍ ଯେପରିକି ଆମର ପ୍ରିୟ ଭାଇ, ଜର୍ଜ ରାଇଟ୍। ଆପଣମାନଙ୍କ ମଧ୍ୟରୁ ଅନେକେ ତାଙ୍କର ଅବସ୍ଥା ଜାଣିଛନ୍ତି, କଅଣ ନୁହେଁ କି? ଏବଂ ଆପଣ ଜାଣନ୍ତି ଯେ ଡାକ୍ତରମାନେ ତାଙ୍କଠୁଁ ଆଶା ଛାଡି ଦେଇଛନ୍ତି, ଯେ ତାଙ୍କୁ ତ ଏକ ସପ୍ତାହ ପୂର୍ବରୁ, କିମ୍ବା ଅଧିକରୁ, ଦେଖନ୍ତୁ, ମରିଯିବାର ଥିଲା, ଭାଇ ଜର୍ଜ ରାଇଟ୍। ମୁଁ ତାଙ୍କୁ ଦେଖିବା ପାଇଁ ତଳକୁ ଗଲି, ଏବଂ ସେଠାରେ ଥିବାବେଳେ ମୁଁ ପ୍ରାର୍ଥନା କଲି ଏବଂ ସେତିକି ନିଷ୍ଠାପର ଭାବରେ ପ୍ରାର୍ଥନା କଲି ଯେତିକି ମୁଁ ତାଙ୍କ ପାଇଁ କିପରି

ପ୍ରାର୍ଥନା କରିବାକୁ ଅଛି ଜାଣିଥିଲି । ଆଉ ତାହାପରେ ଘରକୁ ଆସିଲି ଏବଂ ମୁଁ ଆଶ୍ଚର୍ଯ୍ୟ କଲି ଯେ କଅଣ ଘଟିବ । ଆଉ କିଛି ଦିନ ପରେ, ତେବେ, ମୁଁ—ମୁଁ ଗତ ସୋମବାର ସକାଳେ ଏକ ଦର୍ଶନ ଦେଖିଲି, ଏବଂ ଅପେକ୍ଷା କରୁଅଛି...

9 ବର୍ତ୍ତମାନ, ସେଠାରେ ଜଣେ—ସେଠାରେ ଜଣେ ମହିଳା ଅଛନ୍ତି ଯାହାଙ୍କ ପାଇଁ ମୁଁ କର୍କଟ ରୋଗ ନିମନ୍ତେ ପ୍ରାର୍ଥନା କରିଥିଲି, ଏବଂ ମୁଁ ତାଙ୍କୁ ଛିଡା ହୋଇଥିବାର ଦେଖିଲି ଆଉ ସେ—ସେ...ସେମାନେ ତାଙ୍କୁ ଅସ୍ତ୍ରୋପଚାର କଲେ, ସେ ତ କେବଳ କର୍କଟ ରୋଗରେ ପରିପୂର୍ଣ୍ଣ ଥିଲେ, ସେମାନେ ତାଙ୍କୁ ଠିକ ପୁନର୍ବାର ସିଲେଇ କରିଦେଲେ । ଦେଖନ୍ତୁ? ମାତ୍ର ସେ ବଞ୍ଚିବାକୁ ଯାଉଅଛନ୍ତି । ମୁଁ ତାହା ଜାଣେ ।

10 କିନ୍ତୁ, ବର୍ତ୍ତମାନ, ଭାଇ ଜର୍ଜ ରାଇଟ୍, ମୁଁ ଦର୍ଶନକୁ ସ୍ପଷ୍ଟ ଭାବରେ ପାଇ ନାହିଁ। ମୁଁ ଆସୁଥିଲି...ସେହି ସମାନ ଦର୍ଶନ, ମୁଁ ବାହାରକୁ ଆସୁଥିଲି ଏବଂ ମୁଁ ତାଙ୍କର—ତାଙ୍କର ସ୍ଥାନ, ତାଙ୍କର ଘରକୁ ଦେଖିଲି । ଏବଂ ଘରର ବାମ ପାର୍ଶ୍ୱରେ ଯେଉଁଠାରେକି ସେହି ଗଛଗୁଡିକ ସେଠାରେ ଠିଆ ହୋଇଅଛି, ଏକ—ଏକ ବୈଶାଖି ଗଛ, ଠିକ୍ ସେଠାରେ ଉପରେ ମୁଁ କିଛି ମଇଳାର ଢେଲାକୁ ଦେଖିଲି, ଠିକ ମୋ ମୁଷ୍ଟି ପରି ପ୍ରାୟଃ ସେତିକି ବଡ ହେବ, ଗଡ଼ି ଯାଉଥିଲା । ଏବଂ ମୁଁ ସେହି ସ୍ୱର୍ଗଦୂତଙ୍କୁ ଶୁଣିଲି ଯିଏକି ମୋ ପାର୍ଶ୍ୱରେ ଛିଡା ହୋଇଥିଲେ, ଏବଂ ଏକ କବର ଓ ଭାଇ ଜର୍ଜ ବିଷୟରେ କିଛି କହୁଥିଲେ ।

11 ତେବେ, ଏହା ଉଭୟରୁ ଗୋଟିଏ ଥିଲା, ଯେ ତାହା ଭାଇ ଜର୍ଜଙ୍କ କବର ଥିଲା ଯାହା ସେମାନେ ଖୋଳୁଥିଲେ, କିଅବା ଏହା ମୋତେ ଏପରି ଦିଶିଲା...ତେବେ, ମନେରଖନ୍ତୁ, ବର୍ତ୍ତମାନ, ମୁଁ ଏହାକୁ କହି ନ ଥାଆନ୍ତି...ଏବଂ ଯେହେତୁ ମୁଁ ବିଶ୍ୱାସ କରେ ଯେ ଆମ ପାଖରେ ଏକ ସାର୍ବଜନିକ ସମ୍ବୋଧନ ପି.ଏ. ପ୍ରଣାଳୀ, କିଅବା ବରଂ ଏକ ରେକର୍ଡିଂ ପ୍ରଣାଳୀ ଅଛି ଯାହାକି ଏଠାରେ ଚାଲୁଅଛି । ମାତ୍ର ବର୍ତ୍ତମାନ ମୁଁ ଏହାକୁ ସ୍ପଷ୍ଟ କରିବାକୁ ଚାହେଁ, ଯେପରିକି ମୁଁ ସେମାନଙ୍କ ପ୍ରତି କରିଥିଲି, ମୁଁ ଭାବୁଛି ଯେ ଏହା ତାହା ଥିଲା...

12 ସେଠାରେ ତଳେ ଲୋକମାନଙ୍କର ଏକ ଗୋଷ୍ଠୀ ତାଙ୍କ ଉପରେ ହସୁଥିଲେ କାରଣ ସେ ବିଶ୍ୱାସ କରୁଥିଲେ ଯେ ପରମେଶ୍ୱର ତାଙ୍କୁ ସୁସ୍ଥ କରିବାକୁ ଯାଉଅଛନ୍ତି ଏହା ସତ୍ତ୍ୱେ ଯେ ଡାକ୍ତର ଏହା କହିଥିଲେ, "ସେ ଅସୁସ୍ଥ ଅଛନ୍ତି । ତେବେ, ସେ ପାରନ୍ତି ନାହିଁ, ଦେଖନ୍ତୁ, ରକ୍ତ ତାଙ୍କ ଫୁସଫୁସରେ ଜମି ଯାଇଛି, ଏବଂ ରକ୍ତ ଛେପ ପକାଉଛନ୍ତି, ଏବଂ ସମସ୍ତ କିଛି ବିଷୟ କରୁଛନ୍ତି ।" ସେ କହିଲେ, "ତେବେ ସେହି ପ୍ରଥମ ଛୋଟ ଶସ୍ୟ ଯେତେବେଳେ ତାଙ୍କ ହୃଦୟ କିମ୍ୱା ମୁଣ୍ଡକୁ ଯାଏ, ଏହା ତାଙ୍କୁ ପକ୍ଷାଘାତ କରି ଦେବ କିମ୍ୱା ମାରି ପକାଇବ ।" ଦେଖନ୍ତୁ? ଏବଂ ସେ ବା-ସ୍ତୁରି ବର୍ଷ ବୟସର, ନିର୍ଦ୍ଧାରିତ ସମୟ ଅତିବାହିତ କରିଛନ୍ତି ।

13 ମାତ୍ର ମୁଁ ବିଶ୍ୱାସ କରେ ଯେ ଏହା ତାହା ଥିଲା, ଯେ ସେ ସେମାନଙ୍କ ମଧ୍ୟରୁ କେତେକଙ୍କର କବରକୁ ଖୋଳିବେ ଯେଉଁମାନେକି ତାଙ୍କ ଉପରେ ହସୁଥିଲେ, ସେହି କବରକୁ ଖୋଳିବେ । ଏବଂ ବର୍ତ୍ତମାନ, ମୁଁ ଜାଣି ନ ଥିଲି ଯେ ସେ ଜଣେ କବର ଖନନକାରୀ ଥିଲେ, କିନ୍ତୁ

ସେ ଅଟନ୍ତି । ମୁଁ, ଦେଖନ୍ତୁ, ଯେତେବେଳେ ମୁଁ ତାହା ଚିନ୍ତା କଲି, ଯେ ସେ କବର ଖୋଲନ୍ତି, ତାହାହିଁ ଅଟେ ଯାହାକି ସେ କରନ୍ତି । ଏବଂ ଏହା ଏପରି ମନେ ହେଉଥିଲା ଯେ ସେଠାରେ କବର ବିଷୟରେ ଏବଂ କବର ଖୋଲିବା ବିଷୟରେ କିଛି ଗୋଟାଏ ଥିଲା, କିମ୍ବା—କିମ୍ବା ସେହିପରି କିଛି ଗୋଟାଏ, ଏବଂ ଭାଇ ଜର୍ଜ ରାଇଟ୍ ।

14 ମୁଁ ବର୍ତ୍ତମାନ ପ୍ରାୟଃ ଚାରି ରାତି ହେଲାଣି, ପ୍ରଭୁଙ୍କୁ ବିନତୀ କରିଅଛି, ଯେ ତାହା ମୋତେ ପୁଣି ଥରେ ପୁନରାବୃତ୍ତି କରି ଦିଅନ୍ତୁ ଯଦି ସେ ଇଚ୍ଛା କରନ୍ତି । ଏହା ଏକ ସକାଳେ ପ୍ରାୟଃ ସାତ କିମ୍ବା ଆଠଟା ବେଳେ ଆସିଥିଲା । ତେଣୁକରି ମୁଁ ଭରସା କରେ ଯେ ସେ ଏହାକୁ ସ୍ପଷ୍ଟ କରିବେ । ମାତ୍ର ମୁଁ ମୋର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରେ...ତେବେ, ଏହା କେବଳ ଏତିକି ଅଟେ ଯେ ମୁଁ ଠିକ୍ ଥିଲି ଯେତେବେଳେ ମୁଁ କହିଥିଲି ଯେ ସେ ସେମାନଙ୍କ ମଧ୍ୟରୁ କେତେକଙ୍କ କବର ଖୋଲିବେ ଯେଉଁମାନେକି ତାଙ୍କ ଉପରେ ହସିଥିଲେ, ଯଦି ମୁଁ ଏହାକୁ ସ୍ପଷ୍ଟ ଭାବରେ କହିଅଛି । କିନ୍ତୁ ମୁଁ ଏହା ବିଷୟରେ ଅଧିକ ନିଶ୍ଚିତ ନୁହେଁ । ଏହା ଏକ କବର ଖୋଲିବା ବିଷୟରେ କିଛି ଗୋଟାଏ ଥିଲା, ଏବଂ ଭାଇ ଜର୍ଜ ରାଇଟ୍ ବିଷୟରେ । ମୁଁ ଭାବୁଛି ଯେ ସେ କାହାରି ଜଣକାର କବର ଖୋଲିବାକୁ ଯାଉଥିଲେ ଯେଉଁମାନେକି ତାଙ୍କ ଉପରେ ହସିଥିଲେ ।

15 ତେବେ, ପରମେଶ୍ୱର ପ୍ରେମ ଅଟନ୍ତି, ଏବଂ, ଓଃ, ଆମେ ତାହାଙ୍କୁ କେବଳ ଆପଣା ସମସ୍ତ ହୃଦୟରେ ପ୍ରେମ କରୁ ।

16 ବର୍ତ୍ତମାନ, ଆଜି ସକାଳେ ଆମେ ଏଠାରେ ଏହି ପ୍ରଶ୍ନଗୁଡ଼ିକ ଉପରେ ଆମର ଅଧିକ ସମୟ ନେବାକୁ ଚାହୁଁନାହୁଁ । ମୁଁ ସେଗୁଡିକୁ ମୋର ସର୍ବୋତ୍ତମ ଜ୍ଞାନରେ ଉତ୍ତର ଦେବି । ତେବେ, ବନ୍ଧୁଗଣ, ମୁଁ ଏହି ବିଷୟଗୁଡ଼ିକ ଉପରେ ଅନେକ ଭୁଲ କରିପାରେ । ମୁଁ କେବଳ—ମୁଁ କେବଳ ଆମ ସମସ୍ତଙ୍କ ପରି ଜଣେ ବ୍ୟକ୍ତି ଅଟେ । ଏବଂ ଭାଇ ନେଭିଲ୍, କିମ୍ବା ଏହି ଅନ୍ୟ କୌଣସି ସେବକ, ଅବା ପ୍ରଭୃତିମାନଙ୍କୁ ମଧ୍ୟରୁ କେହି ବି, ସେଗୁଡିକୁ ଠିକ ସେହି ସମାନ ଭାବରେ ଉତ୍ତର ଦେଇପାରନ୍ତି ଯେପରିକି ମୁଁ ଉତ୍ତର ଦିଏ । ମାତ୍ର, ମୁଁ ଏହାକୁ ଏକ ଉଦ୍ଦେଶ୍ୟରେ କରେ ଯେ, ଏକ ପ୍ରକାରେ ଏହା ଜାଣିବା ପାଇଁ ଯେ ଲୋକମାନଙ୍କ ହୃଦୟରେ କଅଣ ଅଛି ।

17 ତାହାପରେ ଯଦି ମୁଁ ଦେଖେ ଯେ ଚାରି କିମ୍ବା ପାଞ୍ଚଜଣ ଗୋଟିଏ ଜିନିଷ ଉପରେ ଟଣା ଓଟରା ହେଉଛନ୍ତି, ସେତେବେଳେ ମୁଁ ଭାବେ, "ଉଃ-ଓଃ, ଆମେମାନେ ଏଠାରେ ଅଛୁ । ଯେଉଁଠାରେକି, ମୁଁ ଜାଣେ ଯେ ଆପଣମାନେ ବର୍ତ୍ତମାନ କେଉଁଠାରେ ଅଛନ୍ତି, ମଣ୍ଡଳୀରେ କେତୋଟି ଛୋଟ ପ୍ରଶ୍ନଗୁଡିକ୍ ଉପରେ ।" ଏବଂ ବର୍ତ୍ତମାନ ଆସନ୍ତୁ ସେହି—ସେହି ଛୋଟ ପ୍ରଶ୍ନଗୁଡିକୁ ଭୁଲିଯିବା । ଏବଂ ସବୁକିଛିର ଉପରେ ମୁଖ୍ୟ ବିଷୟ ହେଉଛି ମଣ୍ଡଳୀକୁ ସମନ୍ୱୟ ଏବଂ ପରମେଶ୍ୱରଙ୍କ ପ୍ରେମରେ ରଖିବା, ଏବଂ ଆଗକୁ ବଢ଼ିବା, ଯଦି ଆମେ ସମସ୍ତେ ଏହା ବିଶ୍ୱାସ କରିପାରୁ ଯେ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଆମକୁ ସମସ୍ତ ପାପରୁ ଏବଂ ଅଧର୍ମରୁ ପରିଷ୍କାର କରେ । ଯଦି ଆପଣଙ୍କ ପାଖରେ ବସିଥିବା ମହିଳା, କିମ୍ବା ଆପଣଙ୍କ ପାଖରେ ବସିଥିବା ପୁରୁଷ, ଯଦି ସେ ବିଶ୍ୱାସ କରନ୍ତି ନାହିଁ ଯେ ଯୀଶୁ ପ୍ରକୃତରେ ପୁନର୍ବାର ଦୃଶ୍ୟମାନ

ହେବେ—ହେବେ, ତାହାହେଲେ ଆସୁ କେବଳ ସହମତ ହେବା-...ଯାହା ବି ହେଉ ଠିକ୍ ଆଗକୁ ବଢିଯିବା । ଆମେ ତାହା ସହିତ ଶାସ୍ତ୍ରରେ ସହମତ ନୋହୁଁ । ମାତ୍ର ଆସନ୍ତୁ ମଣ୍ଡଳୀକୁ ସମନ୍ୱୟ ନିମନ୍ତେ ଆଗକୁ ବଢାଉ, କାରଣ ସେଥିରେ ଆମେ ଆଉ କିଛି ଅଧିକ ଲୋକମାନଙ୍କୁ ଧରିବାକୁ ଯାଉଅଛୁ । କିନ୍ତୁ ଯେତେବେଳେ ମଣ୍ଡଳୀ ସମନ୍ୱୟରୁ ବାହାରି ଯାଏ, ସେତେବେଳେ ଆପଣ—ଆପଣ ମଣ୍ଡଳୀକୁ ଆଘାତ କରନ୍ତି, ସେତେବେଳେ ଆପଣ ଏହାର କାରଣକୁ ଆଘାତ କରନ୍ତି । ଆପଣ...ଏହା ତ କେବଳ...ଆପଣ ଏହାକୁ କରି ହିଁ ପାରନ୍ତି ନାହିଁ । କିନ୍ତୁ ଯେତେବେଳେ ଆମେ ଗୋଟିଏ ବିଷୟ ଉପରେ ସହମତ ହୋଇପାରୁ, ଯେ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଆମକୁ ସମସ୍ତ ପାପରୁ ପରିଷ୍କାର କରେ (ତାହା ଠିକ୍ ଅଟେ) ଆଉ ପାପ ଦୂର ହୋଇଯାଏ, ସେତେବେଳେ ଯାଇ ଆମେ ଗୃହ ରେଖାର ଅତି ନିକଟତର ଅଟୁ, ଭାଇ ନେଭିଲ୍ । ଯେତେବେଳେ ରକ୍ତ, ଯେତେବେଳେ ଆମେ ରକ୍ତ-...

18 ମୋର ଏକ ଭାଇ ଅଛି, ଆମେ ରକ୍ତ ସମ୍ପର୍କୀୟ ଅଟୁ । କିନ୍ତୁ, ମୋର ପ୍ରଭୁ, ଆମେ କିପରି ଭାବରେ ସହମତ ନୋହୁଁ; ଓଃ, କେତେ ଭୟଙ୍କର । କିନ୍ତୁ, ଠିକ ସମାନ ଭାବରେ, ଆମେମାନେ ଭାଇ ଅଟୁ ।

19 ତେବେ, ମୁଁ ଏହି ସପ୍ତାହ ବିଷୟରେ ଚିନ୍ତା କରୁଥିଲି, ଆସନ୍ତା ସପ୍ତାହ ବିଷୟରେ, ଯଦି ମୁଁ ବିଦେଶକୁ ନ ଯାଏ, ତେବେ ହୋଇପାରେ...ଭାଇ କାବଲ୍ ଆସିବେ, ଏବଂ ସେ ଲୁଇସ୍‌ଭିଲେରେ ଏକ ଅଭିଯାନ ଆରମ୍ଭ କରିବାକୁ ଚାହୁଁଥିଲେ, ଏବଂ ସେ ଅସ୍ତ୍ରଶସ୍ତ୍ର ରଖିବାର ସେହି ସ୍ଥାନକୁ ନେବାକୁ ଚାହୁଁଥିଲେ ଯେଉଁଠାରେକି ଆମେ ଅନ୍ୟ ରାତିରେ ଆମର ଆରୋଗ୍ୟତା ସେବା କରିଥିଲୁ । ଏବଂ ପ୍ରଭୁ କେତୋଟି ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିଥିଲେ । ଆଉ ତେଣୁକରି...କିନ୍ତୁ ତାହାପରେ ମୁଁ ଜାଣିବାକୁ ପାଇଲି ଯେ ଡେଲ ରିଓ, ଟେକ୍ସାସରୁ ସେହି ଭାଇମାନେ, ଜେସୁପ୍ ଭାଇମାନେ, ଲୁଇସ୍‌ଭିଲେରେ ଏକ ସେବା କରୁଛନ୍ତି ଏବଂ ଏହି ପରବର୍ତ୍ତୀ ଆଗାମୀ ସପ୍ତାହଗୁଡିକ ପାଇଁ ସେମାନେ ସେଠାରେ ସେମାନଙ୍କର ସର୍ବୋତ୍ତମ ବକ୍ତାଙ୍କୁ ପାଇଛନ୍ତି । ଏବଂ କହିଲେ ଯେ ସେ ଜାଣି ନାହାଁନ୍ତି ଯେ କେବେ ଛାଡି କରି ଯାଉଅଛନ୍ତି । ଚାର୍ଲ୍ସ, ମୁଁ ବିଶ୍ୱାସ କରେ ଯେ ଏହା ହିଁ ଅଟେ, ଯାହାକି ଆସନ୍ତା ସପ୍ତାହରେ ସେଠାରେ ରହିବ, ଏବଂ ମୁଁ ନିଶ୍ଚିତ ଭାବରେ ଅନ୍ୟ କୌଣସି ସ୍ଥାନରେ ଉଦ୍ଦୀପନା ଆରମ୍ଭ କରିବି ନାହିଁ ଆଉ ଯେତେବେଳେକି ସେହି ପ୍ରକାରର ଏକ ଅଭିଯାନ ଚାଲିଥାଏ ।

20 ଏବଂ ସେମାନେ ଏକ ଆରୋଗ୍ୟତା ଅଭିଯାନ ମଧ୍ୟ କରୁଅଛନ୍ତି । ଆଉ ତେବେ ସେହି ଆରୋଗ୍ୟତା ଅଭିଯାନ ଅପରାହ୍ନରେ, ଆଜି ଅପରାହ୍ନରେ ଅଛି । ଏବଂ ତେଣୁକରି ମୁଁ ଏକ ସଭା ଆରମ୍ଭ କରିବାକୁ ଚାହିଁବି ନାହିଁ ଆଉ—ଆଉ ସେମାନଙ୍କର ସେଠାରେ ଏକ ସଭା ଚାଲୁଥିବ, 'କାରଣ ମୁଁ ଜାଣେ ଯେ ଏହା କୌଣସିଠାରେ ରହିବା କଅଣ ଅଟେ ଏବଂ ଏହା କେବଳ...ଓଃ, ଆପଣ ଜାଣନ୍ତି, ଯେତେବେଳେ ମୁଁ ଏକ ସଭା ଆୟୋଜନ କରୁଥାଏ ଏବଂ କେହି ଜଣେ ଉଠନ୍ତି ଆଉ ସେହିପରି ଏକ ଛୋଟ ସଭା ଆରମ୍ଭ କରନ୍ତି । ଏହା ଠିକ ସେତିକି ଭଲ ଦେଖାଯାଏ ନାହିଁ, ଏହା ତାକୁ ସଠିକ୍ ସ୍ଥାନ ଦିଏ ନାହିଁ, ଆପଣ ଜାଣନ୍ତି । ତେଣୁକରି

ଆମେ ଟିକିଏ ପରେ ଅଳ୍ପ ସମୟ ଅପେକ୍ଷା କରିବା, ହୋଇପାରେ ଯେ ପ୍ରଭୁ ଆମକୁ ସାହାଯ୍ୟ କରିବେ । ସେ ଯେକୌଣସି ପ୍ରକାରେ, ଆମକୁ ସାହାଯ୍ୟ କରିବେ, ଏବଂ ତେଣୁକରି ଆମେ କେବଳ ବିଶ୍ୱାସ କରୁ ଏବଂ ଧରି ରହୁ ଓ ପରମେଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ରହୁ ।

ବର୍ତ୍ତମାନ ଆମେମାନେ ପ୍ରାର୍ଥନା କରିବା:

21 ସ୍ୱର୍ଗସ୍ଥ, ପିତା, ତୁମର ଆଶୀର୍ବାଦ ବର୍ତ୍ତମାନ ଆମ ଉପରେ ଉଜ୍ଜ୍ୱଳ ହେଉ ଯେତେବେଳେକି ମୁଁ ଏହି ପ୍ରଶ୍ନଗୁଡିକର ଉତ୍ତର ଦେବା ପାଇଁ ଆଗକୁ ଯାଉଅଛି । ହେ ପରମେଶ୍ୱର, ଠିକ୍…ସେମାନଙ୍କ ମଧ୍ୟରୁ ଏଠାରେ କେତେକ ଅଛନ୍ତି ଯାହାଙ୍କୁ ମୁଁ ଏପର୍ଯ୍ୟନ୍ତ ଦେଖି ସୁଦ୍ଧା ନାହିଁ, ଆଉ କେବଳ ଦୁଇଟି ବା ତିନୋଟି ଯାହାକି ମୁଁ—ମୁଁ କିଛି ସମୟ ପୂର୍ବରୁ ପାଠ କରିଥିଲି । ପିତା, ମୁଁ ପ୍ରାର୍ଥନା କରେ, ଯେ ତୁମେ ମୋତେ ସାହାଯ୍ୟ କରିବ ଏବଂ ମୋତେ ଜ୍ଞାନ ଏବଂ ବୁଦ୍ଧିମତ୍ତା ଦେବ, ଯେ ମୁଁ କେବଳ ତାହା କହିବି ଯାହା ଠିକ୍ ଅଟେ । ପିତା, ଏହା ପ୍ରଦାନ କର । ଏବଂ ଏହା ହେଉ ଯେ ମୋ ପାଖରେ ତୁମର ଜ୍ଞାନ ରହୁ ଏବଂ ପବିତ୍ରଆତ୍ମା ଠିକ ବର୍ତ୍ତମାନ ହିଁ ତଳକୁ ଓହ୍ଲାଇ ଆସନ୍ତୁ ଓ ପ୍ରୟୋଜନୀୟ ଜ୍ଞାନ ପ୍ରଦାନ କରନ୍ତୁ । ପ୍ରଭୁ, ଏଠାରେ ଥିବା ଏହି ଛୋଟ ଆରାଧନାଳୟ ଗୋଷ୍ଠୀ ଭାବରେ, ଆଜି ଆମକୁ ଏକାଠି ଆଶୀର୍ବାଦ କର ।

22 ଏଠାରେ, ଆମର ପ୍ରିୟ ପ୍ରିୟ ଭାଇ, ଭାଇ ନେଭିଲ୍‌ଙ୍କୁ ଆଶୀର୍ବାଦ କର, ହେ ପିତା, ସେ ସଙ୍ଗରେ ପରିଶ୍ରମ କରୁଛନ୍ତି, ଏଠାରେ ଚାରଣଭୂମିରେ ଜଣେ ମେଷପାଳକ, ଯିଏକି—ଯିଏକି ମେଷମାନଙ୍କୁ ସବୁଜ ଘାସ ଏବଂ ନରମ ଘାସ ଦେଇ କଢାଇ ନେବାକୁ ଚେଷ୍ଟା କରୁଛନ୍ତି, କିମ୍ବା ପାଣି ଭିତରକୁ ନେଇ ପୁଣି ତାହାପରେ ଛାୟା ଗଛକୁ ନେଇଯିବାର ଚେଷ୍ଟା କରୁଛନ୍ତି, ଏବଂ ଅସୁସ୍ଥ, ଓ ଅଭାବୀ ଏବଂ ସେହି ଛୋଟ ଛୋଟ ଅପଙ୍ଗ ଶିଶୁମାନଙ୍କର ଏବଂ କ୍ଳାନ୍ତ ଲୋକମାନଙ୍କର ଯତ୍ନ ନେବାକୁ ଓ ସେମାନଙ୍କୁ ସେବା ସୁଶ୍ରୂଷା କରିବାକୁ ଏବଂ ସେମାନଙ୍କୁ ନେଇ ଆସିବାକୁ ଚେଷ୍ଟା କରୁଛନ୍ତି, ଯେପରିକି ସେମାନେ ପ୍ରକୃତ ମେଷ ହେବେ । ହେ ପିତା, ମୁଁ ପ୍ରାର୍ଥନା କରେ ଯେ ତୁମେ ତାଙ୍କୁ ଆଶୀର୍ବାଦ କରିବ । ତାଙ୍କୁ ଜ୍ଞାନ ଏବଂ ବୁଦ୍ଧି ଏବଂ ବୁଝାମଣା ପ୍ରଦାନ କରିବ ।

23 ଆଉ, ହେ ପିତା, ବର୍ତ୍ତମାନ ଆମ ସମସ୍ତଙ୍କୁ ଏକାଠି ସାହାଯ୍ୟ କର, ଏବଂ ଆମେ ତୁମକୁ ପ୍ରଶଂସା ଦେବୁ । ଯୀଶୁଙ୍କ ନାମରେ । ଆମେନ୍ ।

24 ବର୍ତ୍ତମାନ, ଏଠାରେ ଏମାନଙ୍କ ମଧ୍ୟରୁ କେତେକରେ, ମୁଁ ସେମାନଙ୍କୁ ବାହାର କରି ରଖିବି, ମୁଁ ସେଗୁଡିକୁ ଶାସ୍ତ୍ରର କୌଣସି କୌଣସି ଅଂଶରେ ଥୋଇ ଦେଇଅଛି ଯେଉଁଠାରେ ସେମାନଙ୍କର—ଯେଉଁଠାରେ ସେମାନଙ୍କର ବିଷୟ ରହିଥିଲା । ଏବଂ ବର୍ତ୍ତମାନ ଆମେ କେବଳ କେତୋଟି ବିଷୟ ଉପରେ ଆରମ୍ଭ କରିବା, ଏବଂ ଉତ୍ତର ଦେଇ ଚାଲିବା ଯେପର୍ଯ୍ୟନ୍ତକି ଆମେ ଯଥାସମ୍ଭବ ଯେତିକି ପାରିବା ସେତିକି ଅଧିକ ଆମେ ନେବା—ନେବା । ଏବଂ ମୁଁ ବିଶ୍ୱାସ କରେ ଯେ ଆମେ ସେଗୁଡିକୁ ସମସ୍ତଙ୍କୁ ନେଇପାରିବା, ଏବଂ ମୁଁ ଏକ ପ୍ରକାରେ ଏଠାରେ ଲକ୍ଷ୍ୟ ରଖିବି ଯେ ଆମେ ଯେପରି ଶୀଘ୍ର ବାହାରି ଯାଉ ।

25 ପ୍ରଥମ ବିଷୟଟି କେବଳ ଏକ ପ୍ରଶ୍ନ ଅଟେ, କେବଳ ଏକ ସୀଧା ସଳଖ ପ୍ରଶ୍ନ:

**୪. ମୁଁ ତେର ବର୍ଷ ବୟସରେ ବାପ୍ତିଜିତ ହୋଇଥିଲି । କଅଣ ମୋତେ ପୁନର୍ବାର ନେବା ଉଚିତ୍ କି?**

26 ବର୍ତ୍ତମାନ, ତାହା ପଚାରିବା ପାଇଁ ଏକ—ଏକ ସୁନ୍ଦର ଛୋଟ ପ୍ରଶ୍ନ ଅଟେ । ତେବେ, ବର୍ତ୍ତମାନ, ହେ ବନ୍ଧୁ, ମୁଁ ସବୁବେଳେ ସେହି ବ୍ୟକ୍ତିଙ୍କ ଉପରେ ତାହା ଛାଡି ଦେଇଥାଏ ।

27 ମନେରଖନ୍ତୁ, ମୁଁ ଜାଣେ ନାହିଁ...ସେଠାରେ ଜଣେ ଅଛନ୍ତି ଯାହାଙ୍କୁ ମୁଁ ଜାଣେ ଯିଏକି ଏହାକୁ ଲେଖିଛନ୍ତି, ଯେ ଠିକ ଏଠାରେ ରଖା ହୋଇଥିବା ଏହି ଗୋଟିକ, ଏବଂ ସେହି ବ୍ୟକ୍ତି ନିଜେ ମୋତେ ତାହା ଦେଇଥିଲେ । ଆଉ କେହି ଜଣେ ମୋତେ ସେଠାରେ ପଛରେ ଏକ ପ୍ରଶ୍ନ ପଚାରିଲେ ଯାହାକି ମୁଁ ଉତ୍ତର ଦେବା ଉଚିତ୍, ଏବଂ ସେମାନେ ଏହାକୁ କଦାପି କାଗଜରେ ଲେଖି ନ ଥିଲେ, ଆଉ ମୁଁ କହିଲି, "ଯଦି ମୁଁ ଏଗୁଡ଼ିକ ଏଠାରେ କରିବା ପରେ ଯଥେଷ୍ଟ ସମୟ ପାଏ ତେବେ ମୁଁ ଏହାର ଉତ୍ତର ଦେବି ।"

28 କିନ୍ତୁ ବର୍ତ୍ତମାନ ଏହା ଏଠାରେ, "କଅଣ ମୋତେ ଉଚିତ ଅଟେ...କଅଣ ମୁଁ ଥିଲି..."

**ମୁଁ ତେର ବର୍ଷ ବୟସରେ ବାପ୍ତିଜିତ ହୋଇଥିଲି । କଅଣ ମୁଁ ପୁନର୍ବାର ବାପ୍ତିଜିତ ହେବି କି?**

29 ଯଦି ଆପଣ ତେର ବର୍ଷ ବୟସରୁ, ଜଣେ ଖ୍ରୀଷ୍ଟିୟାନ ହୋଇ ରହି ଆସିଛନ୍ତି, ଖ୍ରୀଷ୍ଟଙ୍କଠାରେ ଜଣେ ବିଶ୍ୱାସୀ ଭାବରେ, ତାହାହେଲେ ମୁଁ—ମୁଁ ଠିକ ସେହିପରି ଭାବରେ ରହିବି ଯେପରିକି ଆପଣ ଅଛନ୍ତି । ମୁଁ ବର୍ତ୍ତମାନ ତାହା କରନ୍ତି ନାହିଁ, ଯଦି ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରିଛନ୍ତି ଏବଂ ସେହି ସମୟଠାରୁ ଆପଣଙ୍କୁ ପବିତ୍ରଆତ୍ମା ଦେଇଛନ୍ତି ।

30 ଆଉ ବାପ୍ତିସ୍ମ ତ କେବଳ ଏକ—ଏକ—ଏକ ରୂପ ଅଟେ, ଏହା ତ କେବଳ ଜଗତକୁ—କୁ ଦେଖାଇବା ପାଇଁ (କିମ୍ବା ସେହି ମଣ୍ଡଳୀକୁ ଯାହା ସହିତ ଆପଣ—ଆପଣ ସେହି ସମୟରେ ସଂଲଗ୍ନ ଅଟନ୍ତି) ଯେ ଆପଣ, ସାକ୍ଷୀମାନଙ୍କ ସମ୍ମୁଖରେ, ଏହା ପ୍ରମାଣ ଦେଲେ ଯେ ଆପଣ ଏହା ବିଶ୍ୱାସ କରିଛନ୍ତି ଯେ ପରମେଶ୍ୱର ତାହାଙ୍କର ପୁତ୍ରଙ୍କୁ ପଠାଇଥିଲେ ଏବଂ ସେ ମୃତ୍ୟୁବରଣ କଲେ ଏବଂ ତୃତୀୟ ଦିନରେ ପୁନରୁତ୍ଥିତ ହେଲେ, ଆଉ ଆପଣ ତାହାଙ୍କଠାରେ କବର ପ୍ରାପ୍ତ ହେଲେ ଓ ଜୀବନର ନୂତନୀକରଣରେ ଚାଲିବା ପାଇଁ ଉତ୍ଥିତ ହେଲେ । ଏବଂ ସେହି ସମାନ ଲୋକମାନେ ଯେଉଁମାନେକି ଆପଣଙ୍କୁ ବାପ୍ତିଜିତ ହେବା ସମୟରେ ଦେଖିଥିଲେ ଆପଣଙ୍କୁ ସେହି ବିଚାର ସମୟରେ ଭେଟିବେ । ଦେଖନ୍ତୁ?

31 ଏବଂ ତାହାପରେ ସଙ୍ଗରେ, ଯଦି କେହି (ଜଣେ ଅପରିଚିତ ବ୍ୟକ୍ତି) କୁହନ୍ତି, "ଆପଣ ଥିଲେ କି?"

32 "ହଁ, ମୁଁ ବାପ୍ତିଜିତ ହୋଇଛି ମୋ ସହିତରେ...ମୋର ପ୍ରଭୁଙ୍କ ମୃତ୍ୟୁ ଓ ସମାଧି ପ୍ରତି ।"

33 ଦେଖନ୍ତୁ, ମୁଁ ଭାବେ ଯେ ବାପ୍ତିସ୍ମ...ଓଃ, ମୁଁ ନିଶ୍ଚିତରେ କୁହେ ଯେ ଏହା ଜରୁରୀ ଅଟେ, ମୁଁ ଏହା କହିବାକୁ ଚାହେଁ ନାହିଁ ଯେ ଏହା ଜରୁରୀ ନୁହେଁ ବୋଲି । ମାତ୍ର ଏହା ଜରୁରୀ ଅଟେ

କାରଣ ଏହା...ପରମେଶ୍ୱରଙ୍କ ପ୍ରତ୍ୟେକ ଆଜ୍ଞା ଜରୁରୀ ଅଟେ । କଅଣ ଆପଣ ସେହିପରି ଅଟେ ବୋଲି ଭାବୁନାହାଁନ୍ତି କି? ଏହା ଜରୁରୀ ଅଟେ ଯେ ଆମେ ବାପ୍ତିଜିତ ହେବା ଉଚିତ୍ । ଯୀଶୁ ଏହି ବିବୃତ୍ତିକୁ ସାଧୁ ମାଥିଉ, କିମ୍ବା ସାଧୁ ମାର୍କ 16 ରେ ଦେଇଛନ୍ତି, ସେ କହିଲେ, "ସମସ୍ତ ଜଗତକୁ ଯାଅ ଏବଂ ସୁସମାଚାର ପ୍ରଚାର କର, ଯିଏ ତାହାକୁ ବିଶ୍ୱାସ କରେ ଓ ବାପ୍ତିଜିତ ହୁଏ ସେ ଉଦ୍ଧାର ପାଇବ ।" ଏବଂ ଯେତେବେଳେ ସେ ନୀକଦୂମଙ୍କ ସହ କଥାବାର୍ତ୍ତା ହେଉଥିଲେ, ସେ କହିଲେ, "ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ଜଳ ଏବଂ ଆତ୍ମା ଦ୍ୱାରା ଜନ୍ମ ନ ନିଏ ତେବେ ସେ କୌଣସି ପ୍ରକାରେ ପ୍ରବେଶ କରିବ ନାହିଁ ।" ଦେଖନ୍ତୁ? ଏହା ବାପ୍ତିଜିତ ହେବା ଜରୁରୀ ଅଟେ । ମୁଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ବାପ୍ତିସ୍ମରେ, ଡୁବିତ ହେବାରେ ବିଶ୍ୱାସ କରେ, ଏବଂ ଜୀବନର ନୂତନୀକରଣରେ ପୁନରୁତ୍ଥିତ ହେବାରେ ବିଶ୍ୱାସ କରେ, ଯେପରିକି ପରମେଶ୍ୱରଙ୍କ ଆଜ୍ଞାଗୁଡିକରେ ଚାଲେ ।

34 କିନ୍ତୁ, ଆପଣ କୁହନ୍ତି, "ଭାଇ ବିଲ୍, କଅଣ ଆପଣ କେବେ କାହାରିକୁ ପୁନର୍ବାର ବାପ୍ତିଜିତ କରିଛନ୍ତି କି, ଯିଏକି ସେତେବେଳେ ବାପ୍ତିଜିତ ହୋଇଥିଲେ ଯେତେବେଳେ ସେମାନେ ଏକ ସାନ ବାଳକ ଥିଲେ ଏବଂ ପରେ ପୁନର୍ବାର ବାପ୍ତିଜିତ ହୋଇଥିଲେ?" ବହୁତ ଥର ।

35 ସେଠାରେ—ସେଠାରେ ପ୍ରକାଶିତ ବାକ୍ୟରେ, ତାର ଦ୍ୱିତୀୟ ପର୍ବରେ ଏକ ଶାସ୍ତ୍ରାଂଶ ଅଛି, ମଣ୍ଡଳୀକୁ କହୁଛନ୍ତି, ସେ କହିଲେ, "ମନ ଫେରଣ କର ଏବଂ ନିଜର ପ୍ରଥମ କର୍ମଗୁଡିକ ପୁନର୍ବାର କର ।" ଏବଂ ସେମାନଙ୍କ ମଧ୍ୟରୁ ଅନେକେ ଏହା କହିବା ପାଇଁ ସେହି ଶାସ୍ତ୍ରକୁ ଏହିପରି ଭାବରେ ବ୍ୟାଖ୍ୟା କରନ୍ତି, ଯେ ତାହାର ଅର୍ଥ ଆପଣଙ୍କୁ ଠିକ୍ ପଛକୁ ଯିବାକୁ ପଡିବ ଏବଂ ସମାନ ଭାବରେ ସେହି କାର୍ଯ୍ୟ କରିବାକୁ ପଡିବ । ତେବେ, ଯଦି ଆପଣମାନେ ଧ୍ୟାନ ଦେବେ, ହେ ପ୍ରିୟ ଖ୍ରୀଷ୍ଟିଆନ ବନ୍ଧୁ...

36 ତେବେ, ମୁଁ ବର୍ତ୍ତମାନ ଏଥି ସହିତରେ ଅସହମତ ହେଉନାହିଁ, ଦେଖନ୍ତୁ, କାରଣ ଆମର ବାପ୍ତିସ୍ମ କୁଣ୍ଡ ଭରି ଯାଇଅଛି । ଯେକୌଣସି ସମୟରେ ବାପ୍ତିଜିତ ହେବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କୁ ଆମେ ବାପ୍ତିଜିତ କରିବା ପାଇଁ ପ୍ରସ୍ତୁତ ଅଟୁ । କିନ୍ତୁ ଆମେମାନେ ଅସହମତ ହେଉନାହୁଁ । ଯଦି ଆପଣ ବାପ୍ତିଜିତ ହେବାକୁ ଚାହୁଁଛନ୍ତି, ଯଦି ତାହାହିଁ ଏପରି କିଛି ବିଷୟ ଅଟେ ଯାହାକି ଆପଣଙ୍କ ମାର୍ଗରେ ଅବରୋଧ ଭାବରେ ଛିଡା ହୋଇଛି ଏବଂ ଆପଣ ଅନୁଭବ କରନ୍ତି ଯେ ଆପଣଙ୍କୁ କରିବା ଉଚିତ୍, ତାହାହେଲେ ଆପଣ ଯାଆନ୍ତୁ ଓ ତାହା କରନ୍ତୁ । ତାହା ଠିକ୍ ଅଟେ । ଆପଣ ଯାଆନ୍ତୁ ଓ ତାହା କରନ୍ତୁ । ନିଜର ମାର୍ଗରେ କିଛି ହେଲେ ଆସିବାକୁ ଦିଅନ୍ତୁ ନାହିଁ, ଆପଣ ନିଜକୁ ସମ୍ପୂର୍ଣ୍ଣ ରୂପେ ପରିଷ୍କାର କରି ଦିଅନ୍ତୁ ।

37 ଠିକ ଯେପରିକି ଯଦି—ଯଦି ଆପଣ ଅନେକ ବର୍ଷ ପୂର୍ବେ, କିଛି ନେଇଥାନ୍ତି, ଏବଂ ଆପଣ ଅନୁଭବ କରନ୍ତି ଯେ ଆପଣଙ୍କୁ ତାହା ସଠିକ୍ କରିବା ଉଚିତ୍, ଆପଣ ଯାଆନ୍ତୁ ଓ ତାହା ସଠିକ୍ କରନ୍ତୁ । ଯାଏ ଆସେ ନାହିଁ ଯେ ତାହା କଅଣ ଅଟେ । ଆପଣ ସମସ୍ତ କିଛି ବିଷୟକୁ ପରିଷ୍କାର କରି ରଖନ୍ତୁ । କାରଣ ଆପଣ ସେହି ବିଷୟକୁ ଆସିବେ, ଏବଂ ଆପଣ ତାହାଠାରୁ ଆଗକୁ ବଢି

ପାରିବେ ନାହିଁ ଯେପର୍ଯ୍ୟନ୍ତକି ଆପଣ ସେହି ବିଷୟକୁ ନିଜ ମାର୍ଗରୁ ବାହାର ନ କରି ଦିଅନ୍ତି, ଆପଣ ଦେଖନ୍ତୁ। ଆପଣଙ୍କୁ ତ କେବଳ ପ୍ରତ୍ୟେକ ସେହି ସହଜରେ ବେଷ୍ଟନକାରୀ ଭାରକୁ ଏବଂ ପ୍ରତ୍ୟେକ ସେହି ବସ୍ତୁକୁ ପୃଥକ କରିବାକୁ ଅଛି।

38 ଏବଂ ଯଦି ଆପଣ ପୁନର୍ବାର ବାପ୍ତିଜିତ ହେବାକୁ ଚାହାଁନ୍ତି, ତାହାହେଲେ ଆଗକୁ ବଢନ୍ତୁ, କରିବା ପାଇଁ ତାହାହିଁ ସେହି ବିଷୟ ଅଟେ। ମୁଁ ଅନେକଙ୍କୁ ପୁନର୍ବାର ବାପ୍ତିଜିତ କରିଅଛି।

39 କିନ୍ତୁ ବର୍ତ୍ତମାନ ସେହି ଶାସ୍ତ୍ରାଂଶ ବିଷୟରେ ଯାହାକୁ ଆପଣ ଉଦ୍ଧୃତ କରୁଛନ୍ତି, ତାହା କୌଣସି ଜଣେ ବ୍ୟକ୍ତିଗତ ଲୋକଙ୍କ ସହ କଥାବାର୍ତ୍ତା କରିବା ନ ଥିଲା, ତାହା ତ ଏକ ମଣ୍ଡଳୀ ସହିତ କଥୋପକଥନ ଥିଲା। ଦେଖନ୍ତୁ, ସେହି ମଣ୍ଡଳୀ, ଯାହା ସେମାନେ କଅଣ କରିଥିଲେ, ସେମାନେ ସେମାନଙ୍କର ପ୍ରଥମ ପ୍ରେମକୁ ହରାଇ ଦେଇଥିଲେ, ଦେଖନ୍ତୁ, ସେହି ପ୍ରକୃତ ଲହୁଣୀକୁ ଯାହାକି ସେମାନଙ୍କର ଆରମ୍ଭରେ ରହିଥିଲା। ଆଉ ସେ କହିଲେ, "ଯେପର୍ଯ୍ୟନ୍ତ ତୁମେ ମନ ଫେରଣ କରି ପୁନର୍ବାର ଏହି ପ୍ରଥମ କର୍ମଗୁଡିକୁ ନ କର," ଠିକ୍ ପଛରୁ ଆରମ୍ଭ କର ଏବଂ ସେହି ବିଷୟକୁ ପ୍ରାପ୍ତ କର। ସେ ମଣ୍ଡଳୀ ସହିତ କଥାବାର୍ତ୍ତା କରୁଛନ୍ତି, "ଯେପର୍ଯ୍ୟନ୍ତ ତୁମେ ଅନୁତାପ କରି ପୁନର୍ବାର ଫେରି ନ ଆସ," ତେବେ, ତାହହେଲେ, ସେ ପ୍ରଦୀପକୁ ସ୍ଥାନାନ୍ତରଣ କରିବାକୁ ଯାଉଥିଲେ।

40 କିନ୍ତୁ ଯଦି ଆପଣ ବାପ୍ତିଜିତ ହେବାକୁ ଚାହୁଁଛନ୍ତି, ଏବଂ ଆପଣ ତେର ବର୍ଷ ବୟସରେ ବା ଯେକୌଣସି ବୟସରେ ବାପ୍ତିଜିତ ହୋଇଥିଲ, କାହିଁକି, ଆପଣ—ଆପଣ ବାପ୍ତିଜିତ ହୁଅନ୍ତୁ ଯଦି ତାହା ଆପଣଙ୍କ ମାର୍ଗରେ ବାଧା ଦେଉଥାଏ।

41 କିନ୍ତୁ ବର୍ତ୍ତମାନ ତାହା ଶାସ୍ତ୍ର ଅନୁସାରେ କହିବାକୁ ଗଲେ ମୁଁ କହିପାରେ ଯେ ଆପଣଙ୍କୁ ପୁନର୍ବାର ବାପ୍ତିଜିତ ହେବା ଉଚିତ୍, ସେଠାରେ କେବଳ ଗୋଟିଏ ମାତ୍ର ଶାସ୍ତ୍ରାନୁସଙ୍ଗତ ଉପାୟ ଅଛି ଯାହାକି ମୁଁ ଘୋଷଣା କରିପାରେ—କରିପାରେ ଯେ ଲୋକମାନେ ପୁନର୍ବାର ବାପ୍ତିଜିତ ହୋଇଥିଲେ। ସମଗ୍ର ବାଇବଲରେ କେବଳ ଗୋଟିଏ ଶାସ୍ତ୍ରାଂଶ ଅଛି ଯେ ଲୋକମାନେ ପୁନର୍ବାର ବାପ୍ତିଜିତ ହୋଇଥିଲେ, ଏବ ତାହା ସେମାନେ ଥିଲେ ଯେଉଁମାନେକି ପବିତ୍ରଆତ୍ମା ଆସିବା ପୂର୍ବରୁ ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହୋଇଥିଲେ। ପାଉଲ, ପ୍ରେରିତ କ୍ରିୟା 19:5 ରେ, ସେମାନଙ୍କୁ କହିଥିଲେ ଯେ ସେମାନଙ୍କୁ ପବିତ୍ରଆତ୍ମା ଗ୍ରହଣ କରିବା ପାଇଁ ପୁନର୍ବାର ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ପୁନଃବାପ୍ତିଜିତ ହେବାକୁ ପଡିବ। ବୁଝିଲେ?

42 ତେବେ—ତେବେ, ଆପଣଙ୍କୁ ପବିତ୍ରଆତ୍ମା ଗ୍ରହଣ କରିବା ପାଇଁ ବାପ୍ତିଜିତ ହେବାକୁ ପଡିବ ନାହିଁ, କାରଣ ଆପଣ ତ ପବିତ୍ରଆତ୍ମାଙ୍କୁ ସେତେବେଳେ ଗ୍ରହଣ କରିପାରନ୍ତି ଯେତେବେଳେ ଆପଣଙ୍କର ହୃଦୟ ଠିକ୍ ଥାଏ। ବୁଝିଲେ? କାରଣ, ପ୍ରେରିତ କ୍ରିୟା 2 ରେ, ପିତର ଏକ ସୂତ୍ର—ଏକ ସୂତ୍ର ଦିଅନ୍ତି ଯେ "ମନ ଫେରଣ କର, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ, ଆଉ ତୁମେମାନେ ପବିତ୍ରଆତ୍ମାଙ୍କ ଦାନ ପ୍ରାପ୍ତ ହେବ।" କିନ୍ତୁ ତାହାପରେ, ପ୍ରେରିତ କ୍ରିୟା 10:49 ରେ, ପରମେଶ୍ୱର ବୁଲି ପଡି ବିଜାତିମାନଙ୍କୁ ପବିତ୍ରଆତ୍ମାଙ୍କର ବାପ୍ତିସ୍ମ

ଦେଲେ ଏହା ପୂର୍ବେକି ସେମାନେ ଆଦୌ କେବେ ବାପ୍ତିଜିତ ସୁଦ୍ଧା ହୋଇ ନ ଥିଲେ । ଆପଣ ଦେଖୁଛନ୍ତି କି? ତେଣୁକରି, ଆପଣ ଦେଖନ୍ତୁ, ଏହା ଆପଣଙ୍କର ହୃଦୟର ଅବସ୍ଥା ଅଟେ ।

43 ଏହାପରେ ପିତର କହିଲେ, "କଅଣ ଆମେମାନେ ଜଳକୁ ବାରଣ କରିପାରିବା, ଏହା ଦେଖି ଯେ ଏହି ଲୋକମାନେ ପବିତ୍ରଆତ୍ମା ପ୍ରାପ୍ତ ହୋଇଛନ୍ତି ଯେପରିକି ଆମେ ପ୍ରାରମ୍ଭରେ ପାଇଥିଲୁ?" ଆପଣ ଦେଖୁଛନ୍ତି କି? ତେଣୁକରି ତେବେ ସେ—ସେ ସେମାନଙ୍କୁ ବାଧ୍ୟ କଲେ ଯେ ସେମାନେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବା ଆବଶ୍ୟକ ଅଟେ ।

44 ତାହାପରେ ପାଉଲ, ପ୍ରେରିତ କ୍ରିୟା 19 ରେ, କହିଲେ...ପାଉଲ, ଏଫିସର ଉପର ଉପକୂଳବର୍ତ୍ତୀ ଅଞ୍ଚଳ ଦେଇ ଯାଉଥିଲେ, ସେ କିଛି ଶିଷ୍ୟମାନଙ୍କୁ ଦେଖା ପାଇଲେ, ଏବଂ ସେ ସେମାନଙ୍କୁ କହିଲେ, "ତୁମେ ବିଶ୍ୱାସ କରିବା ସମୟଠାରୁ କଅଣ ପବିତ୍ରଆତ୍ମା ପାଇଛ କି?"

45 ସେମାନେ କହିଲେ, "ଆମେ ଜାଣି ନାହୁଁ ଯେ...କୌଣସି ପବିତ୍ରଆତ୍ମା ଅଛନ୍ତି ବୋଲି ଜାଣି ନାହୁଁ ।"

ସେ କହିଲେ, "ତୁମେ କେଉଁଥିରେ ବାପ୍ତିଜିତ ହୋଇଥିଲ?"

ସେମାନେ ଥିଲେ । ସେମାନେ କହିଲେ, "ଆମେମାନେ ଯୋହନଙ୍କ ବାପ୍ତିସ୍ମରେ ରେ ବାପ୍ତିଜିତ ହୋଇଥିଲୁ ।"

46 ସେ କହିଲେ, "ଯୋହନ ମନ ଫେରଣ ପାଇଁ ବାପ୍ତିଜିତ କରିଥିଲେ, ଏହା କହି ଯେ 'ତୁମମାନଙ୍କୁ ଆଗମନ କରିବାକୁ ଥିବା, ସେହି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରିବା ଉଚିତ୍ ।" ଏବଂ ଯେତେବେଳେ ସେମାନେ ଏହା ଶୁଣିଲେ, ସେମାନେ ପୁନର୍ବାର ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଲେ । ଦେଖନ୍ତୁ? ତେଣୁକରି ତେବେ ତାହା...

47 ବର୍ତ୍ତମାନ, ଏହା ଉପରେ, ତାହା...କିନ୍ତୁ କେବଳ ଏହା କହିବା ଯେ ଆପଣ ତେର ବର୍ଷ ବୟସରେ ଖ୍ରୀଷ୍ଟିଆନ ବାପ୍ତିସ୍ମରେ ବାପ୍ତିଜିତ ହୋଇଥିଲେ, ଏବଂ ଆପଣ ସମ୍ପୂର୍ଣ୍ଣ ଜୀବନ ସାରା ଏକ ଖ୍ରୀଷ୍ଟିଆନ ଜୀବନ ଯାପନ କରିଛନ୍ତି, କିମ୍ୱା ଯଦି ଆପଣ କେତେକ ଥର ପଶ୍ଚାତଗମନ କରିଛନ୍ତି...

48 ମୁଁ ଜାଣେ ନାହିଁ ଯେ ସେମାନେ ପଶ୍ଚାତଗମନ ଉପରେ...ପାଇଛନ୍ତି କି ନାହିଁ, ମୁଁ ଭାବିଲି, "ମୁଁ ଇଚ୍ଛା କରେ ଯେ କେହି ଯାଇ...ମୋତେ ତାହା ପଚାରିବେ ।" ମାତ୍ର ପଶ୍ଚାତଗମନ ଉପରେ, ମନେରଖନ୍ତୁ, ଆପଣ ପ୍ରତିଦିନ ପଶ୍ଚାତଗମନ କରନ୍ତି, ଆପଣଙ୍କୁ ଏଥିରୁ ବଞ୍ଚିତ ହେବା ପାଇଁ ଆଦୌ କୌଣସି ଉପାୟ ହିଁ ନାହିଁ । ଠିକ୍ ଅଛି । କିନ୍ତୁ ଆପଣ ମଣ୍ଡ-ରେ ଲୋକମାନଙ୍କ ପ୍ରତି ପଶ୍ଚାତଗମନ କରାନ୍ତି..., ମାତ୍ର ପରମେଶ୍ୱରଙ୍କ ଆଗରେ ନୁହେଁ । ଦେଖନ୍ତୁ? ଆପଣ ଖ୍ରୀଷ୍ଟଙ୍କ ପ୍ରତି ପଶ୍ଚାତଗମନ କରନ୍ତି, କିନ୍ତୁ ଆପଣ ପରମେଶ୍ୱରଙ୍କ ପ୍ରତି କରନ୍ତି ନାହିଁ, 'କାରଣ, ଯଦି ଆପଣ କରନ୍ତି, ଯେତେବେଳେ ଆପଣ ପାପ କରନ୍ତି, ଆପଣ ବିନଷ୍ଟ ହୋଇଯାଆନ୍ତି । କିନ୍ତୁ ଆପଣ ନିରନ୍ତର ପଟିତ ହେଉଛନ୍ତି । ପାଉଲଙ୍କୁ ପ୍ରତିଦିନ ମରିବାକୁ ପଡିଥିଲା । କଅଣ ଏହା ଠିକ୍ କି? ତାଙ୍କୁ ପ୍ରତିଦିନ ମରିବାକୁ ପଡିଥିଲା, ପ୍ରତିଦିନ

ପଶ୍ଚାତାପ କରିବାକୁ ପଡିଥିଲା, ଏବଂ ସର୍ବଦା କେବଳ ନିରନ୍ତର ପଶ୍ଚାତାପ କରିବାକୁ ପଡିଥିଲା। ବୁଝିଲେ? ଏବଂ ଯଦି ପାଉଲଙ୍କୁ ତାହା କରିବାକୁ ପଡିଥିଲା, ତାହାହେଲେ ମୋତେ ମଧ୍ୟ, କରିବାକୁ ଅଛି। କଅଣ ଆପଣଙ୍କୁ ପଡ଼େ ନାହିଁ କି? ତାହା ଠିକ୍ ଅଟେ। ତେଣୁକରି ଆମେ...

49 କିନ୍ତୁ ବର୍ତ୍ତମାନ, ଯଦି—ଯଦି ଆପଣ ଯଦି ଆପଣ ମୁକ୍ତ କରାଯାଇଅଛନ୍ତି ଏବଂ ଆପଣ ଅନୁଭବ କରନ୍ତି ଯେ ଯୀଶୁ ଖ୍ରୀଷ୍ଟଙ୍କର ସେହି—ସେହି ରକ୍ତ ଆପଣଙ୍କୁ ପାପରୁ ପରିଷ୍କାର କରିଛି, ତାହାହେଲେ ମୁଁ—ମୁଁ...ଏବଂ ଆପଣ ଏକ ଖ୍ରୀଷ୍ଟିଆନ ଜୀବନ ଯାପନ କରିଅଛନ୍ତି, ମୁଁ—ମୁଁ ଭାବୁ ନାହିଁ ଯେ ତାହା ଆବଶ୍ୟକ ଅଟେ। ମାତ୍ର ଯଦି ଆପଣ ଚାହାଁନ୍ତି, ଠିକ୍ ଅଛି, ଏହା ଉତ୍ତମ ହେବ, ଆମେ ଏହା କରିବାକୁ ଖୁସି ହେବୁ।

50 ବର୍ତ୍ତମାନ ଏଠାରେ ଏକ ଛୋଟ ଟିପ୍ପଣୀ ଅଛି ଯାହାକି କେହି ଜଣେ ମୋତେ ସେଠାରେ ପଛରେ ଦେଇଥିଲେ:

**9. ସୁସମାଚାର ଯେତେବେଳେ ଯିହୁଦୀମାନଙ୍କ ନିକଟକୁ ଫେରିଯାଏ ସେତେବେଳେ ମଣ୍ଡଳୀ କେଉଁ ସ୍ଥିତିରେ ରହିବ?**

51 ତେବେ, ସେହି ବ୍ୟକ୍ତି ଯିଏକି ଏହାକୁ କଲେ, ସେ ଏଠାରେ ଲୂକକୁ, ଉଦ୍ଧୃତ କରୁଥିଲେ, ସେହି...ସେ—ସେ ମୋତେ କହିଲେ, ଆମ ଭାଇ, ଯେ ସେ ସେହି ବିଷୟକୁ ଉଦ୍ଧୃତ କରୁଥିଲେ ଯେଉଁଠାରେକି ଏହା କୁହେ, "ସେହି—ସେହି ବିଜାତିମାନେ ଯିରୁଶାଲମର ପ୍ରାଚୀରଗୁଡିକୁ ପଦଦଳିତ କରିବେ ଯେପର୍ଯ୍ୟନ୍ତକି ବିଜାତୀମାନଙ୍କର ସମୟ ଶେଷ ନ ହୋଇଯାଏ।" ତାହା ଲୂକ 21:24 ରେ ଅଛି। ବର୍ତ୍ତମାନ ଅତି ଧ୍ୟାନ ସହକାରେ ଶୁଣନ୍ତୁ ଏବଂ ବୋଧହୁଏ ଏହା ତାହାକୁ ପାଇଯାଇପାରେ। ସୁନ୍ଦର ପ୍ରଶ୍ନ! ଚମତ୍କାର!

> *କିନ୍ତୁ ତୁମ୍ଭେମାନେ ଯେତେବେଳେ ଯିରୁଶାଲମକୁ ସୈନ୍ୟସାମନ୍ତଙ୍କ ଦ୍ୱାରା ପରିବେଷ୍ଟିତ ଦେଖିବ, ସେତେବେଳେ ତାହା ଉତ୍ସନ୍ନ ହେବା ଯେ ସନ୍ନିକଟ ଏହା ଜାଣ।*

52 ତେବେ, ଆସନ୍ତୁ ଏହାକୁ ଅତି ନିକଟରୁ ଧ୍ୟାନ କରିବା। "ଯେତେବେଳେ ତୁମେ ଯିରୁଶାଲମକୁ ସୈନ୍ୟସାମନ୍ତଙ୍କ ଦ୍ୱାରା ପରିବେଷ୍ଟିତ ଦେଖିବ ସେତେବେଳେ ତାହା ଉତ୍ସନ୍ନ ହେବା ସନ୍ନିକଟ ଅଟେ।" ବର୍ତ୍ତମାନ, ଠିକ ସେଠାରେ ଲୋକମାନଙ୍କ ସହିତ ଏକ ବହୁତ ବଡ ଦ୍ୱନ୍ଦ୍ୱ ରହିଛି, ଯେଉଁମାନେକି ସେଥିରେ ଅଛନ୍ତି...ମାତ୍ର ଏହାକୁ ବାଇବଲ ସହିତ ଏକ ଐତିହାସିକ ଦୃଷ୍ଟିକୋଣରୁ ଧ୍ୟାନ କରନ୍ତୁ।

53 ବର୍ତ୍ତମାନ, ଆଡଭେଣ୍ଟ ଭାଇମାନେ, ସେଭେନ୍ଥ-ଡେ ଆଡଭେଣ୍ଟ ଭାଇମାନେ, ସେମାନେ ବିଶ୍ୱାସ କରନ୍ତି ଯେ—ଯେ ଯିରୁଶାଲମ ପୁନର୍ବାର ସୈନ୍ୟସାମନ୍ତଙ୍କ ଦ୍ୱାରା ପରିବେଷ୍ଟିତ ହେବ। ତେବେ, ବର୍ତ୍ତମାନ, ତାହା ସତ ହୋଇପାରେ, କାରଣ ଶାସ୍ତ୍ରର ଅନେକ ଥର ଯୁଗ୍ମ ଅର୍ଥ ରହିଥାଏ।

54 ଏବଂ କେତେ ଜଣ ଏହା ଜାଣନ୍ତି ଯେ ପ୍ରତ୍ୟେକ ଭବିଷ୍ୟତ୍‌ବାଣୀ ପାଇଁ ଶାସ୍ତ୍ରର ଏକ ଯୁଗ୍ମ ଅର୍ଥ ରହିଅଛି । ନିଶ୍ଚିତରେ ଅଛି! ହଁ, ଆଜ୍ଞା । ଏହା ତାହା କହିବ ଏବଂ ଠିକ *ଏହି* ସମୟ ପାଇଁ ତାହାର ଅର୍ଥ ଏହା ଥିବ, ଆଉ ଠିକ ବୁଲି ପଡି ଏହାକୁ ପୁନର୍ବାର *ଏଠାରେ* କୌଣସିଠାରେ ପୁନରାବୃତ୍ତି କରିବ । ଦେଖନ୍ତୁ? ଯେପରିକି…ଏବଂ ମୁଁ ସେଗୁଡିକ ମଧ୍ୟରୁ ଗୋଟିଏକୁ ଉଦ୍ଧୃତ କରିବି ଯଦି ମୁଁ ଏହାକୁ ଶୀଘ୍ର ମନେ କରିପାରେ । ଓଃ, ହଁ, ଏଠାରେ ଲୁକରେ ଗୋଟିଏ ଅଛି… ମାଥିଉ 2 ରେ କୁହେ, "ପୁଣି ଯୀଶୁଙ୍କୁ ମିସରରୁ ଡକାଯାଇଥିଲା ଯେପରିକି ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା କୁହାଯାଇଥିବା ବାକ୍ୟ ସଫଳ ହୁଏ, ଯାହାକି ବ୍ୟକ୍ତ କରେ, 'ମୋର…ମୁଁ ମୋର ପୁତ୍ରକୁ ମିସରରୁ ଆହ୍ୱାନ କରିଅଛି ।'"

55 ବର୍ତ୍ତମାନ, ସେହି ଭବିଷ୍ୟତ୍‌ବାଣୀ, ଯାହାକି ସେହି ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ସେଠାରେ ଉଲ୍ଲେଖ କରାଯାଇଥିଲା, ଅବିକଳ *ଇସ୍ରାଏଲ*କୁ ଉଲ୍ଲେଖ କରୁଥିଲେ (ଯିଏକି ପରମେଶ୍ୱରଙ୍କ ପୁତ୍ର ଥିଲେ) ଯାହାକୁ ସେ ମିସରରୁ ଡାକିଥିଲେ । ତାହା ଠିକ୍, ଆଦିପୁସ୍ତକରେ—ରେ, ଯାତ୍ରାପୁସ୍ତକରେ ଅଟେ । ମାତ୍ର ତାହାକୁ—ତାହାକୁ ସେଠାରେ—ରେ ଉଲ୍ଲେଖ କରାଯାଇଥିଲା, କିନ୍ତୁ ପୁନର୍ବାର ପୁନରାବୃତ୍ତି ହେଉଥିଲା । "ତୁମଠାରୁ ବାହାରିବ…" ଇସ୍ରାଏଲ ପରମେଶ୍ୱରଙ୍କ ପୁତ୍ର ଥିଲେ । ଆପଣ ତାହା ଜାଣିଛନ୍ତି । ସେ ଫାରୋଙ୍କୁ କହିଲେ, କହିଲେ, "ତୁମେ…" କହିଲେ ଯେ "ତୁମେ—ତୁମେ…" ଯାହା ସେ ତାହାଙ୍କ ପୁତ୍ର ସହିତ କରିଥିଲା, ଯେ ସେ ପ୍ରାଣ ନେଇ ଯାଇଥାଆନ୍ତେ…ସେ ତାହାଙ୍କର ପୁତ୍ରକୁ ଯିବାକୁ ଦେଉ ନ ଥିଲା, ତେଣୁକରି ଫାରୋ…ପରମେଶ୍ୱର ଫାରୋଙ୍କ ପୁତ୍ରକୁ ନେଇଗଲେ…ଏବଂ…କିମ୍ବା ସେହି ରାତିରେ ସଂହାରକ ଦୂତ । ତେଣୁ ଏହା ଏକ ଯୁଗ୍ମ ଅର୍ଥ ଅଟେ ।

56 ଆଉ ତେଣୁକରି, ବର୍ତ୍ତମାନ, ଯେପରିକି ଯିରୁଶାଲମ, ସୈନ୍ୟସାମନ୍ତଙ୍କ ଦ୍ୱାରା ପରିବେଷ୍ଟିତ ହୋଇଥିଲା, କିନ୍ତୁ, ଆକ୍ଷରିକ ଭାବରେ, ଐତିହାସିକ ଭାବେ, ତାହା ପ୍ରାୟଃ ଖ୍ରୀଷ୍ଟାବ୍ଦ ୨୦ ରେ ହୋଇଥିଲା ଯେତେବେଳେ ଟାଇଟସ୍ ଯିରୁଶାଲମକୁ ଘେରି ଦେଇଥିଲେ । କିନ୍ତୁ ବର୍ତ୍ତମାନ ଏହାକୁ ଅତି ଧ୍ୟାନ ସହକାରେ ଦେଖନ୍ତୁ, ଆପଣ ଭିନ୍ନତା ଦେଖିପାରିବେ, ମୁଁ ବିଶ୍ୱାସ କରେ ଯେ ପୁଣିଥରେ ଶେଷ ସମୟରେ ଯିରୁଶାଲମ ସୈନ୍ୟସାମନ୍ତଙ୍କ ଦ୍ୱାରା ପରିବେଷ୍ଟିତ ହେବ । ମାତ୍ର ମୁଁ ବିଶ୍ୱାସ କରେ ଯେ ଏଠାରେ ଏହା ତାହା ସହିତ ତୁଳନା କରୁଥିଲା ଯେତେବେଳେ ଟାଇଟସ୍ ଘେରି ଦେଇଥିଲା, ଯେତେବେଳେକି ତାର ଉତ୍ସନ୍ନ ସନ୍ନିକଟ ଥିଲା ।

57 ବର୍ତ୍ତମାନ, "ସେହି ଉତ୍ସନ୍ନ," ବିଷୟରେ କହିବା…ସେତେବେଳେ ଥିଲା ଯେତେବେଳେ ସେହି ଭବିଷ୍ୟଦ୍‌ବକ୍ତା, ଦାନିୟେଲ…"ପବିତ୍ର ସ୍ଥାନରେ ଛିଡା ହୋଇଥିଲେ ।" ଧ୍ୟାନ ଦିଅନ୍ତୁ, ସେ କହିଥିଲେ, "ଯେତେବେଳେ ତୁମେ ଉତ୍ସନ୍ନ କରୁଥିବା ସେହି ଘୃଣ୍ୟ ବସ୍ତୁକୁ ପବିତ୍ର ସ୍ଥାନରେ ଛିଡା ହୋଇଥିବାର ଦେଖିବ ।" ଦେଖନ୍ତୁ, "ସେହି ଘୃଣ୍ୟ" *ଘୃଣ୍ୟ* ର ଅର୍ଥ "ଅଶୁଚି ।" "ଯାହା ଉତ୍ସନ୍ନ କରେ," *ଉତ୍ସନ୍ନ* ର ଅର୍ଥ "ବିନଷ୍ଟ କରିବା," ହେଉଛି "ବିନାଶ କରିବା ।" "ଯେତେବେଳେ ତୁମେ ଉତ୍ସନ୍ନ କରୁଥିବା ସେହି ଘୃଣ୍ୟ ବସ୍ତୁକୁ ପବିତ୍ର ସ୍ଥାନରେ ଛିଡା ହୋଇଥିବାର ଦେଖିବ,"

ଶାସ୍ତ୍ର ଅନୁସାରେ ସେତେବେଳେ ପୂର୍ଣ୍ଣ ହୋଇଥିଲା ଯେତେବେଳେ ଟାଇଟସ୍ ଯିରୁଶାଲମକୁ ପରିବେଷ୍ଟିତ କଲା, ତାହା ଅଧିକାର କଲା…

58 ଏହି ପର୍ବର ଆରମ୍ଭରେ ଯେଉଁଠାରେ ସେମାନେ ତାହାଙ୍କୁ ପଚାରିଥିଲେ, "ଶେଷ ସମୟ କେବେ ହେବ? ଏବଂ ତାହା…ଖ୍ରୀଷ୍ଟଙ୍କର ଆଗମନର ଚିହ୍ନମାନ କଅଣ ହେବ?" ଏବଂ ସେମାନେ ତାହାଙ୍କୁ ମନ୍ଦିର ବିଷୟରେ କହିଥିଲେ, ଯେ ତାହା କିପରି ଥିଲା, ଯେ ତାହା କେତେ ବଡ଼ ପଥର ଓ ଜିନିଷସବୁରେ ସୁସଜ୍ଜିତ ହୋଇଥିଲା ।

59 ସେ କହିଥିଲେ, "ଏପରି ଏକ ସମୟ ଆସିବ ଯେତେବେଳେ ସେଠାରେ ଗୋଟିଏ ପଥର ଉପରେ ଅନ୍ୟ ପଥର ରହିବ ନାହିଁ, ଯେ ଏହାକୁ ଭାଙ୍ଗି ଦିଆଯିବ ।" ସେ ସେମାନଙ୍କୁ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ପ୍ରଦାନ କରିବା ଆରମ୍ଭ କଲେ । ତାହାପରେ, ଯୀଶୁ ବର୍ତ୍ତମାନ କୁହନ୍ତି, ତେବେ ଦାନିୟେଲଙ୍କୁ ଉଲ୍ଲେଖ କରନ୍ତି, ଯେପରିକି ସଫଳ କରାଯାଏ, କାରଣ ସମସ୍ତ ଭବିଷ୍ୟତ୍‌ବାଣୀଗୁଡ଼ିକ ଏକ ଆରେକ ସହିତ ନିଶ୍ଚିତରେ ମିଶିବା ଉଚିତ୍ । ସମଗ୍ର ଶାସ୍ତ୍ର କୌଣସି ସ୍ଥାନରେ ବି ଭଙ୍ଗାଯାଏ ନାହିଁ ।

60 ଯୀଶୁ କହିଲେ, "ଶାସ୍ତ୍ରଗୁଡିକ ଭଙ୍ଗ କରାଯାଇପାରେ ନାହିଁ ।" ଆମେନ୍ । ଏବଂ ସେଠାରେ…କଅଣ ମୁଁ ସ୍ୱର୍ଗକୁ ଯାଉଅଛି କି? ନିଶ୍ଚିତରେ, ମୁଁ ଯାଉଅଛି! ଶାସ୍ତ୍ରଗୁଡିକୁ ଭଙ୍ଗ କରାଯାଇପାରେ ନାହିଁ । ଆପଣମାନଙ୍କୁ ଯେଉଁମାନେକି ଚିହ୍ନ, ଚମତ୍କାର ଏବଂ ଆଶ୍ଚର୍ଯ୍ୟକର୍ମରେ ବିଶ୍ୱାସ କରନ୍ତି ନାହିଁ, ଆପଣ କିପରି ସେହି ଶାସ୍ତ୍ରରୁ ଦୂରେଇ ଯାଇପାରିବେ? ଶାସ୍ତ୍ରଗୁଡିକୁ ଭଙ୍ଗ କରାଯିବା ସେତିକି ଅସମ୍ଭବ ଅଟେ, ଯେତିକି ଅସମ୍ଭବ ଖ୍ରୀଷ୍ଟ (ଯିଏକି ଏଠାରେ ଉପରେ ଅଛନ୍ତି), ତାହାଙ୍କୁ ଅସ୍ୱୀକାର କରା ଯାଇପାରେ । ଯେପରିକି ତାହାଙ୍କର ମହାନ ଶରୀର ଉପରେ ଅଛି, ଏବଂ ତାହାଙ୍କ ଶରୀରର ପ୍ରତ୍ୟେକ ଗତି ତଳେ ପୃଥିବୀରେ ଏକ ଗତିକୁ ପ୍ରତିଫଳିତ କରେ, ଏହାକୁ କରିବାକୁ ହିଁ ଅଛି । ତାହାହେଲେ ଯଦି ଖ୍ରୀଷ୍ଟ…ଯଦି ଆପଣଙ୍କର…ଈଶ୍ୱରୀୟ ଆରୋଗ୍ୟତା, ପରମେଶ୍ୱରଙ୍କର ସେହି ଶକ୍ତିକୁ ଆକ୍ଷରିକ ଭାବେ ମଣ୍ଡଳୀରୁ ନେଇ ନିଆଯାଏ, ଅବା ପୃଥିବୀରେ ଥିବା ସେହି ଆତ୍ମିକ ମଣ୍ଡଳୀରୁ ନେଇ ନିଆଯାଏ, ତେବେ ଏହା ଖ୍ରୀଷ୍ଟଙ୍କଠାରୁ ନେଇ ନେବା ଅଟେ । ସେ ଆଉ ନୁହଁନ୍ତି…

61 ମାତ୍ର, ଓଃ, ସେଠାରେ ପ୍ରକୃତ ଦ୍ରାକ୍ଷାଲତାର କି ଚିତ୍ରଣ ଅଟେ, ଏବଂ ଆମେ ସେହି ଦ୍ରାକ୍ଷାଲତାର ଶାଖାମାନ ଅଟୁ । ଦେଖନ୍ତୁ? ଯେପରି ସେହି ଦ୍ରାକ୍ଷାଲତା ଗତି କରେ, ଠିକ ସେହିପରି ଶାଖାମାନେ ମଧ୍ୟ ଗତି କରନ୍ତି । କଅଣ ତାହା ଠିକ୍ ଅଟେ? ତାହାହେଲେ ତାହାଙ୍କର ମହାନ ଶରୀର ବିଷୟରେ କେତେ ସୁନ୍ଦର ଥିଲା, ଓଃ, ତାଙ୍କର ମହାନ ରକ୍ତାକ୍ତ ବାହୁଗୁଡିକ ଏବଂ ଝରୁଥିବା ଲୁହ, ଏବଂ ତାଙ୍କର ରକ୍ତାକ୍ତ ପାର୍ଶ୍ୱମାନ, ଏବଂ ତାଙ୍କର ଖୋଦିତ ପିଠି ଯାହାକି ପରମେଶ୍ୱର (ପରମପିତା) ଏବଂ ଏହି ପୃଥିବୀର ମର୍ତ୍ତ୍ୟମାନଙ୍କ ମଧ୍ୟରେ ଏହିପରି ଭାବରେ ଝୁଲି ରହିଥିଲା, ଓ ସେମାନଙ୍କ ପାଇଁ ନିବେଦନ ଏବଂ ପ୍ରେମ କରୁଥିଲା ଠିକ

ଯେତେବେଳେ ତାହାଙ୍କର ଶରୀର ଗତୀୟମାନ ଏବଂ ଶକ୍ତିରେ ଆସୁଥିଲା, ଏହାକୁ ମଣ୍ଡଳୀ ଭିତରେ ଦିଆଯାଇଅଛି।

62 ଠିକ ଯେପରି ସେ କହିଥିଲେ, "ମୁଁ ମୋ ହାତକୁ ଏହିପରି ଭାବରେ ଗତି କରାଇବି," ଏବଂ ତାହାଙ୍କର ଆକ୍ଷରିକ ଶରୀର ଗତି କରିବ। "ଏଠାକୁ ଯାଇ ସୁସମାଚାର ପ୍ରଚାର କର," ଆପଣ ଦେଖିବେ ଯେ ମଣ୍ଡଳୀଟି ସିଧା ସଳଖ ଗତି କରିବ। କାରଣ, ମୋ ଛାୟାକୁ ମୋ ହାତ ସହିତରେ ଗତି କରିବାକୁ ପଡିବ। ଆମେନ୍। କଅଣ ତାହା ଠିକ୍ କି? ଆମେନ୍। ଓଃ, ମୋର ପ୍ରଭୁ, ଯେତେବେଳେ ମୁଁ ତାହା ବିଷୟରେ ଚିନ୍ତା କରେ! ତାହା ସେଠାରେ ଅଛି, ତାହାଙ୍କ ଶରୀର ଗତି କରୁଛି, "ସମସ୍ତ ଜଗତକୁ ଯାଅ, ଶକ୍ତି ପ୍ରଦର୍ଶନ କର।" କିଛି ଯାଏ ଆସେ ନାହିଁ ଯଦି ଆମେ ଆମର ଈଶ୍ୱରତତ୍ତ୍ୱବିଦ୍ ଜ୍ଞାନ ଏବଂ ଶିକ୍ଷାଗୁଡିକ ଉପରେ ଚାଲୁ ଏବଂ ସେହିପରି କିଛି ବିଷୟ କରୁ, ଆମେ ଅତିଶୟ ଭାବରେ ବିଫଳ ହେବା। କିନ୍ତୁ ବର୍ତ୍ତମାନ ପରମେଶ୍ୱରଙ୍କ ହସ୍ତ ଗତି କରୁଛି, ଚିହ୍ନ ଏବଂ ଚମତ୍କାର ଦେଖାଯାଉଅଛି। କାହିଁକି, ହେ ମୋର ପ୍ରଭୁ!

63 ଯୀଶୁ କହିଲେ, ସେଠାରେ ତଳେ ଯେତେବେଳେ ସେ ଭୂତମାନଙ୍କୁ ବାହାର କରୁଥିଲେ... ତେବେ, ଏହି ପ୍ରଶ୍ନରୁ ଓହରିଯାଉ ନାହିଁ, କେବଳ କିଛି କ୍ଷଣ ପାଇଁ। କିନ୍ତୁ ଯୀଶୁ କହିଥିଲେ, ଯେତେବେଳେ ସେ ଭୂତମାନଙ୍କୁ ବାହାର କରୁଥିଲେ, ସେ କହିଲେ, "ତୁମର ପୁତ୍ରମାନେ କାହା ଦ୍ୱାରା ବାହାର କରନ୍ତି? ଯଦି ମୁଁ ପରମେଶ୍ୱରଙ୍କ ଆଙ୍ଗୁଳିରେ ଭୂତମାନଙ୍କୁ ବାହାର କରେ, ତୁମର ପୁତ୍ରମାନେ ସେମାନଙ୍କୁ କାହା ଦ୍ୱାରା ବାହାର କରନ୍ତି? ଯଦି ତୁମ ପାଖରେ ଏକ ଅଧିକ ଉତ୍ତମ ନୀତି ଅଛି, ତାହାହେଲେ ଆମକୁ ଦେଖାଅ।" ଦେଖନ୍ତୁ? "ଯଦି ମୁଁ ପରମେଶ୍ୱରଙ୍କ ଆଙ୍ଗୁଳିରେ..." ଆମେନ୍। କେବଳ ଚିନ୍ତା କରନ୍ତୁ, ପରମେଶ୍ୱରଙ୍କ "ଆଙ୍ଗୁଳି।" ସେଠାରେ ପରମେଶ୍ୱର ଖ୍ରୀଷ୍ଟଙ୍କ ଉପରେ ଅଛନ୍ତି; ଖ୍ରୀଷ୍ଟ ମଣ୍ଡଳୀ ଉପରେ ଅଛନ୍ତି। ସେଠାରେ ପରମେଶ୍ୱର, ପିତା ଅଛନ୍ତି, କିଛି ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ କଥା କୁହନ୍ତି; ତାହାପରେ ପରମେଶ୍ୱର, ସେହି ପୁତ୍ର, ତାଙ୍କର ହାତ ଚଲାନ୍ତି ଏବଂ ସେହି ଛାୟା ତାହାକୁ ଅନୁସରଣ କରେ। "ଯଦି ମୁଁ ପରମେଶ୍ୱରଙ୍କ ଆଙ୍ଗୁଳିରେ ଭୂତମାନଙ୍କୁ ବାହାର କରେ, ତୁମର ପୁତ୍ରମାନେ ସେମାନଙ୍କୁ କାହା ଦ୍ୱାରା ବାହାର କରନ୍ତି?"

64 ଦେଖନ୍ତୁ, ମୁଁ ଚାହେଁ ଯେ ଆପଣ ଧ୍ୟାନ ଦିଅନ୍ତୁ। ଓଃ, ଏଥିରେ କିଛି ଯାଏ ଆସେ ନାହିଁ ଯେ ଗୋଟିଏ ରୋଗ କେତେ ବଡ଼ ଅଟେ କିମ୍ବା ଶୟତାନ ଆପଣଙ୍କ ଉପରେ କେତେ ବଡ଼ କଷ୍ଟ ଆଣି ଦେଇପାରେ, ଏହାକୁ ଘୁଞ୍ଚାଇବା ପାଇଁ କେବଳ ତାହାଙ୍କର ଆଙ୍ଗୁଳିର ପ୍ରୟୋଜନ ହୁଏ। ଓଃ, ମୋର ପ୍ରଭୁ! ମୋର ପ୍ରଭୁ! ସେହି ବଡ଼ ବଡ ଶକ୍ତିଶାଳୀ କାନ୍ଧ, ଓ ବାହୁ ଏବଂ ମାଂସପେଶୀକୁ ଦେଖନ୍ତୁ। କେବଳ ତାଙ୍କର ଆଙ୍ଗୁଳି ହିଁ ପ୍ରତ୍ୟେକ ରୋଗକୁ ଘୁଞ୍ଚାଇଦିଏ ଏବଂ ଭୂତମାନଙ୍କୁ ବାହାର କରିଦିଏ। ତେବେ ଶୟତାନ କେତେ ଏକ ଛୋଟ ବିଷୟ ଅଟେ! ସେ କେବଳ ନିଜର ଆଙ୍ଗୁଳିକୁ ନିଅନ୍ତୁ ଓ ତାହାପରେ ତାକୁ ଦୂରେଇ ଦିଅନ୍ତି। "ଯଦି ମୁଁ ପରମେଶ୍ୱରଙ୍କ ଆଙ୍ଗୁଳିରେ..."

65 ତେବେ ମୋତେ ଆପଣମାନଙ୍କୁ ପରମେଶ୍ୱରଙ୍କ କିଛି ପ୍ରେମକୁ ଦେଖାଇବାକୁ ଦିଅନ୍ତୁ। ମାତ୍ର ଯେତେବେଳେ ଗୋଟିଏ ମେଣ୍ଢା ହଜି ଯାଇଥିଲା, ସେ ନିଜର ଆଙ୍ଗୁଳିକୁ ବ୍ୟବହାର କଲେ ନାହିଁ, ସେ ତାକୁ ନିଜର କାନ୍ଧରେ ଥୋଇଲେ, ଏବଂ ସେ ନିଜର ସମଗ୍ର ବିଷୟକୁ ନେଲେ, ହାତକୁ, ସେହି ମେଣ୍ଢାକୁ ତାଙ୍କର କାନ୍ଧରେ ରଖିଲେ। ମଣିଷର ସବୁଠାରୁ ବଳିଷ୍ଠ, ସବୁଠାରୁ ଶକ୍ତିଶାଳୀ ଅଂଶ ହେଉଛି ତାର କାନ୍ଧ ଏବଂ ପିଠି। ଆପଣ ତାହା ଜାଣନ୍ତି। ଯେହେତୁ ତାହାଙ୍କର ସମସ୍ତ ବାହୁର ମାଂସପେଶୀ ଏବଂ ମାଂସପେଶୀଗୁଡିକ ବାହାରକୁ ବାହାରିଥାଏ, ଆଉ ସେ ସମଗ୍ର ମେଣ୍ଢାକୁ ନିଅନ୍ତି; ତାକୁ ନିଜର କାନ୍ଧରେ ରଖନ୍ତି ଏବଂ ଏଠାରେ ସେ ଆସନ୍ତି, ଏକ ଛୋଟ, ପୁରୁଣା ଶୟତାନକୁ ବାହାର କରିବା ପାଇଁ, ତାଙ୍କର ଆଙ୍ଗୁଳିରେ ନୁହେଁ, ମାତ୍ର ଏଠାରେ ସେ ତାଙ୍କର ସହିତ ଆସନ୍ତି…ତାଙ୍କର ଗୋଡର ସମସ୍ତ ମାଂସପେଶୀ, ତାଙ୍କ ବାହୁର ସମସ୍ତ ମାଂସପେଶୀ, ଜଙ୍ଗଲ ଦେଇ ଯାଆନ୍ତି, ଓ ହଜିଯାଇଥିବା ମେଣ୍ଢାକୁ ତାଙ୍କ କାନ୍ଧରେ ଧରି ନେଇ ଆସନ୍ତି। ଓଃ, ମୋର ପ୍ରଭୁ! "ଯଦି ମୁଁ ପରମେଶ୍ୱରଙ୍କ ଆଙ୍ଗୁଳିରେ ଭୂତମାନଙ୍କୁ ବାହାର କରେ, ତୁମର ପୁତ୍ରମାନେ ସେମାନଙ୍କୁ କାହା ଦ୍ୱାରା ବାହାର କରନ୍ତି?" ଓଃ, ହାଲ୍ଲେଲୁୟା! ମୋର ପ୍ରଭୁ!

66 ଠିକ ଅଛି, ବିଷୟକୁ ଫେରିବା:

> *କିନ୍ତୁ ତୁମ୍ଭେମାନେ ଯେତେବେଳେ…ଯିରୁଶାଲମକୁ ସୈନ୍ୟସାମନ୍ତଙ୍କ ଦ୍ୱାରା ପରିବେଷ୍ଟିତ ଦେଖିବ,…*
>
> *ସେତେବେଳେ ଯେଉଁମାନେ ଯିହୁଦା ପ୍ରଦେଶରେ ଥାଆନ୍ତି ସେମାନେ ପର୍ବତମାଳାକୁ ପଳାଇଯାଆନ୍ତୁ; ପୁଣି ଯେଉଁମାନେ ନଗର ମଧ୍ୟରେ ଥାଆନ୍ତି ସେମାନେ ପ୍ରସ୍ଥାନ କରନ୍ତୁ; ଆଉ ତେବେ…ଯେଉଁମାନେ ପଲ୍ଲୀଗ୍ରାମଗୁଡିକରେ ଥାଆନ୍ତି ସେମାନେ ନଗରରେ ପ୍ରବେଶ…ନ କରନ୍ତୁ।*
>
> *କାରଣ ନିଶ୍ଚିତ ବିଷୟସବୁ ସଫଳ ହେବା ନିମନ୍ତେ ତାହା ସମୁଚିତ୍ ଦଣ୍ଡର—ର ସମୟ ଅଟେ।*
>
> *ସେହି ସମୟରେ ଯେଉଁମାନେ ଗର୍ଭବତୀ, ଓ ସ୍ତନ୍ୟଦାତ୍ରୀ, ହାୟ! କାରଣ ଦେଶରେ ମହା ବିପଦ, ଓ ଏହି ଜାତି ପ୍ରତି କ୍ରୋଧ ଘଟିବ।*
>
> *ଆଉ ସେମୋନ ଖଡ୍ଗଧାରରେ ହତ ହେବେ, ଓ ବନ୍ଦୀ ହୋଇ ସମସ୍ତ ବିଜାତି ମଧ୍ୟକୁ ନୀତ ହେବେ:…*

67 ଧ୍ୟାନ ଦିଅନ୍ତୁ ଯେ ଏଠାରେ କେଡ଼େ ସୁନ୍ଦର ଭାବେ ସେହି ଶାସ୍ତ୍ରଟି ଏହାକୁ ବିଶେଷ ଭାବରେ ବର୍ଣ୍ଣନ କରିଥାଏ। ପ୍ରଥମ ବିଷୟ, "ଖଡ୍ଗଧାରରେ।" ଏହି ଶେଷଟି ତ ପରମାଣୁ ବୋମା ଦ୍ୱାରା ହେବ। ଦେଖନ୍ତୁ? ମାତ୍ର ଏହା ଖଡ୍ଗଧାର ଦ୍ୱାରା ଅଟେ, ଏବଂ ଯିହୁଦୀମାନଙ୍କୁ ବନ୍ଦୀ କରି ସମସ୍ତ ବିଜାତି ମଧ୍ୟକୁ ନିଆଯିବାକୁ ଥିଲା। ଏହା ଆଉ କେବେବି ସେହିପରି ହେବ ନାହିଁ, ସେମାନେ ଶେଷ ଥର ପାଇଁ ପାଲେଷ୍ଟାଇନ୍‌ରେ ଏକାଠି ହେବେ। ଦେଖନ୍ତୁ? ଏହା ଅତୀତର

ସେହି ଦିନଗୁଡିକୁ ଉଲ୍ଲେଖ କରୁଥିଲା ଯାହାକି ହୋଇସାରିଛି। ଏବଂ ତାହା ଅବିକଳ ଠିକ ଇତିହାସ ଅନୁଯାୟୀ ଅଟେ, ସେହି ଉପାୟରେ ଘଟିଥିଲା।

68 ସେମାନଙ୍କୁ ସମସ୍ତ ବିଜାତି ଦେଶ ମଧ୍ୟକୁ ନିଆ ଯାଇଥିଲା। ସ୍ୱର୍ଗ ତଳେ ଥିବା ପ୍ରତ୍ୟେକ ରାଷ୍ଟ୍ରରେ ଆଜି, ଆପଣ ଯିହୁଦୀମାନଙ୍କୁ ପାଇବେ। ଓଃ, ପ୍ରତ୍ୟେକ ବିଜାତି ରାଷ୍ଟ୍ର! ଆପଣ ଚୀନ୍‌କୁ ଯାଆନ୍ତୁ, ଏବଂ ଆପଣ ଯିହୁଦୀମାନଙ୍କୁ ପାଇବେ। ଆପଣ ରୁଷକୁ ଯାଆନ୍ତୁ, ଆପଣ ଯିହୁଦୀମାନଙ୍କୁ ପାଇବେ। ସେହି ଛୋଟ ଦ୍ୱୀପସମୂହକୁ ଯାଆନ୍ତୁ, ଆପଣ ଯିହୁଦୀମାନଙ୍କୁ ପାଇବେ। ପ୍ରତ୍ୟେକ ବିଜାତି ରାଷ୍ଟ୍ର ମଧ୍ୟରେ ଛିନ୍ନ ଭିନ୍ନ ହୋଇ ଯାଇଛନ୍ତି! ଏହା କଅଣ ଅଟେ? ପରମେଶ୍ୱରଙ୍କ ଭବିଷ୍ୟତ୍‌ବାଣୀ। ପରମେଶ୍ୱର ଏହା ଚାହିଁଥିଲେ। ଏବଂ ସେହି ଯିହୁଦୀମାନେ ମାଇଲଖୁଣ୍ଟ ଅଟନ୍ତି, ଭାଇ। ଯେତେବେଳେ ଆପଣ ସେମାନଙ୍କୁ ଦେଖନ୍ତି...

69 ମୁଁ ଜାଣେ ଯେ ସେମାନେ ଅନ୍ଧ ଅଟନ୍ତି ଏବଂ ନୀତ କରାଯାଇଛନ୍ତି, ଏବଂ ପ୍ରତାରିତ କରାଯାଇଛନ୍ତି ଓ ସବୁକିଛି, ମାତ୍ର ସେମାନେ ପରମେଶ୍ୱରଙ୍କ ଦ୍ୱାରା ପ୍ରତାରିତ କରାଯାଇଥିଲେ ଯେପରିକି ଆପଣ ଏବଂ ମୁଁ ଦୃଷ୍ଟି ପାଇପାରୁ। ତାହା ଠିକ୍ ଅଟେ। ମାତ୍ର ମୁଁ ଏହାକୁ ବାଇବଲ ଦ୍ୱାରା, ଭବିଷ୍ୟତ୍‌ବାଣୀର ଆତ୍ମାରେ କହିବି, ଯେ, ସେହି ଯିହୁଦୀର ଘରକୁ ଫେରିବା ସମୟ ସନ୍ନିକଟ ଅଟେ। ହଁ, ଆଜ୍ଞା। ସେ ହିଟଲରଙ୍କ ହୃଦୟକୁ କଠିନ କରି, ସେମାନଙ୍କୁ ଜର୍ମାନୀରୁ ବାହାର କରି ଦେଇଥିଲେ; ମୁସୋଲିନିଙ୍କ ହୃଦୟକୁ କଠିନ କରି, ସେମାନଙ୍କୁ ରୁଷରୁ ବାହାର କରି ଦେଇଥିଲେ। ସେ ସେମାନଙ୍କୁ ସବୁ ସ୍ଥାନରୁ ଘଉଡାଇ ଆଣୁଛନ୍ତି, ଠିକ ଯେପରିକି ସେ ସେହି ଦିନରେ କରିଥିଲେ ଯେତେବେଳେ ସେ ସେମାନଙ୍କୁ ବାହାର କରି ଆଣିଥିଲେ। ଏବଂ ଯେତେବେଳେ ସେମାନେ ସେଠାରେ ବାହାରେ ପ୍ରାନ୍ତରକୁ ବାହାରି ଆସିଥିଲେ ଏବଂ ପାରି ହେବା ପାଇଁ ପ୍ରସ୍ତୁତ ଥିଲେ, କଅଣ ଘଟିଥିଲା? ପରମେଶ୍ୱର ମହାମାରୀ ଓ ବିଷୟ ସହିତ ସେହି ଦେଶକୁ ପରିଦର୍ଶନ କଲେ। ଯାହାକି ସେ ପୁନର୍ବାର ତାହାଙ୍କର ଦୁଇଜଣ ସେବକ, ଯିହିଜିକଲର ଦୁଇଟି ଜୀତ ବୃକ୍ଷ ଏବଂ ପୁଣି ପ୍ରକାଶିତ ବାକ୍ୟ 11 ର ଦାସମାନଙ୍କ ସହିତରେ ପୁନରାବୃତ୍ତି କରିବେ। ସେ ସେହି ଚିହ୍ନମାନ ଏବଂ ଆଶ୍ଚର୍ଯ୍ୟକର୍ମ ଗୁଡିକର ପୁନରାବୃତ୍ତି କରିବେ।

70 ପ୍ରକାଶିତ ବାକ୍ୟ 11 ରେ ସେହି ଦୁଇଜଣ ସାକ୍ଷୀଙ୍କୁ ଦେଖନ୍ତୁ, "ଆମ୍ଭେ ଆମ୍ଭର ଦୁଇ ସାକ୍ଷୀଙ୍କୁ କ୍ଷମତା ଦେବୁ, ଏବଂ ସେମାନଙ୍କର ଭବିଷ୍ୟତ୍‌ବାଣୀ କରିବା ଦିନରେ ସେମାନେ ଆକାଶକୁ ରୁଦ୍ଧ କରିବେ, କିମ୍ବା ସେମାନେ ଯେତେ ଥର ଇଚ୍ଛା କରନ୍ତି ସେତେ ଥର ପୃଥିବୀରେ ମହାମାରୀକୁ ପଠାଇବେ।" ଆପଣ ସେଠାରେ ଅଛନ୍ତି, ଶେଷ ଦିନରେ ସେହି ଦୁଇ ସାକ୍ଷୀ।

71 ମୁଁ ଜାଣେ ଯେ ଆଧୁନିକ ଶିକ୍ଷା ହେଉଛି ଯେ "ତାହା ପୁରାତନ ଏବଂ ନୂତନ ନିୟମ ଅଟେ।" ତାହା ଭୁଲ ଅଟେ! ତାହା ଭୁଲ ଅଟେ!

72 ଏହା ଦୁଇଜଣ ସାକ୍ଷୀ ନୁହଁନ୍ତି, ଏହା ତ ମୋଶା ଏବଂ ଏଲିୟଙ୍କର ସମ୍ପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ ଅଟେ। ଏବଂ ଆପଣ ସେଠାରେ ପଶ୍ଚାତ ସମୟରେ ଧ୍ୟାନ ଦିଅନ୍ତୁ, ସେମାନଙ୍କ ମଧ୍ୟରୁ କେହି

ନୁହେଁ...ମୋଶା, ସେ ମରିଗଲେ, ମାତ୍ର ସେ କେଉଁଠାକୁ ଗଲେ? ତାଙ୍କୁ ପୁଣି ଥରେ ଉଠିବାକୁ ଥିଲା । ଏବଂ ଏଲିୟ ତ ଏପରିକି ମୃତ୍ୟୁ ବିନା ରୂପାନ୍ତରିତ ହୋଇଥିଲେ । ତାଙ୍କୁ ମରିବାକୁ ପଡିବ, 'କାରଣ ପ୍ରତ୍ୟେକ ମର୍ତ୍ତ୍ୟକୁ ତାହା କରିବାକୁ ଅଛି, ତେଣୁ ତାଙ୍କୁ ପୁନର୍ବାର ଫେରିବାକୁ ପଡିବ । ଏବଂ ସେଠାରେ ଦୁଇ ସାକ୍ଷୀ ଅଛନ୍ତି ।

73 ତେବେ ଦେଖନ୍ତୁ:

> *ଆଉ ସେମାନେ ପଦଦଳିତ କରିବେ*...*ଆଉ ସେମୋନ ଖଡ୍ଗଧାରରେ ହତ ହେବେ,*...(24ତମ ପଦ)...*ଖଡ୍ଗଧାରରେ ହତ ହେବେ, ଓ ବନ୍ଦୀ ହୋଇ ସମସ୍ତ ବିଜାତି ମଧ୍ୟକୁ ନୀତ ହେବେ: ପୁଣି ବିଜାତିମାନଙ୍କର କାଳ ସମ୍ପୂର୍ଣ୍ଣ ନ ହେବା, ପର୍ଯ୍ୟନ୍ତ*...(ଆମେନ୍!)...*ପର୍ଯ୍ୟନ୍ତ ଯିରୁଶାଲମ ସେମାନଙ୍କର ପଦଦଳିତ ହୋଇ ରହିବ ।*

74 ଚକିତ, କଅଣ ତାହା ନୁହେଁ କି, ଏହା ଜାଣିବାକୁ ଯେ ଆମର ସୀମିତ ସମୟ ଅଛି? ପରମେର ତାହା କହିଥିଲେ! ବିଜାତି କାଳ ରାଜା ନବୂଖଦ୍‌ନିତ୍ସରଙ୍କ ସହ ଆଗମନ କରିଥିଲା । ଓଃ, କେତେ ଚମତ୍କାର! ମୁଁ ଏହା ଉପରେ କେତେ ସମୟ ବିତାଇ ପାରିବି, କେବଳ କିଛି ମିନିଟ୍ ପାଇଁ! ମାତ୍ର ଧ୍ୟାନ ଦିଅନ୍ତୁ, ସମସ୍ତେ ସେମାନଙ୍କର ପ୍ରଶ୍ନଗୁଡିକୁ ଚାହାଁନ୍ତି । କିନ୍ତୁ, ଯେତେବେଳେ ଆମେ ଏହା ଉପରେ ଅଛୁ, ଆସନ୍ତୁ ଏହା ବିଷୟରେ ଚିନ୍ତା କରିବା, କାରଣ ଏହା ବର୍ତ୍ତମାନ ଅତ୍ୟନ୍ତ ଜରୁରୀ ଅଟେ, ଠିକ *ବର୍ତ୍ତମାନ* ।

75 ଦେଖନ୍ତୁ! ପରମେଶ୍ୱର ଯିହୂଦୀମାନଙ୍କର, ଲୋକମାନଙ୍କୁ ନେତୃତ୍ୱ କଲେ । ସେମାନେ କଦାପି ଏକ ରାଷ୍ଟ୍ର ନ ଥିଲେ, ସେମାନେ କେବଳ ଏକ ଜାତି ଥିଲେ । ଏବଂ ସେମାନେ କେବେ ବି ଏକ ସଂଗଠିତ ମଣ୍ଡଳୀ ନ ଥିଲେ, ସେମାନେ କେବଳ ଆହ୍ୱାନ କରାଯାଇଥିବା *ସେହି* ମଣ୍ଡଳୀ ଥିଲେ । ଯିହୁଦୀମାନଙ୍କ ମଧ୍ୟରେ କଦାପି କୌଣସି ସଂଗଠନ ନ ଥିଲା, ସେମାନେ ସର୍ବଦା ପରମେଶ୍ୱରଙ୍କ ଦ୍ୱାରା ନୀତ ହୋଇଥିଲେ ।

76 ତାହାପରେ ଯେତେବେଳେ ରାଜନୈତିକ, ଜାତୀୟ ସ୍ତରରେ, ସେମାନେ ହେବାକୁ ଚାହିଁଲେ...ଜଣେ ରାଜା ଚାହିଁଲେ । ଏବଂ ପରମେଶ୍ୱର ସେମାନଙ୍କୁ ଏକ ରାଜା ଦେଲେ ଏବଂ ଏହା କଦାପି କାର୍ଯ୍ୟକାରୀ ହେଲା ନାହିଁ । ପରମେଶ୍ୱର ସେମାନଙ୍କର ରାଜା ଥିଲେ । ପରମେଶ୍ୱର ଆମର ରାଜା ଅଟନ୍ତି, ଏହା ଠିକ୍ ଅଟେ, ଏବଂ ପରମେଶ୍ୱରଙ୍କ ମଣ୍ଡଳୀର ରାଜା ଅଟନ୍ତି ।

77 ତେବେ, ଧ୍ୟାନ ଦିଅନ୍ତୁ ଯେତେବେଳେ ସେମାନଙ୍କୁ ବନ୍ଦୀ କରା ଯାଇଥିଲା ଏବଂ ବାବିଲକୁ ନିଆ ଯାଇଥିଲା କାରଣ ସେମାନେ ଜଗତର ରାଷ୍ଟ୍ରଗୁଡ଼ିକର ନକଲ କରିବାକୁ ଚେଷ୍ଟା କରିଥିଲେ । ଆଜି ତାହା ସେହି ମଣ୍ଡଳୀର କେତେ ସୁନ୍ଦର ଏକ ଚିତ୍ର ଅଟେ ଯାହାକି ସେଠାରେ ଜଗତକୁ ନକଲ କରିବାକୁ ଚେଷ୍ଟା କରୁଅଛି, ଏବଂ ତାହା ପରି ହେବାକୁ ଚେଷ୍ଟା କରୁଅଛି, ସେମାନଙ୍କର—ସେମାନଙ୍କର ରହଣୀ ସହଣୀ ସହ ପ୍ରଭାବିତ ହୋଇଅଛି । ମଣ୍ଡଳୀ

ଠିକ ସେହି ଜଗତ ପରି ସମାନ ଭାବରେ ଜୀବନ ଯାପନ କରେ, କାର୍ଯ୍ୟକଳାପ କରେ, ଠିକ୍ ସେହିପରି ଭାବରେ ଆଚରଣ କରେ, ଏବଂ ପ୍ରଭୃତି ସବୁକିଛି କରେ, ଏବଂ ନିଜକୁ ମଣ୍ଡଳୀ ବୋଲି ଦାବି କରୁଥାଏ । ଆପଣ ତାହା କରିପାରନ୍ତି ନାହିଁ । ନା, ଆଜ୍ଞା । ଆପଣଙ୍କର ନିଜର ଜୀବନହିଁ ଏହା ପ୍ରମାଣ କରେ ଯେ ଆପଣ କଅଣ ଅଟନ୍ତି ।

78 ଆପଣ ଯାହା ଅଟନ୍ତି…ଯେପରିକି ମୁଁ ଆରମ୍ଭରେ କହିଥିଲି, ଅନ୍ୟ କୌଣସି ସ୍ଥାନରେ ଆପଣ ଯାହା ଅଟନ୍ତି ଆପଣ ତାହା ଏଠାରେ ପ୍ରତିଫଳିତ କରନ୍ତି । ଆପଣ ଯାହା ଅଟନ୍ତି, ଆପଣଙ୍କର ସ୍ୱର୍ଗୀୟ ବା ନୈସର୍ଗିକ ଶରୀର ଯାହା ସେଠାରେ ଉପରେ ଅଟେ, ଆପଣଙ୍କର ସ୍ୱର୍ଗୀୟ ଶରୀର ଯାହା ଅନ୍ୟ କୌଣସି ସ୍ଥାନରେ ଅଟେ ଆପଣ ତାହାହିଁ ଏଠାରେ ପ୍ରତିଫଳିତ କରନ୍ତି । ଆତ୍ମାର ଦେଶରେ, ଆପଣ ଯାହା ଅଟନ୍ତି, ତାହାହିଁ ଆପଣ ଏଠାରେ ଅଟନ୍ତି । ଯଦି ଆପଣ ଆତ୍ମା ଦେଶରେ ଏଯାଏଁ ଅଶ୍ଳୀଳ-ମନୋଭାବ ଓ ଇତ୍ୟାଦି ପୋଷଣ କରୁଛନ୍ତି, ତାହାହେଲେ ଆପଣ ଏଠାରେ ଅଶ୍ଳୀଳ ମନୋଭାବ ପୋଷଣ କରନ୍ତି । ଯଦି ଆପଣଙ୍କର ଏବେବି ଦୁଷ୍କର୍ମ, ଈର୍ଷା ଏବଂ ଝଗଡା ରହିଅଛି, ତାହାହେଲେ ଆପଣ ଏସବୁ ସହିତରେ ସେହି ଆତ୍ମା ଦେଶରେ ଅଛନ୍ତି, ତାହା ଏଠାରେ ପ୍ରତିଫଳିତ କରେ । କିନ୍ତୁ ଯଦି ଆପଣଙ୍କର ସମ୍ପୂର୍ଣ୍ଣ ଅନ୍ତର୍ନିହିତ ପ୍ରାଣ ପରିଷ୍କୃତ ହୋଇ ଶୁଦ୍ଧ ହୋଇଯାଇଅଛି, ଏହା ଦର୍ଶାଏ ଯେ ଆପଣଙ୍କର ଏକ ଶରୀର ସେଠାରେ ବାହାରେ ରହିଛି (ଅପେକ୍ଷା କରୁଛି) ଯାହାକି ପରିଷ୍କୃତ ହୋଇ ଶୁଦ୍ଧ କରା ହୋଇଛି, ଏବଂ ତାହା ଶରୀରରେ ପ୍ରତିକ୍ରିୟା କରୁଛି । କଅଣ ଆପଣ ଦେଖୁ ନାହାଁନ୍ତି କି? ଦେଖନ୍ତୁ, ତାହା ସେଠାରେ ଅଛି । "ଯଦି ଏହି ତମ୍ବୁ ରୂପ ପାର୍ଥିବ ଗୃହ ଭାଙ୍ଗିଯାଏ, ତେବେ ଆମ୍ଭମାନଙ୍କର ଏକ ଅପେକ୍ଷା କରୁଅଛି ।" ବୁଝିଲେ?

79 ବର୍ତ୍ତମାନ, ଏହି ସମୟରେ, ସେହି ଶେଷ ସମୟରେ, କିପରି ଯେ ଏହି ଶାରୀରିକ ତୁଳନା, ଖ୍ରୀଷ୍ଟିଆନ ଧର୍ମର ନକଲସବୁ ଏକାଠି ମିଶି ଏକ ବଡ ବାବିଲରେ ପରିଣତ ହେବ ଯେପରିକି ତାହା ଠିକ ସେଠାରେ ପଛରେ ସେପରି କରିଥିଲେ । ଏବଂ ସେମାନେ ବନ୍ଦୀ କରାହୋଇ ବାବିଲକୁ ନିଆ ଯାଇଥିଲେ । କଅଣ ତାହା ଠିକ୍ ଅଟେ? ଏବଂ ବାଇବଲ କୁହେ, "ସଦାପ୍ରଭୁଙ୍କର ଦୂତ ଡାକି କହିଲେ, 'ହେ ମୋର ଲୋକମାନେ, ବାବିଲରୁ ବାହାରି ଆସ!'"

80 ଦ୍ୱନ୍ଦ୍ୱ! ଏହା, "ମୁଁ ଜଣେ ବାପ୍ଟିଷ୍ଟ ଅଟେ । ମୁଁ ଜଣେ ମେଥୋଡିଷ୍ଟ ଅଟେ । ମୁଁ ଜଣେ ପ୍ରେସ୍‌ବିଟେରିଆନ୍ ଅଟେ," ସମସ୍ତ କିଛି ଯାହାକି କେବଳ ଦ୍ୱନ୍ଦ୍ୱ ଅଟେ । ଏଥିରେ ଆଦୌ କୌଣସି ପରିତ୍ରାଣ ନାହିଁ ।

81 ବର୍ତ୍ତମାନ, କୁହନ୍ତୁ ନାହିଁ ଯେ ମୁଁ କହୁଛି ଯେ ବାପ୍ଟିଷ୍ଟ ଲୋକମାନେ ପରିତ୍ରାଣ ପାଇ ନାହାଁନ୍ତି, ସେହି ମେଥୋଡିଷ୍ଟ ଲୋକମାନେ ପାଇ ନାହାଁନ୍ତି । ମୁଁ ସେ ବିଷୟରେ କହୁନାହିଁ । ମୁଁ ମଣ୍ଡଳୀ ଏବଂ ଏହାର ରାଜନୈତିକ ଶକ୍ତି, ଏହାର ରାଜନୀତି ବିଷୟରେ କହୁଅଛି । ଏବଂ ରାଜନୈତିକ ଦୃଷ୍ଟିରୁ କହୁଅଛି, ଯେହେତୁ ଆପଣ ମେଥୋଡିଷ୍ଟ, କିମ୍ୱା ବାପ୍ଟିଷ୍ଟ, କିଅବା ପ୍ରେସ୍‌ବିଟେରିଆନ୍, କିମ୍ୱା କ୍ୟାଥୋଲିକ୍ ଅଟନ୍ତି, ତାହାର ଏହା ସହିତ କୌଣସି ସମ୍ପର୍କ ନାହିଁ ।

ପରମେଶ୍ୱର ତ ଏପରିକି ଏହାକୁ ଚିହ୍ନନ୍ତି ସୁଦ୍ଧା ନାହିଁ, ଏବଂ ଏହା ଆଜି ବାବିଲରେ ଅଛି । ଏବଂ ପରମେଶ୍ୱର ସେହିସବୁ ଗୁଡିକ ମଧ୍ୟରୁ ଗୋଟିଏ ମଣ୍ଡଳୀକୁ ଆହ୍ୱାନ କରୁଛନ୍ତି, ହୃଦୟରେ ବିଶୁଦ୍ଧମାନଙ୍କୁ ବାହାର କରି, ଆପଣା ମଣ୍ଡଳୀକୁ ନିର୍ମାଣ କରୁଛନ୍ତି । କେତେ ସୁନ୍ଦର!

82 ଏବଂ ଧ୍ୟାନ ଦିଅନ୍ତୁ, ମୁଁ ଏଠାରେ କିଛି କହିପାରେ ଯାହାକି ଚକିତ କରିଦେବ, ମାତ୍ର ଯଦି—ଯଦି ଏହା ଅଟେ...ଶୁଣନ୍ତୁ, ବର୍ତ୍ତମାନ। ଦେଖନ୍ତୁ ଯେ ବାବିଲ୍ କିପରି...ଯାହା ଘଟିଥିଲା...ବାବିଲରେ—ରେ, ଯେତେବେଳେକି ପ୍ରକୃତ ଉପାସକମାନଙ୍କ ଉପରେ ବଳ ପ୍ରୟୋଗ କରାଯାଇଥିଲା। ମନେରଖନ୍ତୁ, କେବଳ ଅଳ୍ପ ହାତଗଣତି, ଶଦ୍ରକ୍, ମୈଶକ୍, ଓ ଆବେଦ୍‌ନଗୋ, ଏବଂ ଦାନିୟେଲ୍, ସେହି ପ୍ରକୃତ ଉପାସକମାନଙ୍କ ମଧ୍ୟରୁ—ରୁ ଯେଉଁମାନେକି ବନ୍ଦୀତ୍ୱକୁ ନିଆଯାଇଥିଲେ, ଯେତେବେଳେ ପରମେଶ୍ୱର ସେମାନଙ୍କୁ ଡାକିଲେ ଯେ—ଯେ ସେମାନେ ତାଙ୍କର ପ୍ରକୃତ ଚରିତ୍ରକୁ ଦେଖାନ୍ତୁ, ଯେ ସେମାନେ କଅଣ ଥିଲେ । ସେମାନେ ଏକ ପ୍ରତିମା ପୂଜା କରିବା ନିମନ୍ତେ ବାଧ୍ୟ କରା ଯାଇଥିଲେ । କଅଣ ତାହା ଠିକ୍ କି? ମୂର୍ତ୍ତିପୂଜା! ସେମାନେ ଏକ ପ୍ରତିମା ପୂଜା କରିବା ନିମନ୍ତେ ବାଧ୍ୟ କରା ଯାଇଥିଲେ, ଏବଂ ସେମାନଙ୍କୁ ଏକ ପ୍ରତିମା ଆଗରେ ପ୍ରଣାମ କରିବାକୁ ଥିଲା । ଏବଂ ଯଦି ସେମାନେ ତାହା ନ କରନ୍ତି, ସେମାନଙ୍କୁ ନିର୍ଯ୍ୟାତନା ଦିଆଯାଇଥିଲା ।

83 ଓଃ, ଆପଣ କି ଏକ ଚିତ୍ର ଦାନିୟେଲଙ୍କଠାରୁ, ପ୍ରକାଶିତ ବାକ୍ୟଠାରୁ ଟାଣି ପାରିବେ, ସେମାନଙ୍କୁ ଏକତ୍ର ଗୁନ୍ଥି ଶାସ୍ତ୍ର ଦ୍ୱାରା ଦେଖାଇ ପାରିବେ ଯେ ମଣ୍ଡଳୀ ଠିକ ସେହି ସମାନ ପ୍ରକାରର ତାଡନାକୁ ଆସୁଅଛି ଏହା ପୂର୍ବେକି ତାହାକୁ ଆହ୍ୱାନ କରାଯାଏ । ଠିକ ସେହିଭଳି ବିଜାତି ମଣ୍ଡଳୀକୁ ଭିତରକୁ ଅଣାଯାଇଥିଲା, ଠିକ ସେହି ପ୍ରକାରେ ବିଜାତି ମଣ୍ଡଳୀକୁ କାଢି ନିଆଯିବ । ଯେପରି ଭାବରେ ସେ ଭିତରକୁ ଆସିଥିଲା ସେହିପରି ଭାବରେ ସେ ବାହାରକୁ ଯିବ ।

84 ଏବଂ ଦେଖନ୍ତୁ ଯେ ସେ କିପରି ପ୍ରତିମାକୁ ଦେଖିଥିଲେ । ଏବଂ ବର୍ତ୍ତମାନ, ମନେରଖନ୍ତୁ, ସେହି ପ୍ରତିମା...ତେବେ, ଏହା ବର୍ତ୍ତମାନ ଗୃହ-ସ୍ଥାନ ଅଟେ । ଦେଖନ୍ତୁ, ମୁଁ ବିଶ୍ୱାସ କରେ ଯେ ସେହି ପ୍ରତିମା ଯାହା ରାଜା ନବୂଖଦ୍‌ନିତ୍ସର ନିର୍ମାଣ କରିଥିଲେ, ତାହା ଜଣେ ପବିତ୍ର ବ୍ୟକ୍ତି ଦାନିୟେଲଙ୍କର ଥିଲା । ଯଦି ଆପଣ ଧ୍ୟାନ ଦେବେ, ରାଜା ନବୂଖଦ୍‌ନିତ୍ସର ଦାନିୟେଲଙ୍କୁ ଆଗରୁ ନାମ ଦେଇଥିଲେ, ତାଙ୍କୁ "ବେଲ୍‌ଟସତ୍ସର" ଡାକିଥିଲେ (ଯାହାକି ତାଙ୍କର ପ୍ରତିମା ଥିଲା), ସେ ଏକ ପ୍ରତିମା ନିର୍ମାଣ କଲେ—ନିର୍ମାଣ କଲେ, ଏବଂ ଦାନିୟେଲଙ୍କ ପରେ ଆଉ କେହି ବି ଏହି ସିଂହ ଗର୍ତ୍ତରେ ଫିଙ୍ଗା ଯାଇ ନ ଥିଲେ, ଏବଂ ଇତ୍ୟାଦି ସବୁ, ଆଉ ସେ କହିଲେ, "କେହି ହେଲେ ଦାନିୟେଲଙ୍କ ପରମେଶ୍ୱର ବ୍ୟତୀତ ଅନ୍ୟ କୌଣସି ଈଶ୍ୱରଙ୍କର ସେବା କରିବା ନାହିଁ, ଏବଂ ପ୍ରଭୃତି ସବୁ ।" ସମ୍ଭବତଃ ଏହା ଏକ ପବିତ୍ର ମଣିଷର ପ୍ରତିମୂର୍ତ୍ତି ଥିଲା, ବିରାଟ୍ ବଡ ପ୍ରତିମା, ଏବଂ ସମସ୍ତଙ୍କୁ ଏହାକୁ ପ୍ରଣାମ କରିବାକୁ ଥିଲା ।

85 ମାତ୍ର ସେହି ମଣ୍ଡଳୀ, ଶଦ୍ରକ୍, ମୈଶକ୍, ଓ ଆବେଦ୍‌ନଗୋ…ଖ୍ରୀଷ୍ଟ ଯେପରି ମଣ୍ଡଳୀର ନେତା ଥିଲେ, ସେହିପରି ଭାବରେ ଦାନିୟେଲ ନେତା ଥିଲେ ।

86 ଏବଂ ସେମାନଙ୍କୁ ଏହି ପ୍ରତିମା ଆଗରେ ନତମସ୍ତକ ହୋଇ ସେହି ପ୍ରତିମାକୁ ପୂଜା କରିବାର ଥିଲା । ଧ୍ୟାନ ଦିଅନ୍ତୁ! ଏବଂ ଆପଣ ଦେଖନ୍ତୁ, ସେହି ସମୟରେ, ଦାନିୟେଲ ନୀରବ ହୋଇ ରହିଥିଲେ । ଆମେନ୍! ଓଃ, ଏବଂ ମୁଁ ଆଶା କରେ ଯେ ଆପଣ ଏହା ବୁଝି ପାଇବେ । ଦାନିୟେଲ ନୀରବ ରହିଥିଲେ । ସେମାନଙ୍କୁ ଛାଡି ଦେଇଥିଲେ…ସେମାନଙ୍କୁ ତାଙ୍କର ନିଜ ପସନ୍ଦ କରିବାକୁ ପଡିଥିଲା ।

87 ସେହି ଦିନରେ…ବିଜାତି କାଳର ଶେଷ ବେଳେ, ସେଠାରେ ଏକ ପ୍ରତିମା ରହିବ, ଏବଂ ସମସ୍ତଙ୍କୁ ଏହି ପ୍ରତିମା ଆଗରେ ନତମସ୍ତକ ହୋଇ ଉପାସନା କରିବାକୁ ପଡ଼ିବ । ଯଦିଓ ଏହା ଯେତେ ପବିତ୍ର ହେଉ ନା କାହିଁକି, ଆପଣଙ୍କୁ ଏକ ପ୍ରତିମାର ଉପାସନା କରିବା ଉଚିତ୍ ନୁହେଁ (ପ୍ରତିମା-ଉପାସନା) ।

88 ବର୍ତ୍ତମାନ, ଧ୍ୟାନ ଦିଅନ୍ତୁ । ଓଃ, ମୋର ପ୍ରଭୁ! ଠିକ୍ ଶେଷରେ, ଦାନିୟେଲ ପୁଣି ଥରେ ଆସନ୍ତି । କେତେ ଆଶ୍ଚର୍ଯ୍ୟଜନକ! ସେହି ରାତିରେ ଉପପତ୍ନୀମାନଙ୍କର ସେହି ମହାନ ପର୍ବ ପୂର୍ବରୁ ଓ ପ୍ରଭୃତି, କାନ୍ଥରେ ଏକ ହସ୍ତଲିଖନ ଆସିଲା, "**ମନେ, ମନେ, ତକେଲ, ଉପାର୍ଶିନ**," କାନ୍ଥରେ ଲେଖା ହୋଇଥିଲା । ଏବଂ ସେହି ବ୍ୟାଖ୍ୟା, କେହି ଦେଇପାରିବେ ନାହିଁ, ଏହା ଅଜ୍ଞାତ ଭାଷାରେ ଲେଖାଯାଇଥିଲା । କେହି ଏହାକୁ ବ୍ୟାଖ୍ୟା କରିପାରିବେ ନାହିଁ ।

89 ସେମାନେ ଯାଇ ସେମାନଙ୍କର ସର୍ବୋତ୍ତମ ପଣ୍ଡିତମାନଙ୍କୁ ନେଇ ଆସିଲେ । ସେମାନେ କହିଲେ, "ଆମେ ଜାଣିନାହୁଁ ।"

90 ସେମାନେ ଯାଇ ସେମାନଙ୍କର ସମସ୍ତ ମନ୍ତ୍ରଜ୍ଞ ଏବଂ ଜ୍ୟୋତିଷମାନଙ୍କୁ ନେଇ ଆସିଲେ । "ଆମେ ଜାଣିନାହୁଁ । ଆମେ ଏହା ବିଷୟରେ କିଛି ଜାଣି ନାହୁଁ । ଆମେ କେବେ ବି ସେପରି କୌଣସି ଭାଷା ଦେଖି ନାହୁଁ, ଆମ ଜୀବନରେ ଏପରି କେବେ ଶୁଣି ନାହୁଁ ।"

91 କିନ୍ତୁ ସେଠାରେ ଜଣେ ବ୍ୟକ୍ତି ଥିଲେ! ପରମେଶ୍ୱର ତାଙ୍କର ଲୋକକୁ ରଖିଥିଲେ, ଦାନିୟେଲ ସେଠାରେ ଥିଲେ । କହିଲେ, "ଯାଇ ତାଙ୍କୁ ଆଣ," କହିଲେ, "କାରଣ ପରମେଶ୍ୱରଙ୍କ ଆତ୍ମା ତାଙ୍କଠାରେ ବାସ କରନ୍ତି ।"

92 ତେଣୁ ଦାନିୟେଲ ସେଠାକୁ ଆସିଲେ, କାନ୍ଥରେ ଲେଖାଯାଇଥିବା ସେହି ଭାଷାକୁ ପାଠ କରିବାକୁ ଏବଂ ବ୍ୟାଖ୍ୟା କରିବାକୁ ଆରମ୍ଭ କଲେ, ଏବଂ ସେ ଦେଲେ…ବ୍ୟାଖ୍ୟା କଅଣ ଥିଲା? ଏହା ନୁହେଁ, "ହେ ରାଜନ, ଆପଣ ଧନ୍ୟ ହେଉନ୍ତୁ, ସଦାକାଳ ଚିରଞ୍ଜୀବୀ ରୁହନ୍ତୁ ।" ମାତ୍ର ଏକ ଖାଣ୍ଟି, କଠୋର ଭାବେ, ତାଙ୍କର ଏକ ସୀଧାସଳଖ ପ୍ରତ୍ୟାଖ୍ୟାନ କରି, କହିଲେ, "ତୁମେ ନୀକିତିରେ ତୌଲା ଯାଇଅଛି ଏବଂ ହାଲୁକା ଦେଖା ଯାଇଅଛ ।"

93 ଦେଖନ୍ତୁ, ତାହା ସେହି ସମାନ ପ୍ରକାର ଅଟେ । ଯେପରିକି ସେହି ଅଲୌକିକ ବିଜାତି ରାଜ୍ୟକୁ ନେଇକି ଆସିଥିଲା, ଠିକ ସେହି ପ୍ରକାରେ ଅଲୌକିକ ବିଜାତିମାନଙ୍କ ମଧ୍ୟରୁ

ଏହାକୁ ବାହାର କରି ନେଉଅଛି। ଏହି ରାଜ୍ୟ ଅଲୌକିକ ଶକ୍ତି ଦ୍ୱାରା ଆରମ୍ଭ କରା ଯାଇଥିଲା, ଏହା ଅଲୌକିକ ଶକ୍ତି ଦ୍ୱାରା ବାହାରକୁ ଯାଉଅଛି। ଯିରୁଶାଲମର କାନ୍ଥଗୁଡ଼ିକ ପଦଦଳିତ କରାଯିବ, କରାଯିବ...ଏହା ହେବ..."ବିଜାତି କାଳ ଶେଷ ନ ହେବା ପର୍ଯ୍ୟନ୍ତ ବିଜାତିମାନେ ଏହାକୁ ଅଧିକାର କରିଥିବେ।" ତାହାପରେ ପରମେଶ୍ୱର ଯିହୂଦୀମାନଙ୍କ ନିକଟକୁ ଫେରିଯିବେ। ଆମେନ୍! ଓଃ, ମୋର ପ୍ରଭୁ!

94 ଓଃ, ବନ୍ଧୁଗଣ, ମୁଁ ଇଚ୍ଛା କରେ ଯେ ଆମେ ଏହାକୁ ଠିକ୍ ଭାବରେ ନେଇ ପାରିବା। କଅଣ ଆପଣ ନୁହଁନ୍ତି କି? ସେହି ଗୋଟିଏ ବିଷୟ ଉପରେ ପ୍ରାୟଃ ଏକ ସପ୍ତାହ ରଖିବା, ଦେଖନ୍ତୁ, ଯେପରିକି ଆମେ ଏହାକୁ ଶାସ୍ତ୍ର ମାଧ୍ୟମରେ ପୁଙ୍ଖାନୁପୁଙ୍ଖ ଭାବେ ସନ୍ଧାନ କରିପାରିବା।

95 ତାହା, ଦେଖନ୍ତୁ, ଧ୍ୟାନ ସହକାରେ ଶୁଣନ୍ତୁ—ଶୁଣନ୍ତୁ ଯାହା ସେ ବର୍ତ୍ତମାନ କହିଛନ୍ତି। "ବିଜାତିମାନଙ୍କ ସମୟ ସମାପ୍ତ ନ ହେବା ପର୍ଯ୍ୟନ୍ତ ଯିରୁଶାଲମକୁ ବିଜାତିମାନେ ପଦଦଳିତ କରୁଥିବେ।" ଟାଇଟସ୍‌ଙ୍କ—ଙ୍କ ଅବରୋଧ, ତାହା ପରେ ଆସିଲା, ଯିରୁଶାଲମକୁ ଅଧିକାରରେ ନେଇ ନେଲା। ସେ କହିଲେ, "ତେବେ—ତେବେ, ତୁମେ ଉତ୍ସନ୍ନ କରିବାକୁ ଥିବା ସେହି ଘୃଣ୍ୟ କାର୍ଯ୍ୟ ବିଷୟରେ ଶୁଣିଅଛ କି?"

"ହଁ।"

"ତେବେ, ତାହା ହିଁ ଅଟେ ଯେତେବେଳେ ସେହି ବିଜାତିମାନେ ଆସନ୍ତି।"

"ହଁ, ଆମେ ତାହା ବୁଝୁଛୁ," ଶିଷ୍ୟମାନେ କହିଲେ।

"ତେବେ, ବର୍ତ୍ତମାନ ବିଜାତିମାନଙ୍କର ସେମାନଙ୍କର ଶାସନ ରହିଥିଲା।"

"ନିଶ୍ଚିତ।"

96 "ତେବେ ବିଜାତି ଶାସନ ଅଧୀନରେ ଯିରୁଶାଲମ?" ହଁ, ଆଜ୍ଞା! ସେହି ରୋମୀୟମାନେ। ସେମାନଙ୍କର ଏବେ ମଧ୍ୟ ଯିରୁଶାଲମରେ—ରେ ଶାସନ ରହିଥିଲା। ଏବଂ ଏହା ଉତ୍ସନ୍ନ କରିବାକୁ ଥିବା ସେହି ଘୃଣ୍ୟ କାର୍ଯ୍ୟଠାରୁ ଆରମ୍ଭ ହୋଇଥିଲା ଯାହା ବିଷୟରେ ଦାନିୟେଲ କହିଥିଲେ।

97 ତେବେ ସେ କହିଲେ, "ସେହି ସମୟ ସନ୍ନିକଟ, କାରଣ ସେମାନେ ଏହି ମନ୍ଦିରକୁ ଭାଙ୍ଗି ସେଠାରେ ଓମାରର ମସ୍‌ଜିଦ ସ୍ଥାପନ କରିବାକୁ ଯାଉଛନ୍ତି, ତାହା ଠିକ ସେଠାରେ ସେହି ସମାନ ସ୍ଥାନରେ ରହିବାକୁ ଯାଉଅଛି, ସେହି ମୁସଲମାନ, ବିଜାତିମାନଙ୍କର। ଏବଂ ଏହା ସେଠାରେ ଛିଡା ହେବାକୁ ଯାଉଅଛି।"

98 *ବିଜାତି* ଅର୍ଥ "ଅବିଶ୍ୱାସୀ।" ତେବେ, ତାହା ମଣ୍ଡଳୀ ନୁହେଁ। ତାହା ବିଜାତି ଥିଲା, ଦେଖନ୍ତୁ, ସେହି ଅବିଶ୍ୱାସୀ। ବର୍ତ୍ତମାନ, ଏବଂ ତାହା ବିଜାତି କାଳ ଶେଷ ନ ହେବା ପର୍ଯ୍ୟନ୍ତ ଛିଡା ହୋଇଥିବ। ତାହାପରେ ଯେତେବେଳେ ବିଜାତି କାଳ ସମାପ୍ତ ହୋଇଯିବ, ସେହି ମହାନ ପ୍ରଧାନ ଶେଷ ସମୟରେ (ଯିଏକି ଖ୍ରୀଷ୍ଟ ଅଟନ୍ତି) ଲୋକମାନଙ୍କ ପାଇଁ ଛିଡା ହେବେ।

99 "ସେ ତାହାଙ୍କ ନିକଟକୁ ଆସିଲେ," ଦାନିୟେଲ ରେ, "ଯାହାଙ୍କର କେଶ ଲୋମ ପରି ଶୁଭ୍ର ଥିଲା," ଯେପରିକି ଆମେ ତାଙ୍କୁ ପ୍ରକାଶିତ ବାକ୍ୟ 1 ରେ ଦେଖିଛୁ, "ପ୍ରାଚୀନ କାଳ ପ୍ରତି । ଏବଂ ବିଚାର ସ୍ଥିର କରା ହେଲା ଓ ପୁସ୍ତକମାନ ଖୋଲା ହେଲା । ପୁସ୍ତକମାନ" (ବହୁବଚନ) "ଖୋଲା ହେଲା ଏବଂ ପ୍ରତ୍ୟେକ ବ୍ୟକ୍ତି ପୁସ୍ତକରୁ ବିଚାର କରା ଗଲେ, ସେହି ବିଷୟଗୁଡିକ ଅନୁସାରେ ଯାହା ସେଥିରେ ଲେଖା ହୋଇଥିଲା ।" ଦେଖନ୍ତୁ, ପୁସ୍ତକମାନ ଖୋଲା ହେଲା, "ସେ ତାହାଙ୍କୁ ଆସୁଥିବାର ଦେଖିଲେ, ଏବଂ ଦଶ ସହସ୍ର ଗୁଣନ ଦଶ ସହସ୍ର ଲୋକେ ତାହାଙ୍କର ସେବା କଲେ ।" ସାଧୁମାନେ ତାହାଙ୍କ ସହିତ ଆସିଲେ । କଅଣ ତାହା ଠିକ, ଦାନିୟେଲରେ ଅଛି କି? "ଏବଂ ପୁସ୍ତକମାନ ଖୋଲା ହେଲା," ତାହାହିଁ ଆପଣଙ୍କର ଜୀବନର ପୁସ୍ତକ ଅଟେ, "ଏବଂ ପ୍ରତ୍ୟେକ ଲୋକ—ପ୍ରତ୍ୟେକ ଲୋକ ସେହିପରି ବିଚାର କରା ଗଲେ, ପାପୀ, ସେହିପରି ବିଚାର କରା ଗଲେ । ଏବଂ ଆଉ ଏକ ପୁସ୍ତକ ଖୋଲା ହେଲା," ଯାହାକି ଜୀବନର ପୁସ୍ତକ ଥିଲା, "ଏବଂ ପ୍ରତ୍ୟେକ ଲୋକ ବିଚାର କରା ଗଲେ ।"

100 ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ସର୍ବଦା ମନେରଖନ୍ତୁ, ଏହାକୁ ତିନିରେ ବହନ କରନ୍ତୁ । ଯଦି ଆପଣ ତାହା ନ କରନ୍ତି, ତାହାହେଲେ ଆପଣ ମିଶ୍ରିତ ହେବା ନିଶ୍ଚିତ ଅଟେ । ପୃଥିବୀରେ ତିନୋଟି ଶ୍ରେଣୀର ଲୋକ ଜନ୍ମ ହୋଇଥିଲେ; ଆରମ୍ଭରେ ତିନୋଟି ଶ୍ରେଣୀ ଥିଲେ; ଶେଷରେ ତିନୋଟି ଶ୍ରେଣୀ ହେବେ । କଅଣ…

101 ଯୀଶୁ ଦଶ ସହସ୍ର ଗୁଣନ ଦଶ ସହସ୍ର ଲୋକମାନଙ୍କ ସହିତ ଫେରି ଆସନ୍ତି, ତାଙ୍କୁ ସେବା କରନ୍ତି । ଆପଣଙ୍କୁ ତାଙ୍କର ଏହି କଥନ ମନେ ଥିବ, "କଅଣ ଏହା ତୁମମାନଙ୍କ ପାଇଁ ନେବା ଏକ ଛୋଟ କଥା ନୁହେଁ କି…କିମ୍ବା ତୁମର ବ୍ୟବସାୟ ଏବଂ ତୁମର ସମସ୍ୟାଗୁଡିକୁ ଆଇନକୁ ନେବା ଏକ ଅସାଧାରଣ ବିଷୟ ନୁହେଁ କି, ଯେତେବେଳେକି କଅଣ ଏହା ଜାଣ ନାହିଁ ଯେ ସାଧୁମାନେ ପୃଥିବୀର ବିଚାର କରିବେ?" ସାଧୁମାନେ ପୃଥିବୀର ବିଚାର କରନ୍ତି! ହାଲ୍ଲେଲୁୟା! ମୁଁ ତାହା ବିଷୟରେ ଭାବେ, ମୋର ପ୍ରଭୁ! ସହସ୍ରାବ୍ଦୀ ପରେ, ରକ୍ତରେ-ଧୌତ ହୋଇଥିବା ଲୋକମାନଙ୍କ ସହିତରେ, ସେଠାରେ, ତାହାଙ୍କୁ ଆସୁଥିବାର ଦେଖିବା, ଓ ସମସ୍ତ ଯୁଗର ମୁକ୍ତି ଏବଂ ମୁକ୍ତିପ୍ରାପ୍ତ ଲୋକମାନଙ୍କୁ ତାହାଙ୍କ ଉପସ୍ଥିତିରେ ଛିଡା ହୋଇଥିବାର ଦେଖିବା । ରକ୍ତରେ-ଧୌତ ହୋଇଥିବା କନ୍ୟା!

102 କେବଳ ସେମାନେ ନୁହଁନ୍ତି ଯେଉଁମାନେକି ଭଲ ଲୋକ ଅଟନ୍ତି, ସେମାନେ ନିଶ୍ଚିତ ଭାବରେ ପ୍ରଥମ ପୁନରୁତ୍ଥାନରୁ ବଞ୍ଚିତ ହେବେ । ବାଇବଲ କୁହେ, "ଏବଂ ଅବଶିଷ୍ଟ ମୃତମାନେ ହଜାର ବର୍ଷ ସମ୍ପୂର୍ଣ୍ଣ ନ ହେବା ଯାଏଁ ଜୀବିତ ହେବେ ନାହିଁ ।" କଅଣ ତାହା ଠିକ୍ ଅଟେ? ସେମାନେ, ଯେଉଁମାନଙ୍କରକି ନାମଗୁଡିକ ମେଷଶାବକଙ୍କ ଜୀବନ ପୁସ୍ତକରେ ଲେଖା ଯାଇଥିଲା କିନ୍ତୁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମକୁ ପ୍ରତ୍ୟାଖ୍ୟାନ କରିଥିଲେ ।

103 କେବଳ ମନୋନୀତମାନେ ହିଁ ସେହି ସମୟରେ ଯାଆନ୍ତି । କେବଳ ମନୋନୀତମାନେ ହିଁ ସେହି—ସେହି—ସେହି ସହସ୍ରାବ୍ଦୀକୁ ଗ୍ରହଣ କରନ୍ତି । ଓଃ, ତେବେ, ଭାଇ, ତାହାହେଲେ

ଆମେ କେଉଁ ପ୍ରକାରର ଲୋକ ହେବା ଉଚିତ୍? ମୁଁ ସହସ୍ରାବ୍ଦୀ ଦେଇ ବଞ୍ଚି ରହିବାକୁ ଚାହେଁ! ଆସନ୍ତୁ ପ୍ରତ୍ୟେକ ସହଜରେ ବେଷ୍ଟନକାରୀ ଭାର ଏବଂ ପାପକୁ ପରିତ୍ୟାଗ କରିବା। ଯଦି କୌଣସି ବ୍ୟକ୍ତି କିଛି ଭୁଲ୍ କୁହନ୍ତି କିମ୍ବା *ଏହିପରି କିଛି* କରନ୍ତି, ତେବେ ତାଙ୍କ ପାଇଁ ପ୍ରାର୍ଥନା କରନ୍ତୁ ଏବଂ ଆଗକୁ ବଢି ଚାଲନ୍ତୁ। ଆପଣଙ୍କର ଗୋଟିଏ ମାତ୍ର ବିକଳ୍ପ ପରମେଶ୍ୱରଙ୍କ ଆଡ଼େ ଲାଗି ରହିଥାଉ। ଯଦି ଅନ୍ୟ କେହି ଏହାକୁ ପ୍ରାପ୍ତ ନ କରନ୍ତି, ଆପଣ ଏହାକୁ ପ୍ରାପ୍ତ କରନ୍ତୁ! କାରଣ ସେଠାରେ ଜଣେ ମନୋନୀତ ହେବାକୁ ଯାଉଅଛନ୍ତି ଯିଏକି ସହସ୍ରାବ୍ଦୀ ଯୁଗ ଦେଇ ରହିବାକୁ ଯାଉଅଛି ଏବଂ ଏକ ହଜାର ବର୍ଷ ପାଇଁ ଖ୍ରୀଷ୍ଟଙ୍କ ସହ ଭିତରକୁ ଯିବେ ଓ ବାହାରି ଆସିବେ, ଏବଂ ତାହାପରେ ସେମାନେ ତାହାଙ୍କ ସହିତ ମହିମାକୁ ଯିବେ ଓ ପୁନର୍ବାର ଫେରି ଆସିବେ। ଯେତେବେଳେ ଦୁଷ୍ଟମାନଙ୍କ ପୁନରୁତ୍ଥାନ ହୋଇସାରେ, ସେତେବେଳେ ସହସ୍ରାବ୍ଦୀ ସ୍ଥାପିତ ହେବ...ସେହି ସହସ୍ରାବ୍ଦୀ ଶେଷ ହେବା ପରେ, ତାହାପରେ ଖ୍ରୀଷ୍ଟ ମଣ୍ଡଳୀ ସହିତରେ ଯିବେ, ଏବଂ ସହସ୍ରାବ୍ଦୀର ଶେଷରେ ସେ ମଣ୍ଡଳୀ ସହିତରେ ଫେରି ଆସିବେ।

104 ଖ୍ରୀଷ୍ଟ ତିନିଥର ଆସନ୍ତି। ପ୍ରଥମ ଥର, ସେ ଆପଣା ମଣ୍ଡଳୀକୁ *ମୁକ୍ତ* କରିବା ପାଇଁ ଆସିଲେ। କଅଣ ତାହା ଠିକ୍ ଅଟେ? ଦ୍ୱିତୀୟ ଥର, ସେ ଆପଣା ମଣ୍ଡଳୀକୁ *ଗ୍ରହଣ* କରିବା ପାଇଁ ଆସନ୍ତି। ତୃତୀୟ ଥର, ସେ ଆପଣା ମଣ୍ଡଳୀ *ସହିତରେ* ଆସନ୍ତି। ବୁଝିଲେ? ସେ ତାଙ୍କୁ *ମୁକ୍ତ* କରିବା ପାଇଁ ଆସନ୍ତି; ମହାମାରୀ ଏବଂ ଇତ୍ୟାଦି ସମୟରେ, ସେ ତାଙ୍କୁ *ଉର୍ଦ୍ଧାନ୍ତିକରଣରେ* ନେଇଯିବା ପାଇଁ ଆସନ୍ତି; *ସହସ୍ରାବ୍ଦୀ* ପାଇଁ ଫେରି ଆସନ୍ତି, ସହସ୍ରାବ୍ଦୀ କାଳରେ ରୁହନ୍ତି।

105 ଏବଂ ତାହାପରେ ସେହି ମହାନ ରାଜା ଏବଂ ରାଣୀ ବିଚାର କରିବା ନିମନ୍ତେ ତଳକୁ ଆସନ୍ତି। ଶ୍ୱେତ ସିଂହାସନ ବିଚାର ସ୍ଥିର କରା ହେଲା ଏବଂ ପୁସ୍ତକଗୁଡ଼ିକ ଖୋଲା ଗଲା। ଏବଂ ସେଠାରେ ସେହି ମୁକ୍ତିପ୍ରାପ୍ତ, ପବିତ୍ରଆତ୍ମାଙ୍କ ଦ୍ୱାରା ଜନ୍ମିତ ଜୀବନ୍ତ ପରମେଶ୍ୱରଙ୍କର ମଣ୍ଡଳୀ, ସେଠାରେ ତାର ସୌନ୍ଦର୍ଯ୍ୟରେ ବିଚାର କରିବା ପାଇଁ ଛିଡା ହୋଇଥାଏ। "ପୁସ୍ତକମାନ ଖୋଲା ହେଲା, ବିଚାର ସ୍ଥିର ହେଲା ଏବଂ ପ୍ରତ୍ୟେକ ବ୍ୟକ୍ତି ଏହିପରି ବିଚାର କରାଗଲେ," ଯିଏକି ପାପୀ ଥିଲା। "ପୁଣି ଆଉ ଏକ ପୁସ୍ତକ ଖୋଲା ଗଲା," ପବିତ୍ରଆତ୍ମାରେ ଅଭିଷିକ୍ତ କନ୍ୟା ପାଇଁ ନୁହେଁ, ସେ ଏହାକୁ କେବେବି ଗ୍ରହଣ କରିବ ନାହିଁ କାରଣ ସେ ତ ଉର୍ଦ୍ଧାନ୍ତିକରଣରେ ରହିଥାଏ।

106 ଯଦି ଆପଣ ଆଜି ସକାଳେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଅଟନ୍ତି, ଏବଂ ପରମେଶ୍ୱରଙ୍କ ଶକ୍ତି ଆପଣଙ୍କ ଶରୀରର ପ୍ରତ୍ୟେକ ତନ୍ତୁରେ ଗତି କରୁଅଛି, ତାହାହେଲେ ବିଚାରରେ ଠିଆ ହେବା ଆପଣଙ୍କ ପାଇଁ କି ଲାଭ ହେବ? ଆପଣ ତ ପୂର୍ବରୁ ବିଚାର କରାଯାଇ ଅଛନ୍ତି, ଏବଂ ଗ୍ରହଣ କରାଯାଇ ଅଛନ୍ତି, ଓ ପରିପୂର୍ଣ୍ଣ କରାଯାଇ ଅଛନ୍ତି, ଏବଂ ଆଗରୁ—ଆଗରୁ ରୂପାନ୍ତରିତ ହୋଇ ଖ୍ରୀଷ୍ଟ ଯୀଶୁଙ୍କ ସହିତ ସ୍ୱର୍ଗୀୟ ସ୍ଥାନରେ ଅଛନ୍ତି। ଆପଣ *ଯେ ହେବେ* ତାହା ନୁହେଁ, ଆପଣ ତ ବର୍ତ୍ତମାନ, ଠିକ ବର୍ତ୍ତମାନ ହିଁ ରୂପାନ୍ତରିତ ହୋଇଅଛନ୍ତି!

107 "ଯାହାଙ୍କୁ ସେ ଆହ୍ୱାନ କଲେ, ସେ ଧାର୍ମିକ ଗଣନା କଲେ; ଯାହାଙ୍କୁ ସେ ଧାର୍ମିକ ଗଣନା କଲେ, ସେ ତାଙ୍କୁ ମହିମାନ୍ୱିତ କଲେ।" ଏବଂ ଆଜି ସକାଳେ ଦୁନିଆର ପ୍ରତ୍ୟେକ ମୁକ୍ତିପ୍ରାପ୍ତ

ବ୍ୟକ୍ତି, ଯିଏକି ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ତଳେ ଅଛି, ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଅଛି, ଯାହାଙ୍କଠାରେ ଅନନ୍ତ ଜୀବନ ରହିଛି ଏବଂ ଯିଏ ବିନଷ୍ଟ ହୋଇପାରେ ନାହିଁ, ଏବଂ ଆଗରୁ ଖ୍ରୀଷ୍ଟ ଯୀଶୁଙ୍କ ସହିତରେ ସ୍ୱର୍ଗୀୟ ସ୍ଥାନରେ ଅଛି, ଆଉ କଦାପି ନିନ୍ଦିତ ହେବ ନାହିଁ। ଆଗରୁ ମୁକ୍ତ ହୋଇଅଛି! କଅଣ ତାହା ଆଶ୍ଚର୍ଯ୍ୟଜନକ ନୁହେଁ କି? ଦେଖନ୍ତୁ? ପୂର୍ବରୁ ମୁକ୍ତ ହୋଇସାରିଛି, ବର୍ତ୍ତମାନ ଖ୍ରୀଷ୍ଟଙ୍କ ସହିତ ସ୍ୱର୍ଗୀୟ ସ୍ଥାନରେ ବସିଅଛି, ଏବଂ ମହି-...ପୂର୍ବରୁ ମହିମାନ୍ୱିତ, ଆଗରୁ ମହିମାନ୍ୱିତ ହୋଇଅଛି!

108 ଆପଣ କୁହନ୍ତି, "ଭାଇ ବିଲ୍, କଅଣ ଶାସ୍ତ୍ର ତାହା କୁହେ କି?"

109 ଯୀଶୁ ତାହା କହିଥିଲେ, କିମ୍ୱା ଶାସ୍ତ୍ର ତାହା କୁହେ, କିମ୍ୱା ଲେଖକମାନେ ତାହା କହିଥିଲେ। ପାଉଲ, ସେ କହିଲେ, "ଯେଉଁମାନଙ୍କୁ ସେ ଧାର୍ମିକ ଗଣନା କରିଛନ୍ତି, ସେ ଆଗରୁ ମହିମାନ୍ୱିତ କରିସାରିଛନ୍ତି। ଯେଉଁମାନଙ୍କୁ ସେ ପୂର୍ବନିରୂପଣ କରିଛନ୍ତି, ସେ ପୂର୍ବନିର୍ଦ୍ଧାରିତ କରିଛନ୍ତି; ଯେଉଁମାନଙ୍କୁ ସେ ପୂର୍ବନିର୍ଦ୍ଧାରିତ କରିଛନ୍ତି, ସେ ଧାର୍ମିକ ଗଣନା କରିଛନ୍ତି; ଯେଉଁମାନଙ୍କୁ ସେ ଧାର୍ମିକ ଗଣନା କରିଛନ୍ତି, ସେ ଆଗରୁ ମହିମାନ୍ୱିତ କରିସାରିଛନ୍ତି।" ଏହା କଅଣ ଅଟେ? ଓଃ, ମୋର ପ୍ରଭୁ! (ମୋତେ କ୍ଷମା କରିବେ।) ପୂର୍ବରୁ ମହିମାନ୍ୱିତ କରିସାରିଛନ୍ତି! ତାହାପରେ ଯଦି ଆମେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଅଟୁ, ଆମର ତନ୍ତୁ ଏବଂ ଜୀବଗୁଡିକ ପରମେଶ୍ୱରଙ୍କ ନିକଟରେ ସଂରକ୍ଷିତ ହୋଇ ରହିଥାଏ, ଆଉ ସେଠାରେ ଏକ ମହିମାମୟ ଶରୀର ଆଗରୁ ଅପେକ୍ଷା କରୁଅଛି, ଏବଂ ଆପଣଙ୍କୁ ଠିକ ଏହା ସମାପ୍ତ ହେବା ମାତ୍ରେ ସେଠାକୁ ଯିବାକୁ ପଡିବ। ଯେଉଁମାନଙ୍କୁ ସେ ଧାର୍ମିକ ଗଣନା କରିଛନ୍ତି, ସେ ଆଗରୁ ମହିମାନ୍ୱିତ କରି ସାରିଛନ୍ତି!

110 ଯାହା ମୁଁ କିଛି ସମୟ ପୂର୍ବରୁ କହୁଥିଲି, ସେହି ନକାରାତ୍ମକ ଏବଂ ସକରାତ୍ମକ ବିଷୟ। ମୁଁ ଇଚ୍ଛା କରେ ଯେ କାଳେ ମୋ ପାଖରେ ସେତେ ଶିକ୍ଷା ରହିଥାଆନ୍ତା ଯେ ଏହାକୁ ନେଇକରି ଆସନ୍ତି ଓ ଏହାକୁ ବୁଦ୍ଧିର ସହ ଉପସ୍ଥାପନ କରନ୍ତି ଏବଂ ଆପଣଙ୍କଠାରେ ସ୍ପଷ୍ଟ କରନ୍ତି, ମାତ୍ର ମୁଁ ଏହାକୁ ପାଇପାରୁ ନାହିଁ। ମୁଁ ଜାଣେ ଯେ ମୁଁ କେଉଁ ବିଷୟରେ କହୁଅଛି, କିନ୍ତୁ ମୁଁ ତାହାକୁ ସେହିପରି ଭାବରେ ଉପସ୍ଥାପନ କରିପାରୁ ନାହିଁ ଯେପରି ମୁଁ ତାହାକୁ ଚାହୁଁଅଛି।

111 [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]...ସୂଫ ସାଗର ଏବଂ ଏହି ସବୁ ଜିନିଷ ଯାହା ସେମାନେ ଦେଖାଉ ଅଛନ୍ତି। ସାମଗ୍ରୀଗୁଡିକ ସେଠାରେ ଅଛି, ଯିହୁଦୀମାନେ, ପ୍ରକୃତରେ ପରିପୂର୍ଣ୍ଣ ଅଟନ୍ତି, ତେବେ ସେହି ସମାନ ବିଷୟ ପୁନର୍ବାର ସେମାନଙ୍କର ଶିବିରକୁ ପ୍ରଦୂଷିତ କରି ଦେବ। ହଁ! ସେମାନେ ଠିକ ତଳକୁ, ପୃଥିବୀର ସହରଗୁଡ଼ିକ ପାଖକୁ ଆସିବେ। ରୁଷ ଆସିବ, କହିବ, "ଆମକୁ ତ ସେହି ସାମଗ୍ରୀ ପାଇବାକୁ ଅଛି। ଅର୍ଥାତ୍ ୟୁରାନିୟମ୍ ଏବଂ ସେଠାରେ ଥିବା ସବୁକିଛି, ଆମକୁ ଯାଇ ସେହିସବୁ ବିଷୟ ପାଇବାକୁ ଅଛି।" ଏବଂ ଯେତେବେଳେ ସେମାନେ ତଳକୁ ଯାଆନ୍ତି, ତେବେ ସେଠାରେ ଆର୍ମାଗିଦୋନ୍ ଯୁଦ୍ଧ ହେବ। ତାହା ସେତେବେଳେ ହେବ ଯେତେବେଳେ ପରମେଶ୍ୱର ସେଠାରେ ଛିଡା ହେବେ ଯେପରିକି ସେ ଇସ୍ରାଏଲର ସନ୍ତାନଗଣଙ୍କ ପାଇଁ ଉପତ୍ୟକାରେ ଛିଡା ହୋଇଥିଲେ ଏବଂ ପୁନର୍ବାର ଯୁଦ୍ଧ କରିବେ। ମାତ୍ର

ତାହା ସେତେବେଳେ ହେବ ଯେପର୍ଯ୍ୟନ୍ତକି ବିଜାତି କାଳ ସମାପ୍ତ ନ ହୋଇଯାଏ। ଏବଂ ଯେତେବେଳେ ସେହି ସମୟ ସମାପ୍ତ ହୋଇଯାଏ, ସେ ଉଚ୍ଛିନ୍ନ କରାଯିବ।

112 [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] ବର୍ତ୍ତମାନ ମୋର ବିନମ୍ର ମତାନୁସାରେ, ପ୍ରିୟ ବ୍ୟକ୍ତି ଯିଏକି ଏଠାରେ ଏହି ପ୍ରଶ୍ନକୁ ପଚାରିଛନ୍ତି, ମୋର ବିନମ୍ର ମତ ଏହି ବିଷୟରେ:

**10. ସେହି ଦିନରେ ଏହି ମହାବୀରଗଣ କିଏ ଥିଲେ?**

113 ତେବେ, ଜୋସେଫସ୍ ସେଠାରେ...ଅବଶ୍ୟ, ମୁଁ ଜାଣେ, ଆମର ମଣ୍ଡଳୀ, ଆପଣ ମୋ ଭଳି ଅଟନ୍ତି। ମୁଁ—ମୁଁ ଜଣେ ସପ୍ତମ-ଶ୍ରେଣୀ ଶିକ୍ଷିତ ମୂର୍ଖ ବ୍ୟକ୍ତି ଅଟେ ଏବଂ ମୁଁ—ମୁଁ ଶିକ୍ଷା ଏବଂ ଜିନିଷଗୁଡିକ ବିଷୟରେ ଚିନ୍ତା କରେ ନାହିଁ। ମୁଁ ଭାବୁଛି ଯେ ତାହା ସୁସମାଚାରର ସବୁଠୁ ବଡ ପ୍ରତିବନ୍ଧକ ଅଟେ ଯାହାକି କେବେ ରହିଥିଲା। ମାତ୍ର ତଥାପି, ଠିକ ବେଳେବେଳେ, ମୁଁ ଗୋଟିଏ କିମ୍ବା ଦୁଇଟି ବହି ନେଇଥାଏ। ତେବେ, ମୋ ଭଳି ଲୋକମାନଙ୍କ ସହିତ ମୋର ବ୍ୟବହାର, ଆମେ ସମସ୍ତେ ସେହି ସମାନ ଧାଡିରେ ଅଛୁ, ଆମେ ତ କେବଳ ସେହି ସାଧାରଣ ଲୋକ ଅଟୁ। ଏବଂ ମୁଁ ବହୁତ କୃତଜ୍ଞ ଅଟେ। ବାଇବଲ କୁହେ, "ସାଧାରଣ ଲୋକମାନେ ତାହାଙ୍କୁ ଆନନ୍ଦରେ ଶୁଣିଥିଲେ।" ସେହି ଗଣ୍ୟମାନ୍ୟ ଲୋକମାନେ, ତେବେ ସେଠାରେ ଆଉ ଏକ ଶ୍ରେଣୀ ଥିଲା, କିନ୍ତୁ ସାଧାରଣ ଲୋକ...ଠିକ ଆମ ପରିକା ସାଧାରଣ ଲୋକମାନଙ୍କର ସମୂହ, ଯେଉଁ ଲୋକମାନେକି ପରମେଶ୍ୱରଙ୍କୁ ଭଲ ପାଆନ୍ତି ଏବଂ ତାଙ୍କ ପାଖରେ ଏହି ଜଗତର ବହୁତ ଅଧିକ କିଛି ନ ଥାଏ, ସେମାନଙ୍କର ପିଲାଛୁଆ ଏବଂ ପରିବାରଗୁଡିକ ରହିଥାଆନ୍ତି, ଆମେ ପରମେଶ୍ୱରଙ୍କୁ ଭଲ ପାଉ ଏବଂ ମଣ୍ଡଳୀକୁ ଯିବାକୁ ପସନ୍ଦ କରୁ, ଆମ ଶରୀରର ସେହି—ସେହି ପୋଷାକଗୁଡିକୁ ମଧ୍ୟ ତାଙ୍କ ରାଜ୍ୟ ପାଇଁ ଦେଇ ଦେଉ, ସେହିପରି କିଛି କରୁ। ଆମେ ତାହାଙ୍କୁ ଭଲପାଉ, ଆମେ କିଛି ବି କରିବୁ, ତାହାହିଁ ସେହି ସାଧାରଣ ଲୋକମାନେ ଅଟନ୍ତି ଯେଉଁମାନେକି ତାହାଙ୍କର କଥାକୁ ଶୁଣିଥିଲେ। ଏବଂ ଆଜି ମଧ୍ୟ ତାହା ସେହି ସମାନ ପ୍ରକାର ଅଟେ, ସାଧାରଣ ଲୋକମାନେ ତାହାଙ୍କୁ ଖୁସିରେ ଶୁଣନ୍ତି।

114 ବର୍ତ୍ତମାନ, ଧନୀ ବ୍ୟକ୍ତିଙ୍କ ପାଖରେ ପୃଥିବୀର ବହୁତ ଅଧିକ ଚିନ୍ତା କରିବା ପାଇଁ ବିଷୟ ରହିଥାଏ, ଦେଖନ୍ତୁ। ଏବଂ—ଏବଂ ସେଠାରେ ତଳେ ଥିବା ସେହି ପ୍ରକୃତ ବ୍ୟକ୍ତିଜଣକ ଯାହାଙ୍କ ସହିତ ଆପଣ କିଛି କରିପାରନ୍ତି ନାହିଁ, ଦରିଦ୍ର ଶ୍ରେଣୀର ଲୋକମାନେ, ସେ ତ ତାହା ପ୍ରତି ଧ୍ୟାନ ହିଁ ଦେବ ନାହିଁ। ମାତ୍ର ସେହି ସାଧାରଣ ଲୋକମାନେ କେବଳ ତାହାଙ୍କୁ ଆନନ୍ଦରେ ଶୁଣିଥିଲେ।

115 ଏବଂ ବର୍ତ୍ତମାନ ଜୋସେଫସରେ, ତାଙ୍କର ଲେଖାଗୁଡିକରେ, ସେ କହିଲେ... ତେବେ, ଏଠାରେ ଏହି "ପରମେଶ୍ୱରଙ୍କ ପୁତ୍ରଗଣ" ବିଷୟରେ ଯେଉଁମାନେକି ମନୁଷ୍ୟର କନ୍ୟାମାନଙ୍କୁ ଗ୍ରହଣ କରି ନେଇଥିଲେ ତାଙ୍କର ଏହା ବ୍ୟାଖ୍ୟା ଥିଲା। ସେ କହିଲେ ଯେ "ପୃଥିବୀରେ ପତିତ ହୋଇଥିବା ସେହି ଆତ୍ମାଗୁଡିକ..."

116 ବର୍ତ୍ତମାନ, ଆପଣ ଜାଣନ୍ତି ଯେ...ପ୍ରକାଶିତ ବାକ୍ୟ ପୁସ୍ତକରେ, 11 ପର୍ବ, କିମ୍ବା, 7ମ ରେ, ନା, କ୍ଷମା କରନ୍ତୁ...ପ୍ରକାଶିତ ବାକ୍ୟର 12ଶ ପର୍ବ, ସୂର୍ଯ୍ୟରେ ଛିଡା ହୋଇଥିବା ସେହି

ସ୍ତ୍ରୀଲୋକ ଜଣକ। “ସେହି ଲାଲ ଅଜଗର ତାର ଲାଞ୍ଜକୁ ଦୁଇ-ତୃତୀୟାଂଶ ଆକାଶର ନକ୍ଷତ୍ରଗଣର ଚାରିଆଡ଼େ ଗୁଡାଇ ପୃଥିବୀକୁ ଟାଣି ଆଣିଥିଲା।” ଆମେ ଅନୁଭବ କରୁ ଯେ ଶୟତାନ, ଆରମ୍ଭରେ, ଉତ୍ତର ଦିଗରେ ଏକ ରାଜ୍ୟ ସ୍ଥାପନ କଲା ଯାହାକି ସେହି ରାଜ୍ୟ ଅପେକ୍ଷା ଅଧିକ ସୁନ୍ଦର ହେବାକୁ ଥିଲା ଯେତିକି ସୁନ୍ଦର ସେହି—ଯେତିକି ସୁନ୍ଦର ମୀଖାୟେଲର ରହିଥିଲା, ଏବଂ ସେଠାରେ ଏକ...ତାହାପରେ ସେ ସ୍ୱର୍ଗରେ ଯୁଦ୍ଧ ଘୋଷଣା କଲା। ଆଉ ସେ ନିଜ ସହିତ ଦୁଇ-ତୃତୀୟାଂଶ ଦୂତମାନଙ୍କୁ ଟାଣି ଆଣିଲା। କଅଣ ତାହା ଠିକ୍ କି?

117 ସେହି କାରଣରୁ ହିଁ ଆମେ କେବଳ ସଂଖ୍ୟାଲଘୁ ଅଟୁ। ମୋର କହିବାର ଅର୍ଥ ସେହି—ସେହି—ସେହି ପକ୍ଷ...ଆଜି ସକାଳେ ଲୋକମାନଙ୍କର ସେହି ଛୋଟ ଦଳ, ଖ୍ରୀଷ୍ଟିଆନ ପରିସରରେ, ପବିତ୍ରଆତ୍ମାରେ ଜନ୍ମିତ ଲୋକମାନେ, କାରଣ ସେମାନେ ସେହି—ସେହି—ସେହି ଛୋଟ ଅଂଶରେ ଅଟନ୍ତି। ତାହା ଠିକ୍ ଅଟେ।

118 ଏବଂ ଯଦି ଆପଣମାନେ ସେହି ଆତ୍ମାଗୁଡିକୁ ଦେଖିବେ ଯେଉଁମାନେକି ଆଦିପୁସ୍ତକରୁ ବାହାରି ଉଠିବାକୁ ଆରମ୍ଭ କରିଥିଲେ, ସେହି ପ୍ରକୃତ ପ୍ରତିଷ୍ଠିତ, ଉଚ୍ଚ ବର୍ଗୀୟ ମାଣ୍ଡଳିକ ଉପାସନାକୁ ଦେଖନ୍ତୁ। ଏହାକୁ ପଶ୍ଚାତ ସମୟରେ କୟିନଙ୍କଠାରେ ଦେଖନ୍ତୁ, ଏହାକୁ ଆଜିର ସମୟରେ ଦେଖନ୍ତୁ। ଠିକ୍ ଭିତରକୁ ଆସିଥାଏ, ଫାରୂଶୀମାନଙ୍କ ଦେଇ ଠିକ ଭିତରକୁ ଆସିଥାଏ। ଏବଂ ସେଠାରେ ସେମାନଙ୍କ ମଧ୍ୟରୁ ଦୁଇଟି ଦଳ ଅଛି, ଫାରୂଶୀ ଏବଂ ସାଦ୍ଦୂକୀ। ଦେଖନ୍ତୁ, ଠିକ୍ ଆଗକୁ ବଢିଥାଏ, ଏବଂ ଆଜି ଏହାକୁ କ୍ୟାଥୋଲିକବାଦରେ ଏବଂ ସେହିପରି ମହାନ ଆନ୍ଦୋଳନଗୁଡିକରେ ଦେଖନ୍ତୁ, ସୁନ୍ଦର ସୁନ୍ଦର ମହାନ ସ୍ଥାନଗୁଡିକରେ ଦେଖନ୍ତୁ।

119 ତେବେ, ସେହି ଛୋଟ ମେଣ୍ଢା ଛୁଆ ସହିତ ହେବଲକୁ ଦୃଷ୍ଟିପାତ କରନ୍ତୁ, ଦେଖନ୍ତୁ, କେବଳ ଏକ ସାଧାରଣ ବିଷୟ। ଯୀଶୁଙ୍କ ସମୟରେ ଏହାକୁ ଦେଖନ୍ତୁ। ଏହାକୁ ଠିକ ସମସ୍ତ ଶାସ୍ତ୍ର ଦେଇ ଦେଖନ୍ତୁ ଯେତେବେଳେ ଆପଣ ଉପରକୁ ବଢୁ ଥାଆନ୍ତି, ଏହା ଦେଖି ଯେ ତାହା କିପରି ଅଟେ। ଆମେମାନେ ଠିକ ସେହି ଦିନରେ ବସବାସ କରୁଅଛୁ ଯେତେବେଳେକି ପରମେଶ୍ୱର ସମସ୍ତ କାଳ ଦେଇ ଆପଣା ମଣ୍ଡଳୀକୁ ଡାକି ଅଛନ୍ତି। ସେହି ଛୋଟ ଡୋରୀ, ସେହି ଛୋଟ ଲାଲ୍ ଡୋରୀ ଯାହାକି ଠିକ ବାଇବଲ ସମୟ ଦେଇ ସମସ୍ତ ସାର୍ଗରେ, ରକ୍ତରେ-ଧୌତ ଲୋକମାନଙ୍କର ଦେଇ, ତଳକୁ ଆସିଅଛି। ଧ୍ୟାନ ଦିଅନ୍ତୁ!

120 ବର୍ତ୍ତମାନ, ଏହି “ପରମେଶ୍ୱରଙ୍କ ପୁତ୍ରଗଣ,” ମୋ ମତରେ, ନୁହେଁ, ନିଶ୍ଚିତ ଭାବରେ ଅସହମତ ହେବା ପାଇଁ ନୁହେଁ କିମ୍ବା ଚତୁର ହେବାକୁ ଚେଷ୍ଟା କରିବା ପାଇଁ ନୁହେଁ କିଅବା ଏହା କହିବା ପାଇଁ ନୁହେଁ ଯେ ଜୋସେଫସ୍ ତାହା ଜାଣି ନ ଥିଲେ ଯେଉଁ ବିଷୟରେ ସେ କହୁଥିଲେ, ମାତ୍ର ସେ ମୋ ପରି ଜଣେ ବ୍ୟକ୍ତି ଥିଲେ। ଯାଏ ଆସେ ନାହିଁ ଯେ ସେ କେତେ ପଣ୍ଡିତ ଥିଲେ, ତଥାପି ସେ ତ କେବଳ ଜଣେ ମଣିଷ ଥିଲେ। ଏବଂ ଏକମାତ୍ର ଜିନିଷ ଯାହା ତାଙ୍କର ଥିଲା, ସେ ପୁରାତନ ଶାସ୍ତ୍ରସବୁ ଗବେଷଣା କରିଥିଲେ, ଏବଂ ସେହିଭଳି ବିଷୟ ସବୁ, ଏବଂ ପୁରାତନ ସ୍ମୃତି

ଲେଖାସବୁ, ଏବଂ ପ୍ରଭୃତି, ମାତ୍ର ତାଙ୍କ ପାଖରେ ତାହା କିଛି ଅଧିକ ନ ଥିଲା ଯାହାକି ଆଜି ଆମ ପାଖରେ ନାହିଁ, ତାହା ହେଉଛି ପବିତ୍ରଆତ୍ମା । ତେବେ, ସେ କେବଳ ସ୍ୱାଭାବିକ ମସ୍ତିଷ୍କ ଦେଇ ବିଚାର କରିଥିଲେ ।

121 କିନ୍ତୁ ଆମେ ତ ଏହାକୁ ଆତ୍ମିକ ମନ ଦ୍ୱାରା ଗ୍ରହଣ କରୁଅଛୁ । ସେହି "ପରମେଶ୍ୱରଙ୍କ ପୁତ୍ରଗଣ," ଯେତେବେଳେ, ସେମାନେ ଦୂତସ୍ୱରୂପ ପ୍ରାଣୀମାନେ ଥିଲେ । ମୁଁ ବିଶ୍ୱାସ କରେ ଯେ ସେମାନେ ଅଟନ୍ତି । ଏବଂ ମୁଁ—ମୁଁ ବିଶ୍ୱାସ କରେ ଯେ...

122 ବର୍ତ୍ତମାନ, ଜୋସେଫସ୍ ମଧ୍ୟ ସେହି ସମାନ କଥା କହିଥିଲେ, କିନ୍ତୁ ସେ କହିଲେ, "ସେମାନେ ନିଜକୁ ବାଧ୍ୟ କରି ବଳପୂର୍ବକ ମାନବ ଶରୀର ମଧ୍ୟରେ ପ୍ରବେଶ କରାଇଲେ, ଏବଂ ପୁତ୍ରମାନଙ୍କୁ ଅଧିକାର କରି ନେଲେ...ଏବଂ—ଏବଂ ମନୁଷ୍ୟର କନ୍ୟାଗଣଙ୍କୁ ଗ୍ରହଣ କରି ନେଲେ ।" ବର୍ତ୍ତମାନ, ଆମେମାନେ ଏକ ମିଶ୍ରିତ-ଜନତା ଅଟୁ; ଆମେମାନେ ଆଜି ସକାଳେ ଏଠାରେ ଅଲଗା ଅଟୁ, ପୁରୁଷ, ସ୍ତ୍ରୀଲୋକମାନେ, ଏବଂ ଛୋଟ ଝିଅ ଓ ପୁଅମାନେ, ଏବଂ ମୁଁ ଏହା କହୁଅଛି ଯେପରିକି ବୟସ୍କମାନେ ନିଶ୍ଚିତ ଭାବରେ ବୁଝି ଯାଆନ୍ତି । କିନ୍ତୁ ଯେତେବେଳେ...ସେ ଏହା କୁହନ୍ତି "ଯେତେବେଳେ ସେହି ସ୍ୱର୍ଗଦୂତମାନେ ସ୍ତ୍ରୀଲୋକମାନଙ୍କର ଇଚ୍ଛା କଲେ, କିପରି ଯେ ପୁରୁଷ ସ୍ତ୍ରୀଲୋକମାନଙ୍କ ସହିତରେ ବାସ କରୁଥିଲା, ତେବେ ସେମାନେ ଆପଣାକୁ ମାନବ ଶରୀର ଭିତରେ ବାଧ୍ୟ କରି ପ୍ରବେଶ କରାଇଲେ । ତେଣୁ...ଆଉ ସେମାନେ ମନୁଷ୍ୟର କନ୍ୟାଗଣଙ୍କୁ ଗ୍ରହଣ କରି ନେଲେ ।"

123 ତେବେ, ମୁଁ—ମୁଁ ତାହା ବିଶ୍ୱାସ କରେ ନାହିଁ । ମୁଁ ଏହା ବିଶ୍ୱାସ କରେ, ଯେ ସେମାନେ ସେଠାରେ କିଣାନରେ ଜନ୍ମ ହୋଇଥିଲେ, ଏବଂ ସେମାନେ କୟିନର ସେହି—ସେହି ଗୋଷ୍ଠୀରୁ ଜନ୍ମ ହୋଇଥିଲେ ଯାହାକୁ ନୋଦ ଦେଶକୁ ପଠା ଯାଇଥିଲା । ଏବଂ ତାଙ୍କ ଉପରେ ଏକ ଚିହ୍ନ ରହିଥିଲା ଯେ ତାକୁ କେହି ବି ହତ୍ୟା କରିବେ ନାହିଁ, ତାଙ୍କର ନର ହତ୍ୟାକାରୀ ଅବସ୍ଥା ହେତୁରୁ, କାରଣ ସେ ନିଜର ଭାଇକୁ ହତ୍ୟା କରିଥିଲା । କିନ୍ତୁ ଯଦି, ଆପଣ ଧ୍ୟାନ ଦେବେ, ଇସ୍ରାଏଲୀୟମାନେ ମଧ୍ୟ ସେଠାକୁ ଯିବାବେଳେ ସେହି ଲୋକମାନଙ୍କ ମଧ୍ୟରୁ କେତେକଙ୍କୁ ପାଇଥିଲେ । ସେମାନେ ଏତେ ବିଶାଳକାୟ ଥିଲେ, ଏବଂ ସେ କହିଥିଲେ, "ଆମେ ତ ସେମାନଙ୍କ ପାର୍ଶ୍ୱରେ, ଫଡିଙ୍ଗ ପରି ଦେଖାଯାଉ ।" କଅଣ ତାହା ଠିକ୍ କି? ଶହ ଶହ ବର୍ଷ ପରେ, ସେଠାରେ ବିରାଟ, ବିଶାଳକାୟ ପୁରୁଷ, ଭିମକାୟ ଲୋକମାନେ ଥିଲେ । ଏବଂ ବେଳେବେଳେ ସେମାନେ ସେମାନଙ୍କର ସେହି—ସେହି ଶବଗୁଡିକ ଖନନ କରନ୍ତି, ଏବଂ ସେମାନେ ପାଇଲେ ଯେ ସେମାନେ ବିଶାଳକାୟ ଲୋକମାନେ ଥିଲେ ।

124 ତେବେ ମୁଁ କଅଣ ଭାବେ ତାହା କେଉଁଠାରୁ ଆସିଥିଲା । ବର୍ତ୍ତମାନ, ତେବେ ଏଠାରେ ମୋର ନିଜସ୍ୱ ଟିକିଏ ଶିକ୍ଷା ଅଛି । ଏହା ତ କେବଳ ମଣ୍ଡଳୀର ଲୋକମାନେ ଅଟନ୍ତି, ଦେଖନ୍ତୁ । ମୁଁ ଭାବେ ଯେ କୟିନ ଶୟତାନର ପୁତ୍ର ଥିଲା । ମୁଁ ଜାଣେ ଯେ ଆପଣ ସେଥିରେ ମୋ ସହିତ ଅସହମତ ଅଟନ୍ତି, ମୋର ନିଜର ମଣ୍ଡଳୀ ମଧ୍ୟ ମୋ ସହିତରେ ଅଟନ୍ତି । ମାତ୍ର ତାହା

ତ ଏଯାଏଁ…ଯେପର୍ଯ୍ୟନ୍ତ ପରମେଶ୍ୱର ମୋତେ ଭିନ୍ନ ନ ଦେଖାନ୍ତି, ସେପର୍ଯ୍ୟନ୍ତ ମୁଁ—ମୁଁ ସେହି ସମାନ କଥା ବିଶ୍ୱାସ କରିବି, ଦେଖନ୍ତୁ, ଯେ ସେ ଶୟତାନର ପୁତ୍ର ଥିଲା । କାରଣ ମୁଁ ସେହି ଅଧାର୍ମିକ, ନର ହତ୍ୟାକାରୀ ଆତ୍ମାକୁ ପରମେଶ୍ୱରଙ୍କଠାରୁ ଆସୁଥିବାର ଉପସ୍ଥାପିତ କରିପାରିବି ନାହିଁ । ନା, ମହାଶୟ । ତାକୁ ତ ତାର ବାପାଙ୍କ ସ୍ୱଭାବ ଅନୁସାରେ ହେବାକୁ ଥିଲା, ଏବଂ ତାର ପିତା ଏହା ଥିଲା…ଏଠାରେ, ଯେତେବେଳେ ଶୟତାନ ସର୍ପ ଉପରକୁ ଆସିଥିଲା ।

125 ଆଉ ସେହି ସର୍ପ ଏକ ସରୀସୃପ ନ ଥିଲା, ସେହି ଅଭିଶାପ ତାକୁ ଏକ ସରୀସୃପ କରିଥିଲା । ସେ ତ ଜଣେ ପୁରୁଷ ପରି ଥିଲା, ସେ ସଳଖ ଚାଲୁଥିଲା । ଏବଂ ସେ ସେଠାରେ ଏହି ସ୍ତ୍ରୀ ସହିତରେ ଥିଲା, ଏବଂ ସେହି ସ୍ତ୍ରୀ ଏହି ବ୍ୟଭିଚାର କଲା ଓ ତାର ପ୍ରଥମ ପୁତ୍ରକୁ ଜନ୍ମ ଦେଲା ଯାହାକି କୟିନ ଥିଲା, ତାର ପିତାର ସ୍ୱଭାବ ଅନୁସାରେ ଥିଲା । ଏବଂ ମୁଁ ବିଶ୍ୱାସ କରେ ଯେ ବଡ ପଶୁଟି ଏକ ମନୁଷ୍ୟ ପରି ଥିଲା, ଏବଂ ସେ ସିଧା ଚାଲୁଥିଲା, ଏବଂ ସେହି ସ୍ଥାନ ହିଁ ଅଟେ ଯେଉଁଠାରୁକି ଏହି ବିଶାଳକାୟ ମହାବୀରଗଣ ଆସନ୍ତି । ହଁ, ତାହା ଅବିକଳ ଠିକ୍ ଅଟେ । ବର୍ତ୍ତମାନ, ତାହା ମୋର ନିଜର ବିଚାର ଅଟେ ଏବଂ ମୁଁ—ମୁଁ ଭୁଲ ହୋଇପାରେ । ତାହା ମୋର ଚିନ୍ତାଧାରା ଅଟେ, ଦେଖନ୍ତୁ । ମାତ୍ର ସେମାନେ ମହାନ ବୀରମାନେ ଥିଲେ ।

126 ଏବଂ ଯଦି ଆପଣମାନେ ଲକ୍ଷ୍ୟ କରନ୍ତି, ପରମେଶ୍ୱର ସେଠାରେ ଆଦମ ଓ ହବାଙ୍କ ସମ୍ମୁଖରେ ଛିଡା ହୋଇଥିଲେ, ସେ କହିଲେ, "ମୁଁ ତୁମକୁ ଧୂଳିରୁ ବାହାର କଲି, ଧୂଳିକୁ ତୁମେ ଫେରିବ । ମୁଁ…

127 "ଏବଂ ଯେହେତୁ ତୁମେ ତୁମର ନେଇ ଆସିଛ…ତୁମେ ତାର ଶୁଣିଲ…ତୁମ ସ୍ୱାମୀ ବଦଳରେ ସେହି ପଶୁର ଶୁଣିଲ, ତୁମେ ଜଗତରୁ ଜୀବନକୁ ନେଇ ନେଲ, ତୁମେ ହିଁ ଏହାକୁ ପୁନର୍ବାର ଜଗତକୁ ଆଣିବ ।"

128 ଆଉ ସେ କହିଲେ, "ହେ ସର୍ପ, ତୁମର ଗୋଡ ଚାଲି ଯାଉ, ଦେଖ, ତୁମେ ଆଉ ଅଧିକ ଚାଲିବାକୁ ଯାଉ ନାହଁ । ଏବଂ ତୁମେ ଏକ ପଶୁ ହେବାକୁ ଯାଉ ନାହଁ, ତୁମେ ବର୍ତ୍ତମାନ ଏକ ସରୀସୃପ ହେବାକୁ ଯାଉଅଛ । ଏବଂ ତୁମେ ନିଜର ପେଟରେ ଗୁରୁଣ୍ଡି ଗୁରୁଣ୍ଡି ଯିବ, ଆଉ ତୁମେ ଧୂଳି ଚାଟିବ ।"

129 ସେହିଠାରେ ହିଁ ମୁଁ ଭାବେ ଯେ ଯେଉଁଠାରେକି ସେହି…କୟିନ, ସେହି ବର୍ବର ପଶୁର ପ୍ରକୃତି ଅନୁସାରେ ଥିଲା ଯାହାକି ସହିତରେ ରହିଥିଲା…ଏକ ପଶୁ ପରି, ଯାହାକି ଏହି ସ୍ତ୍ରୀ ସହିତରେ ରହିଥିଲା ଯିଏକି ଏହି ଶିଶୁକୁ ଜନ୍ମ ଦେଇଥିଲା, ଯାହାକି ଅଧା ବର୍ବର ଏବଂ ଅଧା ମଣିଷ-ପରି ଥିଲା, ଏକ ବିରାଟ ବଡ ବ୍ୟକ୍ତି ପରି ଥିଲା । ଆଉ ତାହାପରେ ସେ ସେଠାକୁ ଗଲା ଏବଂ ତାର ପିଲାମାନେ ତାହାଠାରୁ ଜନ୍ମ ହେବାକୁ ଲାଗିଲେ, ଏବଂ ତାହାପରେ ପଶୁମାନେ, ଆରମ୍ଭରେ ସେମାନଙ୍କ ପିତାଙ୍କ ପରି କାମବାସନା ଲୋଭରେ, ସେହି ପୁରୁଣା କାମାସକ୍ତ ଲୋଭୀ ପଶୁ ଏହି କନ୍ୟାମାନଙ୍କୁ ଏବଂ ବିଷୟଗୁଡିକୁ ପାଇଲା, ଏବଂ ନିଜ ପ୍ରତି ମନୁଷ୍ୟର କନ୍ୟାମାନଙ୍କୁ ଗ୍ରହଣ କରି ନେଲା । ତାହା ଠିକ୍ ଅଟେ ।

130 ଏବଂ ଏହି ବ୍ୟକ୍ତିମାନେ ଯାହା ବାହାରି ଆସିଥିଲେ, ନିଶ୍ଚିତରେ, ଏହା ସେହି ସମାନ ବଂଶରୁ ଆସିଥିଲେ ଯାହାକି ଏହି ପତିତ ଆତ୍ମାମାନେ ଥିଲେ ଯେଉଁମାନେକି ଏହି ଲୋକମାନଙ୍କ ଉପରକୁ ଆସିଥିଲେ। ମନେରଖନ୍ତୁ, ସେହି ସମାନ ଆତ୍ମାଗୁଡିକ ଯେଉଁମାନେକି ସେହି ପଶ୍ଚାତ ସମୟରେ ସେଠାରେ ବାସ କରିଥିଲେ, ଆଜି...ଆଜି ବାସ କରନ୍ତି।

131 ଆଜି ଏହାକୁ ଦେଖନ୍ତୁ! ତେବେ, ଆମର ଏହି ଦେଶରେ ଲୋକମାନେ ଅଛନ୍ତି ଯେଉଁମାନେକି...ବର୍ତ୍ତମାନ, ମୁଁ ନୁହେଁ...ଏହା, ମୁଁ ଜଣେ ଆମେରିକୀୟ, ଆପଣ ଜାଣନ୍ତି ଯେ ମୁଁ ଅଟେ। ମାତ୍ର ମୋତେ ଆପଣଙ୍କୁ କହିବାକୁ ଦିଅନ୍ତୁ, ପ୍ୟାରିସ, ଫ୍ରାନ୍ସ ବାହାରେ ଏହା ସବୁଠୁ ସର୍ବନିମ୍ନ ରାଷ୍ଟ୍ର ଅଟେ, ଯାହାକି ମୁଁ ଦୁନିଆର ଯେକୌଣସି ସ୍ଥାନ ବିଷୟରେ ଜାଣେ। ଏହା ଏତେ ଅଧୋଃପତିତ ଅଟେ!

132 କାହିଁକି, ଏପରିକି ଆଫ୍ରିକାରେ ଥିବା, ବିଦେଶୀ ଲୋକମାନେ, ସ୍ୱିଡେନ୍‌ରେ—ରେ ଏବଂ...ସେଠାରେ ଉପରେ, ସେମାନେ କୁହନ୍ତି, "ତୁମେ ଆମେରିକୀୟ ଲୋକମାନଙ୍କ ସହିତରେ ଜଗତର କି ମାମଲା ଅଟେ, କଅଣ ତୁମ ସମସ୍ତଙ୍କର ନିଜର ସ୍ତ୍ରୀଲୋକମାନଙ୍କ ପାଇଁ ଆଉ ସମ୍ମାନ ନାହିଁ କି? କାରଣ ରେଡିଓରେ ଥିବା ସବୁ ଗୀତଗୁଡାକ, ସ୍ତ୍ରୀଲୋକମାନଙ୍କ ବିଷୟରେ ଏକ ପ୍ରକାର ପୁରୁଣା ଅସଭ୍ୟ, ଅଶ୍ଳୀଳ ଗୀତ ଅଟେ। କଅଣ ସେଠାରେ ତୁମର ସ୍ତ୍ରୀଲୋକମାନଙ୍କ ପ୍ରତି ତୁମର କୌଣସି ସମ୍ମାନ ନାହିଁ କି?"

133 ଆମର ସମସ୍ତ ଗୀତ ସ୍ତ୍ରୀଲୋକମାନଙ୍କ ବିଷୟରେ, କିମ୍ବା ଯୌନ କାମବାସନା ଏବଂ ଲୋଭ, ଏବଂ ସେହିପରି ଜିନିଷଗୁଡିକ ବିଷୟରେ ଅଟେ। ଏହାର କାରଣ ହେଉଛି ଶୟତାନ ଏହାକୁ କବଳରେ ଧରି ରଖିଛି। ତାହା ଅବିକଳ ଠିକ୍ ଅଟେ। ପୁରୁଣା ଇଂରାଜୀ ସିନେମା ଜଗତ ହଲିଉଡ ଏବଂ ଟେଲିଭିଜନ ଓ ସବୁକିଛି ସେହି ଅଶ୍ଳୀଳ ଏବଂ ଅଧାର୍ମିକ ବସ୍ତୁଗୁଡ଼ିକୁ ନେଇ ଆସୁଅଛି, ତାହା ସେହି ପୁରୁଣା ଖବରକାଗଜ ବିକ୍ରେତା ଷ୍ଟାଣ୍ଡ ଏବଂ ଅନ୍ୟ ସବୁ ସ୍ଥାନକୁ ଯିବ। ସବୁକିଛି କୌଣସି ନଗ୍ନ ସ୍ତ୍ରୀଲୋକମାନ କିମ୍ବା ସେହିପରି କିଛି ବିଷୟ ଅଟେ। ଏହା ଅବିକଳ ତାହା ଅଟେ ଯାହାକି ଏହା ଆଦ୍ୟ ସମୟରେ ଆରମ୍ଭ ହୋଇଥିଲା, ଏବଂ ସମାନ ଭାବରେ ଶେଷ ହେଉଅଛି। ଏହା ଲଜ୍ଜାଜନକ ଅଟେ!

134 ଏବଂ ଯେକୌଣସି ରାଷ୍ଟ୍ରର ମେରୁଦଣ୍ଡ ହେଉଛି ସ୍ତ୍ରୀତ୍ୱ, ଯେତେବେଳେ ଏହା ନୈତିକତା ବିଷୟରେ କଥା ଆସେ। ଏବଂ ଆପଣ ମାତୃତ୍ୱ ଭାଙ୍ଗନ୍ତି, ଆପଣ ନିଜର ରାଷ୍ଟ୍ରକୁ ଭାଙ୍ଗି ଅଛନ୍ତି। ଆଜି ଆମେ ଏପରି ଏକ ସ୍ଥାନକୁ ପହଞ୍ଚିଅଛୁ ଯେଉଁଠାରେକି ଆମର ସ୍ତ୍ରୀଲୋକମାନେ... ସିଗାରେଟ୍ ଟାଣୁଛନ୍ତି, ଏବଂ ସେହିପରି ବିଷୟସବୁ କରୁଛନ୍ତି, ଓ ୱିସ୍କି ମଦ ପିଉଛନ୍ତି, ଏବଂ କାର୍ଯ୍ୟକଳାପ କରୁ ଅଛନ୍ତି, ଆଉ ଏହା—ଏହା ଅପମାନଜନକ ଅଟେ!

135 ଜଣେ ଯୁବା ଲୋକ ଏକ ପତ୍ନୀ ଖୋଜିବାକୁ ଚେଷ୍ଟା କରୁଥାନ୍ତି ଯିଏକି ଏପରିକି ଜଣେ କୁମାରୀ ଅଟେ, ଯିଏ ନୈତିକ ଅଟେ, ତାଙ୍କୁ ତ ପ୍ରାୟଃ, ଗୋଟିଏ ଖୋଜିବା ପାଇଁ, କୌଣସି

ଗୋଟିଏ ଉତ୍ତମ, ଛୋଟ, ପୁରୁଣା, ପବିତ୍ରଆତ୍ମା ମଣ୍ଡଳୀର ଚାରିଆଡେ ବୁଲିବାକୁ ପଡିବ; ଏବଂ ତାହା ଅବିକଳ ଠିକ୍, ଯେଉଁଠାରେକି ଜଣେ ପୁରୁଷ ତାଙ୍କୁ ସେହିପରି ଭାବରେ ରଖିଥାଏ ଓ ସେହିପରି ଜିନିଷ ପ୍ରଭୃତି, ଆଉ ତାଙ୍କ ବିଷୟରେ ଟିକେ ସଭ୍ୟ ଥାଏ।

136 ଆପଣ ଭାବୁଥିବେ ଯେ ତାହା ପାଗଳାମୀ ଅଟେ, କିନ୍ତୁ, ଭାଇ, ଆପଣ ତାହା ପ୍ରତି ଦୃଷ୍ଟିପାତ କରନ୍ତୁ ଏବଂ ଖୋଜନ୍ତୁ, ଆଉ ଦେଖନ୍ତୁ ଯେ ତାହା ସତ୍ୟ କି ନୁହେଁ। ଏହା ଏକ ଅପମାନ ଅଟେ! ଠିକ୍ ଅଛି।

ସେମାନେ ପରମେଶ୍ୱରଙ୍କ ପୁତ୍ରଗଣ ଥିଲେ ଯେଉଁମାନେକି ସେଠାରେ...ବର୍ତ୍ତମାନ, ତାହା, ମୁଁ ମୋର ବ୍ୟାଖ୍ୟା କରିପାରେ...ଯେତେବେଳେ—ଯେତେବେଳେ ମୁଁ ଜାଣେ ଯଦି...

137 ମୋର ଆଜି ଆଉ ଏକ ପ୍ରଶ୍ନ ରହିଥିଲା, ସେମାନେ କୁହନ୍ତି, "କାହିଁକି, ଭାଇ ବିଲ, ବାଇବଲ କୁହେ ଯେ ହବା କହିଥିଲେ, 'ମୁଁ ପ୍ରଭୁଙ୍କଠାରୁ ଏକ ନର ଲାଭ କରିଅଛି।'" ଅବିକଳ ଠିକ୍। ଏହାକୁ ପ୍ରଭୁଙ୍କଠାରୁ ହିଁ ଆସିବାକୁ ଥିଲା। ସେଠାରେ କେବଳ ପ୍ରଭୁ ହିଁ ଏକମାତ୍ର ସୃଷ୍ଟିକର୍ତ୍ତା ଅଟନ୍ତି। ସେ...ପରମେଶ୍ୱର ଶୟତାନକୁ ସୃଷ୍ଟି କରିଥିଲେ। ତାହା କିପରି ଅଟେ? ପରମେଶ୍ୱର ଶୟତାନକୁ ସୃଷ୍ଟି କରିଥିଲେ। ପରମେଶ୍ୱର ସେଠାରେ ଥିବା ପ୍ରତ୍ୟେକ ପତିତ ଦୂତଙ୍କୁ ସୃଷ୍ଟି କରିଥିଲେ। କଅଣ ତାହା ଠିକ୍ ଅଟେ? କାହିଁକି, ନିଶ୍ଚିତରେ। ତାହା ସେମାନଙ୍କର ପସନ୍ଦ ଥିଲା, ତାହାଙ୍କର ନୁହେଁ। ସେ ଆପଣଙ୍କୁ ସୃଷ୍ଟି କଲେ, ଆପଣ ଏହା ବିଷୟରେ କଅଣ କରୁଛନ୍ତି? ଆପଣ ମଧ୍ୟ ଠିକ ସେହି ସମାନ ଭାବରେ ବିଚାର କରାଯିବେ ଯେପରିକି ସେମାନେ କରାଗଲେ। ଆପଣ ସେଠାରେ ଅଛନ୍ତି। ନିଶ୍ଚିତରେ!

138 ଏମାନେ ପରମେଶ୍ୱରଙ୍କ ପୁତ୍ରଗଣ ଥିଲେ, କିନ୍ତୁ ସେମାନେ ଅନୁଗ୍ରହରୁ ପତିତ ହୋଇ ଯାଇଥିଲେ ଏବଂ ଏହି ପଶୁ ସ୍ୱଭାବ ବିଶିଷ୍ଟ ପୁରୁଷମାନଙ୍କ ଭିତରକୁ ଆସିଥିଲେ, ଏବଂ ବାହାରି ଯାଇ କାମବାସନାରେ ଆସକ୍ତ ହୋଇଥିଲେ। ଯେତେବେଳେ ସେମାନେ ସ୍ତ୍ରୀଲୋକମାନଙ୍କୁ ଦେଖିଲେ, ସେମାନେ କେବଳ ସେମାନଙ୍କୁ ଗ୍ରହଣ କରିନେଲେ। କାହିଁକି, ସେମାନେ ଆଜି ମଧ୍ୟ ଏଠାରେ ଅଛନ୍ତି। ଆମେରିକାର ଅନୈତିକତା ପରିପୂର୍ଣ୍ଣ ଅଟେ...ପରମେଶ୍ୱରଙ୍କ ଆତ୍ମା ବିନା ଜଣେ ବ୍ୟକ୍ତି, ଏକ ମାଆର କୋଳରୁ ଗୋଟିଏ ଶିଶୁକୁ ଫୋପାଡି ଦେଇ ସେହି ସ୍ତ୍ରୀଲୋକକୁ ବିନଷ୍ଟ କରିଦେବ। ପରମେଶ୍ୱର ବିନା, ସେ ନୁହେଁ—ସେ ପଶୁଠାରୁ ବହୁତ ଅଧିକ ଭଲ ନୁହେଁ। ତାହାଠାରେ ଏବେ ବି ସେହି ପଶୁ ଅଛି, ଅଧାର୍ମିକ ପ୍ରକୃତି ଅଛି। ଏବଂ ଜଣେ ବ୍ୟକ୍ତି ତାହା ସହିତ...ସେମାନେ କୁହନ୍ତି ଯେ ଧର୍ମ ତୁମକୁ ଅଧିକାର କରି ନିଏ, କୁହନ୍ତି ଯେ ଲୋକମାନେ ଧର୍ମ ଉପରେ ପାଗଳ ହୋଇଗଲେ। ଧର୍ମ ହିଁ ତ ଏକମାତ୍ର ବିଷୟ ଅଟେ ଯାହାକି ମନୁଷ୍ୟକୁ ତାର ସଠିକ୍ ମନ ଦେଇପାରେ, ଅର୍ଥାତ୍, ଯୀଶୁ ଖ୍ରୀଷ୍ଟଙ୍କର ଧର୍ମ।

139 ମୁଁ ବାଇବଲ ଦ୍ୱାରା ପ୍ରମାଣ କରିପାରେ ଯେ ଆପଣ ଖ୍ରୀଷ୍ଟଙ୍କୁ ନ ପାଇବା ଯାଏଁ ନିଜର ସଠିକ୍ ମନରେ ନାହାଁନ୍ତି। ତାହା ଠିକ୍ ଅଟେ। ତାହା ବହୁତ ଶକ୍ତିଶାଳୀ ଅଟେ, କିନ୍ତୁ ମୁଁ ଏହାକୁ ଶାସ୍ତ୍ର ଦ୍ୱାରା ପ୍ରମାଣ କରିପାରେ। ତାହା ଠିକ୍ ଅଟେ। ଆପଣ ଖ୍ରୀଷ୍ଟ ଯୀଶୁଙ୍କୁ ନ ପାଇବା ଯାଏଁ,

ଆପଣ ପଶୁ ତୁଲ୍ୟ, କାମବାସନାରେ ଆସକ୍ତ, ଏବଂ ସବୁକିଛି ହୋଇଥାନ୍ତି । ସେ ହେଉଛନ୍ତି ଅତି ପ୍ରିୟତମ ଜଣକ ।

140 ବର୍ତ୍ତମାନ, ମୁଁ ସ୍ୱୀକାର କରିବି ଯେ ଲୋକମାନେ ବହୁତ ଅଧିକ ଅଧ୍ୟୟନ କରନ୍ତି, ଏବଂ ବହୁତ ଅଧିକ ଆଗକୁ ଯିବାକୁ ଚେଷ୍ଟା କରନ୍ତି, ଏବଂ ବହୁତ ଅଧିକ କଠିନ ଭାବିବାକୁ ଚେଷ୍ଟା କରନ୍ତି, ଏବଂ ବେଳେବେଳେ ପ୍ରଭୁଙ୍କ ବିଷୟରେ ଅଧ୍ୟୟନ କରିଥିବା ହେତୁ ମାନସିକ ଅବସାଦ ଏବଂ ବିଭିନ୍ନ ଜିନିଷମାନ ହୋଇଥାଏ । ଆପଣ ତାହା ଛାଡି ଦେବା ଉଚିତ୍! ଆପଣଙ୍କୁ ତାହା କରିବାର ଆବଶ୍ୟକତା ନାହିଁ। ଆପଣଙ୍କୁ କେବଳ ଗୋଟିଏ ବିଷୟ କରିବାକୁ ଅଛି ତାହା ହେଲା ତାହାଙ୍କ ସହିତ ପ୍ରେମରେ ପଡ଼ିବା, ଏବଂ ତାହାଙ୍କୁ ଠିକ ପ୍ରେମ କରି ଚାଲୁଥିବା । ଆମେନ୍ । ଏହା ଏପରି କୌଣସି ଜିନିଷ ମଧ୍ୟକୁ ବାଧ୍ୟ କରିବା ନୁହେଁ କିମ୍ବା ନିଜକୁ ଏପରି କିଛି କରିବାକୁ ଚେଷ୍ଟା କରୁଥିବା ନୁହେଁ ଯାହାକି ଆପଣ ନୁହଁନ୍ତି, କେବଳ ଆଗକୁ ଯାଆନ୍ତୁ ଏବଂ ପରମେଶ୍ୱର ଯେପରି ଚାହାଁନ୍ତି ସେହି ଉପାୟରେ ଆପଣଙ୍କ ସହିତ ବ୍ୟବହାର କରିବାକୁ ଦିଅନ୍ତୁ । କେବଳ ନିଜକୁ ସମର୍ପି ଦିଅନ୍ତୁ, ଆପଣାକୁ ସମର୍ପଣ କରି ଦିଅନ୍ତୁ, ଏବଂ ଆଗକୁ ବଢି ଚାଲନ୍ତୁ, ଖୁସି ରୁହନ୍ତୁ, ଗୀତ ଗାଆନ୍ତୁ, ଆନନ୍ଦ କରୁଥାଆନ୍ତୁ । ତାହାହିଁ ହେଉଛି ସେହି ଉପାୟ ।

141 ବାଇବଲ କୁହେ, "ଯେଉଁମାନେ ତାହାଙ୍କୁ ପ୍ରେମ କରନ୍ତି ସେମାନଙ୍କ ପାଇଁ ସମସ୍ତକିଛି ବିଷୟ ମଙ୍ଗଳ ସାଧନ କରେ," ତେଣୁକରି ନିଶ୍ଚିତ ହୁଅନ୍ତୁ ଯେ ଆପଣ ତାହାଙ୍କୁ ପ୍ରେମ କରନ୍ତି, ତାହାହିଁ ଏକମାତ୍ର ବିଷୟ ଅଟେ ଯାହାକି ଆପଣଙ୍କୁ ଜାଣିବା କଥା । ଆମେନ୍! କେବଳ ତାହାଙ୍କୁ ପ୍ରେମ କରନ୍ତୁ ଏବଂ ଚାଲୁଥାଆନ୍ତୁ! କୁହନ୍ତୁ, "ପ୍ରଭୁ, ମୁଁ ତୁମକୁ ଭଲ ପାଏ, ତୁମେ ଜାଣ ଯେ ମୁଁ ତୁମକୁ ଭଲ ପାଏ ।"

"ତୁମେ ତ *ଏହାକୁ* ଭଲ ପାଅ?"

"ନା, ମହାଶୟ । ମୁଁ ତୁମକୁ ଭଲ ପାଏ, ପ୍ରଭୁ ।" ଦେଖନ୍ତୁ?

142 କୁହନ୍ତୁ, "ତେବେ, କଅଣ ଆପଣ ହେବାକୁ ଚାହାଁନ୍ତି ନାହିଁ...କଅଣ ଆପଣ ଜଣେ ମହାନ ପ୍ରଚାରକ ହେବାକୁ ଚାହାଁନ୍ତି ନାହିଁକି? କଅଣ ଆପଣ *ଏହା* ହେବାକୁ ଚାହାଁନ୍ତି ନାହିଁକି?"

143 "ନା । ତେବେ, ପ୍ରଭୁ, ଯାହା...ଯଦି ତୁମେ ମୋତେ ତାହା ହେବାକୁ ଚାହଁ, ମୁଁ ହେବି । ଯଦି ତୁମେ ଚାହଁ ନାହିଁ, ଆମେନ୍ । ମୁଁ ଠିକ ଏଠାରେ ରହିବି, ଏହି ମଣ୍ଡଳୀରେ ଏକ ଦ୍ୱାରୀ ହୋଇ ।"

144 "ତେବେ, ବର୍ତ୍ତମାନ, ମୁଁ ବିଶ୍ୱାସ କରେ ଯେ ଯଦି ଆପଣ ଏହିପରି କିଛି ବିଷୟ କରନ୍ତି ତାହାହେଲେ ଲୋକମାନେ ଆପଣଙ୍କର ମଣ୍ଡଳୀ ବିଷୟରେ ବହୁତ ଅଧିକ ଭାବିବେ ।"

145 "ଲୋକମାନେ କଅଣ ଭାବନ୍ତି ମୁଁ ସେଥିପ୍ରତି ଧ୍ୟାନ ଦିଏ ନାହିଁ, ମୁଁ ଜାଣିବାକୁ ଚାହେଁ ଯେ ପ୍ରଭୁ, ତୁମେ କଅଣ ଭାବୁଛ । ମୁଁ—ମୁଁ ତ କେବଳ ଠିକ ତୁମ ସହିତରେ ରହିବି, ଯାହା ତୁମେ ମୋତେ କରିବାକୁ କହିବ । ମୁଁ ସେଗୁଡିକୁ ଭଲ ପାଏ, ନିଶ୍ଚିତରେ ।"

"ତେବେ, ବର୍ତ୍ତମାନ, ଆପଣ *ଅମୁକ-ଓ-ଅମୁକ* ଭଉଣୀକୁ ଜାଣିଛନ୍ତି, ତୁମେ ତାଙ୍କୁ ଭଲ ପାଅ ନାହିଁ।"

"ହଁ, ପ୍ରଭୁ, ମୁଁ ଭଲ ପାଏ। ହଁ, ନିଶ୍ଚିତରେ ମୁଁ ପାଏ। ମୁଁ ତାଙ୍କୁ ଭଲ ପାଏ।"

"କାହିଁକି?"

146 "କାରଣ ତୁମେ ତାଙ୍କୁ ଭଲ ପାଅ, ଏବଂ ତୁମେ ମୋ ଠାରେ ଅଛ। ଏବଂ ମୋତେ ତାଙ୍କୁ ଭଲ ପାଇବାକୁ ଅଛି, କାରଣ ଏହା ତ ତୁମେ ମୋ ଭିତରେ ଥାଇ ତାଙ୍କୁ ମୋ ଦେଇ ପ୍ରେମ କରୁଛ।" ହୁଁ! ତାହା ଏହାକୁ ପାଇଯିବ।

147 କିନ୍ତୁ ମୁଁ ଭାବୁଛି ଯେ ତାହା ସେହି ପଶୁମାନେ ଥିଲେ ଯିଏକି ସେଠାରେ ପତିତ ହୋଇଥିଲେ, ତାହା ତ ସେହି କାମାସକ୍ତ ପଶୁ ଥିଲା ଯିଏକି ପତିତ ହୋଇଥିଲା, ଦେଖନ୍ତୁ।

## 11. କଅଣ ସେହି "ପରମେଶ୍ୱରଙ୍କ ପୁତ୍ରଗଣ" ର ଅର୍ଥ ସ୍ୱର୍ଗଦୂତ ନା ସ୍ୱର୍ଗରୁ ଆସିଥିବା ଆତ୍ମାଗୁଡିକ ଅଟେ?

148 ତାହା ସେହି ବ୍ୟକ୍ତିଙ୍କର ପ୍ରଶ୍ନ ଥିଲା। ଠିକ୍ ଅଛି। ମୁଁ ବିଶ୍ୱାସ କରେ ଯେ ସେମାନେ ସ୍ୱର୍ଗଦୂତ ନୁହଁନ୍ତି। ଦେଖନ୍ତୁ, ସେମାନେ ପ୍ରାଣୀ ଥିଲେ, "ପରମେଶ୍ୱରଙ୍କ ପୁତ୍ରଗଣ," ଯେପରିକି ଶାସ୍ତ୍ର କୁହେ। ସ୍ୱର୍ଗଦୂତ ନୁହଁନ୍ତି, ସେମାନେ ପରମେଶ୍ୱରଙ୍କ ପୁତ୍ରଗଣ ଥିଲେ। ଏବଂ ସେମାନେ ସ୍ୱର୍ଗରୁ ପୃଥିବୀକୁ ଆସିଥିଲେ, ଓ ମାଂସମୟ ଶରୀର ଭିତରେ ରଖାଗଲେ; ଏହା ନୁହେଁ ଯେ ସେମାନେ "ନିଜକୁ ମାଂସମୟ ଶରୀର ଭିତରେ ବାଧ୍ୟ କରି ପ୍ରବେଶ କରାଇଲେ," ମୁଁ ବିଶ୍ୱାସ କରେ ଯେ ସମସ୍ତ ମାଂସମୟ ଶରୀର ଯୀଶୁ ଖ୍ରୀଷ୍ଟଙ୍କ ବାହାରେ ଯୌନ ପ୍ରକ୍ରିୟାରେ ଜନ୍ମ ହୋଇଅଛି। ମୁଁ ବିଶ୍ୱାସ କରେ ଯେ ସେ ହେଉଛନ୍ତି ଏକମାତ୍ର କୁମାରୀ-ଜନ୍ମିତ ପ୍ରାଣୀ ଯାହାକି କେବେ ରହିଥିଲା, ତାହା ଯୀଶୁ ଖ୍ରୀଷ୍ଟ ଥିଲେ। ଏବଂ ମୁଁ—ମୁଁ ସେହି ମହାନ ଇତିହାସକାର, ଯୋସେଫସ୍‌ଙ୍କ ସହିତ ସେହି ବିଷୟରେ ସହମତ ନୁହେଁ। କିନ୍ତୁ ମୁଁ ବିଶ୍ୱାସ କରେ ଯେ ସେମାନେ ଅଲୌକିକ ପ୍ରାଣୀ ଥିଲେ ଯେଉଁମାନେକି ତଳକୁ ଆସି ମନୁଷ୍ୟର ଆତ୍ମାକୁ ଅଧିକାର କରି ନେଇଥିଲେ। ଏବଂ ମୁଁ ବିଶ୍ୱାସ କରେ ଯେ ସେମାନେ ଆଜି ମଧ୍ୟ ଏଠାରେ ଅଛନ୍ତି, ଆଜି ମଧ୍ୟ ଜେଫର୍ସନ୍‌ଭିଲେରେ ଚଲାବୁଲା କରୁଛନ୍ତି, ସେହି ସମାନ ପଶୁତୁଲ୍ୟ, କାମାସକ୍ତ, ଅଧର୍ମୀ ଆତ୍ମାଗୁଡିକ ଯେ ମଣିଷମାନଙ୍କ ଭିତରେ ଠିକ୍ ରୁହନ୍ତି। ବର୍ତ୍ତମାନ, କୌଣସି ଦିନ ଏହି ଲୋକମାନେ ମରିଯିବେ; ଏବଂ ଯଦି ଅନ୍ୟ କୌଣସି ପୀଢୀ ଥାଏ, ସେମାନେ ଠିକ ସେମାନଙ୍କ ଉପରେ ମଧ୍ୟ ଓହ୍ଲାଇ ଆସିବେ।

149 ମନେରଖନ୍ତୁ, ପରମେଶ୍ୱର ତାଙ୍କର ଲୋକଙ୍କୁ ନେଇନିଅନ୍ତି କିନ୍ତୁ ତାଙ୍କର ଆତ୍ମାକୁ କେବେ ନିଅନ୍ତି ନାହିଁ, ଏହା ଠିକ ସେହି ସମାନ ପବିତ୍ରଆତ୍ମା ଅଟେ ଯାହାକୁ ସେମାନେ ପେଣ୍ଟିକଷ୍ଟରେ ଗ୍ରହଣ କରିଥିଲେ।

150 ଏହା ସେହି ସମାନ ଶୟତାନ (ଧାର୍ମିକ ରୂପରେ) ଯାହାକି ଖ୍ରୀଷ୍ଟଙ୍କୁ ତାଡନା କରିଥିଲା, ସେହି ସମାନ ଶୟତାନ ଅଟେ ଯାହାକି ଆଜି ଲମ୍ବା ପୋଷାକ ପିନ୍ଧି, ମଣ୍ଡଳୀରେ ରହିଅଛି।

ଏବଂ ସେମାନଙ୍କୁ ପିନ୍ଧିବାକୁ ପଡିବ ନାହିଁ...ମୋର ଅର୍ଥ ସେମାନଙ୍କ ଶରୀର ଉପରେ ରହିଥିବା ପୋଷାକ ସହିତ ନୁହେଁ, ମୋର ଅର୍ଥ ହେଉଛି ଆପଣଙ୍କ ପ୍ରାଣ ଉପରେ ରହିଥିବା ପୋଷାକ। ଦେଖନ୍ତୁ, "କାହିଁକି, ଆଶ୍ଚର୍ଯ୍ୟ କର୍ମର ଦିନ ବିତିଯାଇଛି, ଏପରି କିଛି ବିଷୟ ନାହିଁ।" ଆପଣ ଆଧୁନିକ ଫାରୂଶୀମାନଙ୍କ ବିଷୟରେ କଥାବାର୍ତ୍ତା କରନ୍ତି! ଅବିକଳ ଠିକ୍।

151 "ଏକ ଧରି ଥିବା..." ବାଇବଲ କୁହେ, "ସେମାନେ ଏକ ଭକ୍ତିର ଭେଖ ଧରିବେ, କିନ୍ତୁ ଶକ୍ତିକୁ ଅସ୍ୱୀକାର କରିବେ। ଏହିପରି ଲୋକମାନଙ୍କଠାରୁ ଦୂରେଇ ରୁହ, ତାଙ୍କଠାରୁ ପଳାୟନ କର। କେବଳ ଦୂରେଇ ରୁହ, ନିଜକୁ ଦୂରରେ ରଖ।" ତାହା ଏବେ ସୁଦ୍ଧା ପରମେଶ୍ୱରଙ୍କ ପୁତ୍ରଗଣ ଅଟନ୍ତି, କିନ୍ତୁ ସେମାନେ ଏକ ପତିତ ଅବସ୍ଥାରେ ଅଛନ୍ତି। ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ସେମାନଙ୍କ ମଧ୍ୟରୁ କେତେକ ସେବକ, ସେମାନଙ୍କ ମଧ୍ୟରୁ କେତେକ ଦୀକନ୍, ସେମାନଙ୍କ ମଧ୍ୟରୁ କେତେକ ପ୍ରାଚୀନ, ସେମାନଙ୍କ ମଧ୍ୟରୁ କେତେଜଣ ବିଶପ୍ ଅଟନ୍ତି, ଯେତିକି ପବିତ୍ର ହୋଇପାରନ୍ତି ସେମାନେ ସେତିକି ପବିତ୍ର ଅଟନ୍ତି! ମାତ୍ର ବାଇବଲ...

152 ବର୍ତ୍ତମାନ, ମୁଁ ପ୍ରଶ୍ନର ଉତ୍ତର ଦେବାକୁ ଯାଉଅଛି, ଭାଇ, ଯାହା ଆପଣ ମୋତେ କିଛି ସମୟ ପୂର୍ବରୁ ପଚାରିଥିଲେ। କେହି ଜଣେ କହିଲେ:

**12. ଭାଇ ବ୍ରାନ୍‌ହାମ୍, ମୁଁ ସେହି ସ୍ଥାନ ଜାଣିବାକୁ ଚାହେଁ ଯେଉଁଠାରେ ମୁଁ ବାନ୍ଧି ହୋଇ ରହି ଏହା କହିପାରେ "ଏହି ବ୍ୟକ୍ତିଙ୍କଠାରେ ପବିତ୍ରଆତ୍ମା ଅଛି କାରଣ ସେ 'ଏହା' କରିଥିଲେ" କିମ୍ବା "ଏହି ସ୍ତ୍ରୀଲୋକଙ୍କଠାରେ ପବିତ୍ରଆତ୍ମା ଅଛି କାରଣ ସେ 'ତାହା' କରିଥିଲେ।"**

153 ଆପଣଙ୍କ ନିମନ୍ତେ ଏହା ଜାଣିବା ପାଇଁ ଦୁନିଆରେ କୌଣସି ଉପାୟ ନାହିଁ। ତାହା ଠିକ୍। ଆପଣଙ୍କ ପାଇଁ ଏହା ଜାଣିବା ହେତୁ ଦୁନିଆରେ କୌଣସି ଉପାୟ ନାହିଁ। ପରମେଶ୍ୱର ବିଚାରକର୍ତ୍ତା ଅଟନ୍ତି, ଆମେ ବିଚାର କରିବା ପାଇଁ ନୋହୁଁ। ଦେଖନ୍ତୁ? କେବଳ ସୁସମାଚାର ପ୍ରଚାର କରନ୍ତୁ, ଜୀବନ ଯାପନ କରନ୍ତୁ...

154 କିଛି ସମୟ ପୂର୍ବରୁ ଜଣେ ବ୍ୟକ୍ତି ମୋ ପାଖକୁ ଆସିଲେ, ମୁଁ ସେହି ବିଷୟରେ ପ୍ରଚାର କରୁଥିଲି ଯାହା ମୁଁ ଅନ୍ୟ ରାତିରେ କହିଥିଲି। ସେ ମୋ ଘରକୁ ଆସି କହିଲେ, "ଭାଇ ବ୍ରାନହାମ୍, ଭାଇ, ମୁଁ ଚାହେଁ—ମୁଁ ଚାହେଁ—ମୁଁ ହେବାକୁ ଚାହୁଁଥିଲି...ମୁଁ ମୋର ପାପରୁ ମୁକ୍ତି ପାଇବାକୁ ଚାହେଁ। ମୁଁ ଜଣେ ଖ୍ରୀଷ୍ଟିଆନ ହେବାକୁ ଚାହେଁ।" ସେ ମୋର ବାରଣ୍ଡାରେ ବସିଲେ।

155 ସେ କହିଲେ, "ମୁଁ ଜଣେ ମହାନ ବ୍ୟକ୍ତି, ବିଲି ଗ୍ରାହାମ୍ ନାମକ ଜଣେ ଆନ୍ତର୍ଜାତୀୟ-ସ୍ତରରେ ଜଣାଶୁଣା ବ୍ୟକ୍ତିଙ୍କ ବିଷୟରେ ଶୁଣିଥିଲି।" ସେ କହିଲେ, "ମୁଁ ତାଙ୍କର ସଭାକୁ ଯାଇଥିଲି ଏବଂ—ଏବଂ—ଏବଂ ସେ କହିଲେ, 'ଯେସମସ୍ତେ ଜଣେ ଖ୍ରୀଷ୍ଟିଆନ ହେବାକୁ ଚାହୁଁଛନ୍ତି, ନିଜର ହାତ ଉତ୍ତୋଳନ କରନ୍ତୁ ଏବଂ ଖ୍ରୀଷ୍ଟଙ୍କୁ ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରନ୍ତୁ।' ତେଣୁ ମୁଁ ମୋର ହାତ ଉତ୍ତୋଳନ କଲି। ସେ କହିଲେ, 'ବର୍ତ୍ତମାନ, ସମସ୍ତେ ଛିଡା ହୁଅନ୍ତୁ, ଆମେମାନେ ପ୍ରାର୍ଥନା କରିବା।' ତେଣୁକରି ମୁଁ ରହିଲି ଓ ପ୍ରାର୍ଥନା କଲି..." (ମୋତେ

କ୍ଷମା କରନ୍ତୁ) "ଯେତିକି ନିଷ୍ଠାପର ଭାବରେ କରିପାରେ ସେତିକି କଲି ।" ସେ କହିଲେ, "ଏବଂ, ମାତ୍ର ତାହା ମୋର କିଛି ଲାଭ କଲା ନାହିଁ ।"

156 ସେ କହିଲେ, "ତାହାପରେ ମୁଁ ତଳକୁ ଓରାଲ୍ ରୋବର୍ଟସ୍‌ଙ୍କ ସଭାକୁ—କୁ ଗଲି ।" ସେ କହିଲେ, "ମୁଁ ତାଙ୍କ ବିଷୟରେ ଶୁଣିଥିଲି, ଏବଂ ମୁଁ ଶୁଣିଥିଲି ଯେ ସେମାନେ ସମସ୍ତଙ୍କ ପାଖରେ ସେହିପରି ଆନନ୍ଦ ଉଲ୍ଲାସ ଥିଲା ।" କହିଲେ, "ମୁଁ ଓରାଲ୍ ରୋବର୍ଟସ୍‌ଙ୍କ ନିକଟକୁ ଗଲି ଏବଂ ମୁଁ ତାଙ୍କୁ ପଚାରିଲି, 'ଜଣେ ଖ୍ରୀଷ୍ଟିଆନ ହେବା ପାଇଁ ମୁଁ କଅଣ କରିବି?' ସେ କହିଲେ, 'ଆପଣ ସେଠାକୁ ଯାଆନ୍ତୁ...' ମୁଁ ତାଙ୍କୁ କହିଲି ଯେ ମୁଁ ବିଲି ଗ୍ରାହାମ୍‌ଙ୍କ ସଭାରେ ହାତ ଉପର କରି ଛିଡା ହୋଇଥିଲି । ସେ କହିଲେ, 'ଆପଣ ସେଠାରେ ସେହି ଅନୁସନ୍ଧାନ କକ୍ଷରେ ରହିଥାଆନ୍ତୁ ଯେପର୍ଯ୍ୟନ୍ତକି ଆପଣ ସେତେ ଅଧିକ ଖୁସି ନ ହୋଇଯାଆନ୍ତି ଯେ ଆପଣ ପରଭାଷାରେ କଥା କୁହନ୍ତି ।'" ସେ କହିଲେ, "ମୁଁ ସେଠାକୁ ଗଲି ଏବଂ ମୁଁ ପ୍ରାର୍ଥନା କଲି ଯେପର୍ଯ୍ୟନ୍ତକି ମୁଁ ପରଭାଷାରେ କଥା ନ କହି ଦେଲି ।" କହିଲେ, "ମୁଁ ବାହାରକୁ ଆସିଲି, ମୋତେ କିଛି ହେଲେ ଲାଭ କଲା ନାହିଁ ।"

157 ସେ କହିଲେ, "ଏବଂ ତାହାପରେ ମୁଁ ଅନ୍ୟ ଏକ ସଭାକୁ ଗଲି ଏବଂ ସେମାନେ ମୋତେ କହିଲେ ଯେ ମୁଁ ଏଯାଏଁ ପବିତ୍ରୀକୃତ ହୋଇ ନାହିଁ, କହିଲେ ଯେ ମୋତେ 'ପବିତ୍ରୀକୃତ ହେବାକୁ ଅଛି ଏବଂ ଖୁସି ହୋଇ ପାଟି ତୁଣ୍ଡ କରିବାକୁ ଅଛି, ଏବଂ ଯଥେଷ୍ଟ ଆନନ୍ଦ ଉଲ୍ଲାସ କରିବାକୁ ଅଛି ।' ତେଣୁ ମୁଁ ପ୍ରାର୍ଥନା କଲି ଓ ପ୍ରାର୍ଥନା କରି ରହିଲି ଯେପର୍ଯ୍ୟନ୍ତକି ମୁଁ—ମୁଁ ଚିତ୍କାର ନ କରି ପକାଇଲି ।" ସେ କହିଲେ, "ତଥାପି..."

158 ମୁଁ କହିଲି, "ଭାଇ, ପ୍ରତ୍ୟେକ ସେହି ବିଷୟସବୁ ଠିକ୍ ଅଟେ, ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ଉତ୍ତମ ଅଟେ । ଆପଣଙ୍କର ହାତ ଉତ୍ତୋଳନ କରିବା, ପରଭାଷାରେ କଥା କହିବା, ଉଚ୍ଚ ପାଟି କରିବା, ମୁଁ ଏହାର ପ୍ରତ୍ୟେକ ଅଂଶରେ ବିଶ୍ୱାସ କରେ, କିନ୍ତୁ ତଥାପି ତାହା ସେହି ବିଷୟ ନୁହେଁ । ଦେଖନ୍ତୁ, ଏହା ତ ସେହି ବ୍ୟକ୍ତି, ଖ୍ରୀଷ୍ଟ ଯୀଶୁଙ୍କୁ ଗ୍ରହଣ କରିବା ଅଟେ ।" ଦେଖନ୍ତୁ? ଦେଖନ୍ତୁ, ଏହା ତାହା ନୁହେଁ ଯେ...

159 ଏହି ଜିନିଷଗୁଡ଼ିକ ଗୁଣସକଳ ଅଟେ । ଉଚ୍ଚ ପାଟି କରିବା, ପରଭାଷାରେ କଥା କହିବା, ଦୌଡ଼ିବା, ପାଟି ତୁଣ୍ଡ କରିବା, କାନ୍ଦିବା, ପ୍ରାର୍ଥନା କରିବା, ଯାହାକିଛି ବି ତାହା, ତାହା କେବଳ ଗୁଣସକଳ ଅଟେ ଯାହାକି ଅନୁବର୍ତ୍ତୀ ଥାଏ । ପ୍ରଥମ ବିଷୟ ହେଉଛି ସେହି ବ୍ୟକ୍ତି, ଖ୍ରୀଷ୍ଟ ଯୀଶୁଙ୍କୁ ଗ୍ରହଣ କରିବା । ଦେଖନ୍ତୁ? ତେଣୁକରି ସେଠାରେ କୌଣସି—କୌଣସି ପ୍ରମାଣ ନାହିଁ ଯାହା ବିଷୟରେକି ଆମେ କହିପାରିବା । ଯେହେତୁ ଜଣେ ଲୋକ ଯେ କାନ୍ଦନ୍ତି? ମୁଁ ଲୋକମାନଙ୍କୁ କାନ୍ଦୁଥିବାର ଓ କ୍ରନ୍ଦନ କରୁଥିବାର ଦେଖିଛି, ଏବଂ କୁମ୍ଭୀର କାନ୍ଦଣା କରୁଥିବାର ଦେଖିଛି, ଏବଂ ସେ ତଥାପି ଏକ ବଡ ପାପୀ ଅଟନ୍ତି ଯେତିକି ବଡ଼ ସେ ହୋଇପାରନ୍ତି ।

160 ଶୁଣନ୍ତୁ, ଯୀଶୁ ଆମକୁ ମେଣ୍ଢା ସହିତ ତୁଳନା କଲେ । କଅଣ ତାହା ଠିକ୍ ଅଟେ? ମେଷପାଳକ ତାଙ୍କର ମେଷମାନଙ୍କୁ ଜାଣନ୍ତି । ଏଠାରେ କେହି କେବେ ଛେଳିର କାନ୍ଦ ଶୁଣିଛନ୍ତି

କି? ତେବେ, ଭାଇ, ଯଦି ଆପଣ ପାର୍ଥକ୍ୟ ଜାଣିବାକୁ ଚାହୁଁଛନ୍ତି, ଉତ୍ତମ ହେବ ଯେ ଆପଣ ଜଣେ ମେଷପାଳକ ହୋଇଯାଆନ୍ତୁ। ଗୋଟିଏ ଛେଳି ଠିକ୍ ଏକ ମେଣ୍ଢା ପରି ହିଁ କାନ୍ଦିବ। ଉଃ-ହୁ। ଗୋଟିଏ ପୁରୁଣା ସାନ ବିଲି ଛେଳିକୁ କୌଣସି ସ୍ଥାନରେ ଝୁଲି ରହିବାକୁ ଦିଅନ୍ତୁ, ଏବଂ ଗୋଟିଏ ପଟେ ଏକ ମେଣ୍ଢାକୁ "ବା," ଆଉ ତାହାପରେ "ବା," ସେହି ସମାନ ଭାବରେ।

161 ଏବଂ ମୁଁ ସେମାନଙ୍କୁ ଯଜ୍ଞବେଦି ନିକଟରେ ଠିକ କାନ୍ଦୁଥିବାର ଓ କ୍ରନ୍ଦନ କରୁଥିବାର ଶୁଣିଛି, "ହେ ପରମେଶ୍ୱର!" ଠିକ ସେହିପରି ହୁଙ୍କୁରି ହୁଙ୍କୁରି କାନ୍ଦୁଥିବାର, "ହେ ପରମେଶ୍ୱର!" ଏବଂ ସବୁସମୟରେ ଏକ ଛେଳି ହିଁ ହୋଇ ରହିଥିବାର ଦେଖିଛି। ତାହା ଠିକ୍। ଚିତ୍କାର କରିବା? ତେବେ, ମୋର ପ୍ରଭୁ, ମୁଁ ସେମାନଙ୍କୁ ଏପରି ଉଚ୍ଚ ପାଟି କରୁଥିବାର ଦେଖିଅଛି ଯେପର୍ଯ୍ୟନ୍ତକି ସେମାନେ...ଏବଂ ସେମାନେ ଚଟାଣ ଉପରକୁ ଦୌଡ଼ିଯାଇ ଉପର ତଳ ଡିଆଁ ମାରନ୍ତି ଓ ଚିତ୍କାର କରନ୍ତି।

162 ତେବେ, ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ଆପଣ କାନ୍ଦିବାରେ ବିଶ୍ୱାସ କରନ୍ତି ନାହିଁ!"

163 ମୋତେ ଭୁଲ୍ ବୁଝନ୍ତୁ ନାହିଁ। ନିଶ୍ଚିତ, ମୁଁ କାନ୍ଦିବାରେ ବିଶ୍ୱାସ କରେ। ମାତ୍ର ମୁଁ କହୁଛି ଯେ ତାହା କୌଣସି ପ୍ରମାଣ ନୁହେଁ, ଦେଖନ୍ତୁ, କାରଣ ସେମାନେ ଉଭୟେ କାନ୍ଦନ୍ତି। ମୁଁ ସେମାନଙ୍କୁ ଯଥାସମ୍ଭବ ଚିତ୍କାର କରିଥିବାର ଦେଖିଛି ଯେତିକି କଠିନ ଭାବରେ ସେମାନେ ଚିତ୍କାର କରିପାରନ୍ତି। ହଁ, ଆଜ୍ଞା। ଏବଂ ଠିକ ସେହିପରି କରି ଚାଲୁଥିବା, ଆଉ ସେଠାରେ ବହୁତ ଲମ୍ବା ରାସ୍ତାମାନ ଅଛି, ଆପଣ ଜାଣନ୍ତି ଯେ ମୁଁ କେଉଁ ବିଷୟରେ କହୁଅଛି। ମୁଁ ସେମାନଙ୍କୁ ପରଭାଷାରେ କଥା କହୁଥିବାର ଶୁଣିଅଛି, ଓ ବାହାରକୁ ଯାଇ ଯେକୌଣସି ପ୍ରକାର ଜୀବନଯାପନ କରୁଥିବାର, କେବଳ ଯାହାକିଛି ବି କରୁଥିବାର ଦେଖିଅଛି। ତାହା କୌଣସି ଚିହ୍ନ ନ ଥିଲା।

ମାତ୍ର ଆପଣ କୁହନ୍ତି, "ଆପଣ ଏହାର ବିରୋଧ କରୁଛନ୍ତି।"

164 ନା, ମୁଁ ନୁହେଁ। ମୁଁ ପରଭାଷାରେ କଥା କହିବାରେ ବିଶ୍ୱାସ କରେ, ଏହା ମଣ୍ଡଳୀରେ ପରମେଶ୍ୱରଙ୍କର ଦାନ ଅଟେ। ଯଦି ମୁଁ ଏହାକୁ ବାହାର କରି ନେବି, ତାହାହେଲେ ମୁଁ ପରମେଶ୍ୱରଙ୍କ ଏକ ଅଂଶକୁ ବାହାର କରି ନେବି। ଯଦି ମୁଁ ମୋର ଜିଭ—ମୋର ଜିଭକୁ ମୋ ଦେହରୁ ବାହାର କରି ନିଏ, ତେବେ ତାହା ମୋର ସମ୍ପୂର୍ଣ୍ଣ ଶରୀର ହେବ ନାହିଁ। ଯୀଶୁ ଖ୍ରୀଷ୍ଟଙ୍କ ଶରୀରରେ ଜିଭଗୁଡିକ ଅଛି। ଯୀଶୁ ଖ୍ରୀଷ୍ଟଙ୍କ ଶରୀରରେ ଏଠାରେ ଭାଷାଗୁଡିକ ଅଛି; ଏବଂ ଆପଣ ଏହାକୁ ବାହାର କରି ନିଅନ୍ତୁ, ଆପଣ ଖ୍ରୀଷ୍ଟଙ୍କର ଏକ ଅଂଶ ବାହାର କରି ନିଅନ୍ତି। କିନ୍ତୁ ଆପଣ ତଥାପି କହିପାରନ୍ତି ନାହିଁ ଯେ ତାହା ସେହି ଶରୀର ଅଟେ, ଦେଖନ୍ତୁ। ଦେଖନ୍ତୁ? ଦେଖନ୍ତୁ?

165 ମାତ୍ର ଏହା ତ ସେହି ବ୍ୟକ୍ତି, ଖ୍ରୀଷ୍ଟ ଯୀଶୁଙ୍କୁ ଗ୍ରହଣ କରିବା ଅଟେ, ଏବଂ ଏହି ଅନ୍ୟାନ୍ୟ ବିଷୟଗୁଡ଼ିକ ଠିକ୍ ତାହାପରେ ଆସେ ଏବଂ ସେଗୁଡିକ ଏକତ୍ର ଖଞ୍ଜି ହୋଇଯାଏ। ଆଜି ସକାଳେ ଏହି ଶରୀରରେ ଥିବା ପ୍ରତ୍ୟେକ ସଦସ୍ୟ, ଏହି ଛୋଟ ଗୋଷ୍ଠୀ, ଯଦି ଆମେ ଉଭୟ

ପାର୍ଶ୍ୱରେ ପରଦାକୁ ଟାଣି ପାରିବା ଏବଂ ଏଠାରେ ଥିବା ପ୍ରତ୍ୟେକ ବ୍ୟକ୍ତି, ଖ୍ରୀଷ୍ଟ ଯୀଶୁଙ୍କୁ ଗ୍ରହଣ କରନ୍ତି, ତାହାହେଲେ ସେଠାରେ ଆଉ କଦାପି କଳହ ହେବ ନାହିଁ କିମ୍ବା କୌଣସି ଯୁକ୍ତି ହେବ ନାହିଁ । ସେଠାରେ କେବଳ ଏକ ସିଦ୍ଧ ପ୍ରେମ ରହିବ । ତଥାପି ଆପଣ *ଏହାକୁ* ବିଶ୍ୱାସ କରୁଥିବେ ଏବଂ *ତାହାକୁ* ବିଶ୍ୱାସ କରୁଥିବେ, କିନ୍ତୁ ଏହା କେବଳ ପ୍ରେମରେ ଏତେ ଅଧିକ ପରିପୂର୍ଣ୍ଣ ହୋଇଯିବ ଯେ ଆପଣ କେବଳ...ଦେଖନ୍ତୁ? ଏହାହିଁ ତାହା ଅଟେ । ବର୍ତ୍ତମାନ ଯୀଶୁ କହିଲେ, "ସେମାନଙ୍କର ଫଳ ଦ୍ୱାରା ତୁମେ ସେମାନଙ୍କୁ ଜାଣିବ ।" ଏବଂ ଆତ୍ମାର ଫଳ ହେଉଛି ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ଉତ୍ତମତା, ନମ୍ରତା, ଭଦ୍ରତା ।

166 ତେବେ, ମୁଁ ଯାଉଅଛି...ମୁଁ ଆପଣଙ୍କୁ ମୋର ଆକଳନ ଦେବି ଯେ ମୁଁ ତାହା ବିଷୟରେ କଅଣ ଭାବୁଅଛି ଯେ ଏକ ପ୍ରମାଣର ସବୁଠୁ ନିକଟବର୍ତ୍ତୀ ବିଷୟ କଅଣ ହେବ, ଯେ ଜଣେ ବ୍ୟକ୍ତି ଖ୍ରୀଷ୍ଟିଆନ ଅଟେ, ତାହା ଅପେକ୍ଷା ଯାହା ମୁଁ କେବେ କିଛି ଜାଣେ । କଅଣ ଆପଣ ଜାଣିଛନ୍ତି ଯେ ତାହା କଅଣ ଅଟେ? ଏହା ପ୍ରାଣର ଯନ୍ତ୍ରଣା ଅଟେ । ଜଣେ ବ୍ୟକ୍ତି ଯିଏକି ସର୍ବଦା ପରମେଶ୍ୱରଙ୍କ ପାଇଁ ଏତେ କ୍ଷୁଧିତ ଓ ତୃଷିତ ଅଟେ । ସେମାନେ କେବଳ ସରଳ ଭାବରେ...ଦିନ ଓ ରାତି, ସେମାନେ—ସେମାନେ କେବଳ ଏହାକୁ ସହ୍ୟ କରିପାରନ୍ତି ନାହିଁ । ସେମାନଙ୍କୁ—ସେମାନଙ୍କୁ—ସେମାନଙ୍କୁ ପରମେଶ୍ୱରଙ୍କ ପାଇଁ କିଛି କରିବାକୁ ଥାଏ । ସେମାନେ—ସେମାନେ ପ୍ରେମରେ ପରିପୂର୍ଣ୍ଣ ଥାଆନ୍ତି ଏବଂ ସେମାନେ ଠିକ୍...ପ୍ରାଣ-ଯନ୍ତ୍ରଣା, ସବୁ ସମୟରେ କେବଳ ଯନ୍ତ୍ରଣାରେ ଥାଆନ୍ତି । ବାଇବଲ କୁହେ, "ଯେଉଁମାନେ କାନ୍ଦି କାନ୍ଦି ବିହନ ବୁଣନ୍ତି, ନିଃସନ୍ଦେହ ସେମାନେ ଆନନ୍ଦ କରୁ କରୁ ପୁନର୍ବାର ଫେରି ଆସିବେ, ଓ ବହୁମୂଲ୍ୟ ଶସ୍ୟ କାଟିବେ ।" କଅଣ ତାହା ଠିକ୍ ଅଟେ? ସେହି ସମସ୍ତ ବିଷୟ ।

167 ତେବେ, ଦେଖନ୍ତୁ, ଯଦି ସେଠାରେ...ଯଦି ଏହି ମଣ୍ଡଳୀ...ଯଦି ମୁଁ କହିବି, ଆଜି ସକାଳେ, ଯେ ଏଠାରେ ଏହି ଗୋଷ୍ଠୀର ଲୋକମାନେ ଏବଂ ମୁଁ...ଏବଂ ପରମେଶ୍ୱର କୁହନ୍ତି, "ତେବେ, ଦେଖ, ୱିଲିୟମ୍ ବ୍ରାନହାମ୍, ମୁଁ ତୁମକୁ ସେହି ଲୋକମାନଙ୍କର ଗୋଷ୍ଠୀ ପାଇଁ ଉତ୍ତରଦାୟୀ କରିବାକୁ ଯାଉଅଛି, ଯାହା ତୁମେ ସେମାନଙ୍କୁ କହିଥାଅ । ବର୍ତ୍ତମାନ, କଅଣ ସେମାନେ ସମସ୍ତେ ପାଟି କରନ୍ତୁ ବୋଲି ତୁମେ ଚାହୁଁଛ କି?"

"ନିଶ୍ଚିତରେ, ମୁଁ ଚାହେଁ ଯେ ସେମାନେ ପାଟି କରନ୍ତୁ ।"

"କଅଣ ସେମାନେ ସମସ୍ତେ ପରଭାଷାରେ କଥା କୁହନ୍ତୁ ବୋଲି ତୁମେ ଚାହୁଁଛ କି?"

"ମୁଁ ଚାହେଁ ଯେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ତାହା କରନ୍ତୁ ।"

"କଅଣ ସେମାନେ ସମସ୍ତେ ଆତ୍ମାରେ ନାଚନ୍ତୁ ବୋଲି ତୁମେ ଚାହୁଁଛ କି?"

"ମୁଁ ଚାହେଁ ଯେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ତାହା କରନ୍ତୁ ।"

168 "ଠିକ ଅଛି, ଉତ୍ତମ ଅଟେ, ତାହା ବହୁତ ଭଲ ଅଟେ, ମାତ୍ର ସେମାନେ କଅଣ କରନ୍ତୁ ବୋଲି ତୁମେ କଅଣ ଇଚ୍ଛା କରୁଛ?" ଉଃ-ହୁ ।

169 "ମୁଁ ତ ବରଂ ଏହା ଇଚ୍ଛା କରେ ଯେ ଏକ ମଣ୍ଡଳୀ ହେଉ ଯେଉଁମାନଙ୍କର ହୃଦୟରେ ପ୍ରାର୍ଥନା ପାଇଁ ଏକ ଏପରି ବୋଝ ହେଉ ଯେ ସେମାନେ କେବଳ ଏହି ଯଜ୍ଞବେଦୀରେ ରହିଥାଆନ୍ତୁ ଓ ଦିନରାତି ଏଠାରେ ରୁହନ୍ତୁ, ଏବଂ ଅନ୍ୟ ସମସ୍ତ କିଛି ବିଷୟ; ଏବଂ ସେମାନଙ୍କ ଘରେ, ସର୍ବଦା ପ୍ରାର୍ଥନାରେ ଲାଗି ରୁହନ୍ତୁ, ଏବଂ ବିନମ୍ର ହୋଇଥାଆନ୍ତୁ, ଏବଂ ଲୋକମାନଙ୍କୁ ପରମେଶ୍ୱରଙ୍କ ନିକଟକୁ ଆଣିବାକୁ ଚେଷ୍ଟା କରନ୍ତୁ, ଏବଂ ଡାକ୍ତରଖାନାରେ ଯାଇ ଆହ୍ୱାନ କରନ୍ତୁ ଏବଂ ରୋଗୀଙ୍କୁ ଦେଖା କରନ୍ତୁ, ଏବଂ ଲୋକମାନଙ୍କୁ ମଣ୍ଡଳୀକୁ ଆଣିବା ପାଇଁ ଏବଂ ସଠିକ୍ କରିବା ପାଇଁ ଚେଷ୍ଟା କରନ୍ତୁ। ମୁଁ ତ ବରଂ ଅନ୍ୟ ସମସ୍ତ କିଛି ଏକାଠି ରଖିବା ଅପେକ୍ଷା ତାହା ରଖିବାକୁ ଇଚ୍ଛା କରିବି; ଯଦିଓ ଅନ୍ୟଟି ଠିକ୍ ଥାଏ, ଏହା ମଣ୍ଡଳୀରେ ଅନ୍ତର୍ଭୁକ୍ତ ଅଟେ।"

170 କିନ୍ତୁ ଯଦି ମୋତେ ଏହା ରଖିବାକୁ ପଡ଼େ, ମୁଁ ତାହାକୁ ପ୍ରଥମେ ରଖିବି। କାରଣ ଯଦି ଆପଣ ତାହା ପାଇଛନ୍ତି, ତାହାହେଲେ ଅନ୍ୟଟି ଘଟିବ। ଉଃ-ହୁ। ଦେଖନ୍ତୁ? ଯଦି ଆପଣଙ୍କ ପାଖରେ ତାହା ଅଛି, ଯଦି ଆପଣ ଠିକ ପରମେଶ୍ୱରଙ୍କ ପାଇଁ ଏତେ କ୍ଷୁଧିତ ହେବେ, ତାହାହେଲେ ଚିତ୍କାର କରିବା ଘଟିତ ହେବ। ଯଦି ଆପଣ ପରମେଶ୍ୱରଙ୍କ ପାଇଁ ଏତେ କ୍ଷୁଧିତ ହେବେ, ତାହାହେଲେ ପରଭାଷାରେ କଥା କହିବା ଘଟିତ ହେବ। ଯଦି ଆପଣ ପରମେଶ୍ୱରଙ୍କ ପାଇଁ ଏତେ କ୍ଷୁଧିତ ହେବେ, ଏବଂ ଆପଣ କେବଳ କ୍ଷୁଧିତ ହେବା ଜାରି ରଖିବେ, ତେବେ ଏହାକୁ ରଖି ଥାଆନ୍ତୁ। ନିଜକୁ ଉଦାସୀନ ହେଉଥିବାର ଦେଖିବା ପାଇଁ ଯାଆନ୍ତି, ତେବେ କେବଳ ମନେରଖନ୍ତୁ, ଦେଖନ୍ତୁ, ସେଠାରେ ଅନ୍ୟ ଏକ ଆତ୍ମା ନିଜକୁ ସେଥି ଭିତରେ କାମ କରିବାକୁ ଚେଷ୍ଟା କରୁଅଛି। ପରମେଶ୍ୱରଙ୍କ ସମ୍ମୁଖରେ ଠିକ, ନମ୍ର ଭାବରେ, ପ୍ରାଣର ଯନ୍ତ୍ରଣା ସହିତରେ ରୁହନ୍ତୁ। କେବଳ ରହି ଥାଆନ୍ତୁ…ଏକ ଭଲ ପୁରୁଣା-କାଳିଆ…

171 ମୁଁ ବାଇବଲ ଦ୍ୱାରା ଏହା ପ୍ରମାଣ କରିପାରେ ଯେ "ପ୍ରଥମ ଥର ଯେତେବେଳେ ପରମେଶ୍ୱରଙ୍କ ଦୂତ ପବିତ୍ରଆତ୍ମାରେ ମୁଦ୍ରାଙ୍କିତ କରିବା ପାଇଁ ଦେଶଗୁଡିକ ଦେଇ ଗଲେ, ସେ କେବଳ ସେମାନଙ୍କୁ ମୁଦ୍ରାଙ୍କିତ କଲେ ଯେଉଁମାନେ ନଗରରେ କରାଯାଉଥିବା ଘୃଣ୍ୟ କାର୍ଯ୍ୟ ପାଇଁ କାନ୍ଦୁଥିଲେ ଏବଂ ଦୀର୍ଘ ନିଶ୍ୱାସ ନେଉଥିଲେ," ଯିହିଜିକଲ, ୨ମ ପର୍ବ। କଅଣ ତାହା ଠିକ୍ କି? ସେମାନଙ୍କ କପାଳରେ ମୁଦ୍ରାଙ୍କିତ କଲେ ଯେଉଁମାନେକି ନଗରରେ କରାଯାଉଥିବା ଘୃଣ୍ୟ କାର୍ଯ୍ୟ ନିମନ୍ତେ ଦୁଃଖ ପ୍ରକାଶ କରୁଥିଲେ ଓ କାନ୍ଦୁଥିଲେ।

172 ବର୍ତ୍ତମାନ, ମୁଁ ଆପଣମାନଙ୍କୁ ଏକ ପ୍ରଶ୍ନ ପଚାରିବାକୁ ଚାହେଁ, ମୁଁ ଆପଣମାନଙ୍କୁ ଏହି ପ୍ରଶ୍ନ ପଚାରିବି। (ତେବେ ଆମେ ଯଥା ଶୀଘ୍ର ବନ୍ଦ କରିବା।) କଅଣ ଘଟିତ ହେବ ଯଦି ପବିତ୍ରଆତ୍ମା ଆଜି ଜେଫର୍ସନ୍‌ଭିଲେ, ନ୍ୟୁ ଆଲ୍‌ବାନି, ଏବଂ ଲୁଇସ୍‌ଭିଲେ ଦେଇ, ଆଜି ଅପରାହ୍ନରେ ସେମାନଙ୍କୁ ମୁଦ୍ରାଙ୍କିତ କରିବାକୁ ଯାଆନ୍ତି ଯେଉଁମାନେକି ଘରେ ରହି ଏହା ପ୍ରାର୍ଥନା କରୁଥିବେ, "ହେ ପରମେଶ୍ୱର, ଏକ ଉଦ୍ଦୀପନାକୁ ପଠାଅ, ଏକ ସଭା ପାଇଁ ଅତ୍ୟନ୍ତ କ୍ଷୁଧିତ ଅଛୁ। ହେ ପରମେଶ୍ୱର, ନଗରର ପାପଗୁଡିକୁ ଦେଖ। ଓଃ, ପରମେଶ୍ୱର, କଅଣ ଏହା ଭୟଙ୍କର ନୁହେଁ କି? ଓଃ, ପରମେଶ୍ୱର, କଅଣ ତୁମେ ଦୟାକରି ଏକ ଉଦ୍ଦୀପନା ପଠାଇବ ନାହିଁ କି? କୌଣସି

ଏକ ଭଲ ପ୍ରଚାରକକୁ ପଠାଅ, କାହାରିକୁ ପଠାଅ । ହେ ପ୍ରଭୁ, ପବିତ୍ରଆତ୍ମା କରନ୍ତୁ…" ସେ କେଉଁଠାରେ, କେଉଁଠାରେ ମୁଦ୍ରାଙ୍କିତ କରିବେ? ତାହା ବିଷୟରେ ଚିନ୍ତା କରନ୍ତୁ ।

173 ବର୍ତ୍ତମାନ, "ତେବେ, ଭାଇ ବ୍ରାନହାମ୍, ଆପଣ କଅଣ କହିବାକୁ ଚାହୁଁଛନ୍ତି?"

174 ମୁଁ ଏହା କହିବାକୁ ଚାହେଁ, ଏବଂ ବର୍ତ୍ତମାନ ଅତି ଭକ୍ତି ସହକାରେ, ଭଙ୍ଗୁର ସୂତ୍ର ଉପରେ ଚାଲୁଥାଇ ମୁଁ ଏହା କୁହେ । ମୁଁ ବିଶ୍ୱାସ କରେ ଯେ ସେହି ଦିନଟି ସମାପ୍ତ ହେବା ଉପରେ ଅଛି, ଯେଉଁମାନେ ଭିତରେ ଅଛନ୍ତି ସେମାନେ ଅଛନ୍ତି । ଦେଖନ୍ତୁ? ଦେଖନ୍ତୁ? ଦ୍ୱାରଗୁଡିକ ଏକାଠି ବନ୍ଦ ହେଉଅଛି, ଆପଣଙ୍କ ପାଖରେ ଆଉ ଅଧିକ ସେହି ବୋଝ ନାହିଁ ।

175 ବିଲି ଗ୍ରାହାମଙ୍କ ସଭାଗୁଡିକ ସମଗ୍ର ଦେଶରେ ହୋଇଥିଲା, ଏବଂ ଓରାଲ୍ ରୋବର୍ଟସ୍‌ଙ୍କର, ଏବଂ ଆମ ବାକି ସମସ୍ତଙ୍କର । ଆମେମାନେ କାନ୍ଦିଅଛୁ, ଏବଂ ପ୍ରାର୍ଥନା କରିଅଛୁ ଓ ପ୍ରାର୍ଥନା କରିଅଛୁ, ଏବଂ ସବୁକିଛି କରିଅଛୁ । ମାତ୍ର, ଆପଣ ଦେଖନ୍ତୁ, ଦ୍ୱାରଗୁଡିକ ବନ୍ଦ ହେଉଅଛି । "ଯିଏ ଅଶୁଚି ଅଛି," ମୁଁ ଶାସ୍ତ୍ରର ଉଦ୍ଧୃତ କରୁଛି, "ସେ ଅଶୁଚି ରହୁ । ଯିଏ ଧାର୍ମିକ ଅଛି, ସେ ଧାର୍ମିକ ରହୁ । ଯିଏ ପବିତ୍ର ଅଛି, ସେ ପବିତ୍ର ରହୁ ।" ଏବଂ ମୁଁ ବିଶ୍ୱାସ କରେ ଯେ ବିଜାତିମାନଙ୍କର ଦ୍ୱାରଗୁଡିକ ଏକତ୍ର ବନ୍ଦ ହେଉଅଛି । ଦେଖନ୍ତୁ? ସେହି ରୁତୁର ସମୟର ଦିନ ଠିକ ଏବେ ହିଁ ଶେଷ ହେବା ଉପରେ ଅଟେ, ଆଉ ଅଳ୍ପ କିଛିକୁ ଭିତରକୁ ଆସିବାକୁ ଅଛି । ସେହି କାରଣ ଯେଉଁଥି ଯୋଗୁକି ଆପଣ ସେହିପରି କୌଣସି ସଭା କରିପାରନ୍ତି ନାହିଁ, ତାହା ହେଲା ପ୍ରାଣର କୌଣସି ଯନ୍ତ୍ରଣା ନାହିଁ । ଆପଣ—ଆପଣ ସେହି ପ୍ରକାର ବୋଝ ପାଆନ୍ତି ନାହିଁ ।

176 ମୋର ଅନେକ ବର୍ଷ ପୂର୍ବର କଥା ମନେ ପଡ଼େ । ଆପଣ ଆରାଧନାଳୟରେ ସବୁବେଳେ ସେହି ଜଙ୍ଗଲୀ ଚଲାପଥ ଓ ଜିନିଷଗୁଡିକ ବିଷୟରେ କଥାବାର୍ତ୍ତା ହେଉଥିବାର ଶୁଣୁଥିଲେ । ତାହା ଆଉ ଅଧିକ ଶୁଣା ଦିଏ ନାହିଁ, ଟିକିଏ ହେଲେ ଆଉ ନୁହେଁ । ମାତ୍ର ତାହା ସେତେବେଳେ ସତେଜ ଥିଲା, ପରମେଶ୍ୱର ତାଙ୍କର ମଣ୍ଡଳୀକୁ ଡାକୁଥିଲେ । ମୁଁ ସେମାନଙ୍କୁ ହୁଙ୍କୁରି ହୁଙ୍କୁରି କାନ୍ଦିବାର ଏବଂ କ୍ରନ୍ଦନ କରୁଥିବାର ଏବଂ ରାତିସାରା ଯଜ୍ଞବେଦୀ ଉପରେ ଶୋଇଥିବାର ଦେଖିଅଛି । ମୁଁ ସେମାନଙ୍କ ଘରକୁ ଯାଇଅଛି, ଏବଂ ଯେତେବେଳେ ଆପଣ ଆସନ୍ତି ଆପଣ ସେମାନଙ୍କୁ ଶୁଣିପାରନ୍ତି, ଠିକ ସେମାନଙ୍କର…ସେମାନଙ୍କର ଶଯ୍ୟା କକ୍ଷରେ, ପୁରୁଷ ଓ ସ୍ତ୍ରୀମାନଙ୍କୁ କାନ୍ଦୁଥିବାର ଶୁଣିପାରନ୍ତି, "ହେ ପରମେଶ୍ୱର!"

177 ଆପଣ ସେମାନଙ୍କୁ ମଣ୍ଡଳୀ ଦେଇ ଚଲାବୁଲା କରୁଥିବାର ଦେଖନ୍ତି, ଏବଂ ମୁଁ ପିଆନୋକୁ ବାଜୁଥିବାର ଆରମ୍ଭ ହେଉଥିବାର ଦେଖେ, *ଯୀଶୁ ମୋତେ କୃଶ ନିକଟରେ ରଖ,* ଆଉ ଲୁହ ସେଠାରେ ଝରୁଥିବାର ଆରମ୍ଭ ହୁଏ, ଆପଣ ଜାଣନ୍ତି । "ସ୍ନିଫ୍, ସ୍ନିଫ୍, ସ୍ନିଫ୍, ସ୍ନିଫ୍, ସ୍ନିଫ୍ ।" ଏହି ମଣ୍ଡଳୀ ଭିତରକୁ ପ୍ରବେଶ କରନ୍ତୁ, ତାହାପରେ ଅନ୍ୟ ଏକ ମଣ୍ଡଳୀକୁ ଯାଆନ୍ତୁ, ଏବଂ ସେଠାରେ ସେମାନଙ୍କୁ ଶୁଣନ୍ତୁ, *ସେଠାରେ ଏକ ବହୁମୂଲ୍ୟ ନିର୍ଝର ଅଛି ।* "ହେ ପରମେଶ୍ୱର, ମୋ ପୁଅକୁ ରକ୍ଷା କର । ମୋ ଝିଅକୁ ରକ୍ଷା କର, ସେ ହଜି ଯାଇଅଛି, ପ୍ରଭୁ । ଦୟାକରି!"

178 ଆପଣ ଆଉ ଅଧିକ ତାହା ସବୁ ପାଆନ୍ତି ନାହିଁ । ମାମଲା କଅଣ ଅଟେ? ପରମେଶ୍ୱରଙ୍କ ଆତ୍ମାଙ୍କୁ ପ୍ରତ୍ୟାହାର କରାଯାଇଅଛି । ଯୀଶୁ କହିଥିଲେ, ଭବିଷ୍ୟତ୍‌ବାଣୀ କରିଥିଲେ, ଯେ ସେହି ପ୍ରେମ...କାରଣ ଅନେକଙ୍କ ପ୍ରେମ...ସେମାନଙ୍କର ପ୍ରେମ ଶିଥିଳ ହୋଇଯିବ । "ଯେହେତୁ ଅଧର୍ମ ବୃଦ୍ଧି ପାଇବ, ଅନେକଙ୍କ ପ୍ରେମ ଶିଥିଳ ହୋଇଯିବ ।" ଦେଖନ୍ତୁ? ଦେଖନ୍ତୁ, ଶୀତଳ ହୋଇଯିବ, ଦୂରେଇ ଯିବ । ପ୍ରେମ ମରି ଯାଉଅଛି । ଏବଂ ସେମାନେ ଏଥିରେ କଅଣ ପାଇଲେ? କେବଳ ଏକ ରୂପ; ପିଆନୋକୁ ଉପର ଓ ତଳ ବଜାଇବା, ପ୍ରକୃତରେ କଠିନ ଭାବରେ, ଏବଂ ଚିତ୍କାର କରିବା, "ପରମେଶ୍ୱରଙ୍କର ମହିମା ହେଉ! ହାଲ୍ଲେଲୁୟା! ଆମେନ୍! ପରମେଶ୍ୱରଙ୍କର ସ୍ତୁତି ହେଉ!" ଦେଖନ୍ତୁ, ସେହିପରି ଭାବରେ, ଏହା କେବଳ ଏକ ରୂପ ଅଟେ । ନିଜକୁ ମୂର୍ଖ ବନାନ୍ତୁ ନାହିଁ, ଦେଖନ୍ତୁ, କେବଳ ନିଜକୁ ମୂର୍ଖ କରୁଅଛନ୍ତି । ଦେଖନ୍ତୁ, ଭାଇ, ଶୁଣନ୍ତୁ, ଯେପର୍ଯ୍ୟନ୍ତ ଆମେ...ମୁଁ ଏହିପରି ଭାବରେ ଯାଏ, ମୁଁ କଥାବାର୍ତ୍ତା-...

179 ମୁଁ ଆମର ଆରାଧନାଳୟ ବିଷୟରେ କହୁ ନାହିଁ, ମୁଁ ତାହା ବିଷୟରେ କହୁଅଛି ଯାହା ମୁଁ ଯୁକ୍ତରାଷ୍ଟ୍ରର ଚାରିଆଡେ ପାଇଥାଏ । ଏହା ତ କେବଳ ଏକ ରୂପରେ ପରିଣତ ହୋଇଯାଇଛି, କେବଳ ଏକ ଆଚରଣ କରିବା ଯାହା ଆମର ପୂର୍ବରୁ ରହିଥିଲା । ଏବଂ ସେହି ଆତ୍ମାର ଯନ୍ତ୍ରଣା, ଏହା ତ ଠିକ ଶେଷ ହେବା ଉପରେ ଅଟେ । ଓଃ ଭାଇ, ଭଉଣୀ, (ହେ ପରମେଶ୍ୱର, ଆମ ଉପରେ ଦୟା କର) ପରମେଶ୍ୱର ଦୟା କରନ୍ତୁ!

180 ଏହି ଉଦ୍ଦୀପନା ଏବଂ ଜିନିଷଗୁଡିକୁ ଦେଖନ୍ତୁ ଯାହାକି କେବଳ ଘଟୁଅଛି ଏବଂ ଘଟୁଅଛି ଏବଂ ଘଟୁଅଛି, ଏବଂ ସୁସମାଚାର ଅଧିକ ସ୍ପଷ୍ଟ ଭାବରେ ପ୍ରଚାର କରାଯାଉଅଛି, ଏହା...ଆଜି ଏହାକୁ ଦେଖନ୍ତୁ, ଠିକ ଯେତେବେଳେ ଏକ ଉଦ୍ଦୀପନା ଶେଷ ହୋଇଯାଏ, ସେମାନେ ଠିକ ଚାଲିଯାଆନ୍ତି । କଅଣ ଆପଣ ଜାଣିଛନ୍ତି ଯେ କଅଣ ହୋଇଥାଏ?

181 ମୋତେ ଏହା କହିବାକୁ ଦିଅନ୍ତୁ । ମୁଁ ଜାଣେ ନାହିଁ ଯେ ମୁଁ ଏଥିରୁ କାହିଁକି ଦୂରେଇ ଯାଇପାରୁ ନାହିଁ । ମାତ୍ର, ଦେଖନ୍ତୁ, ଯୀଶୁ କହିଲେ, "ସ୍ୱର୍ଗରାଜ୍ୟ ଏପରି ଜଣେ ମଣିଷ ସଦୃଶ ଯିଏକି ଏକ ମାଛ ଧରା ଜାଲ ନେଇ ସମୁଦ୍ରରେ ଫିଙ୍ଗିଲେ । ଏବଂ ଯେତେବେଳେ ସେ ଟାଣିଲେ, ଅବଶ୍ୟ, ସେ ସମୁଦ୍ରର ଅନେକ ପ୍ରଜାତିଗୁଡିକୁ ଜାଲରେ ଧରିଲେ । ସେ କଇଁଛ ଧରିଲେ, ଏବଂ ସେ ସାପ ଧରିଲେ, ଏବଂ ସେ ଅନ୍ୟ ପ୍ରଜାତିର ମାଛ, ପାଣି ପୋକ, ମାଛ ଧରିଲେ । ଦେଖନ୍ତୁ? ଏବଂ ମୁଁ ବିଶ୍ୱାସ କରେ ଯେ ସେହି ଜାଲ...

182 ବର୍ତ୍ତମାନ, ଦେଖନ୍ତୁ! *ଏଠାରେ* ଏକ କଇଁଛ, ଏବଂ *ଏଠାରେ* ଏକ ମାଛ ଅଛି । ସେହି କଇଁଛ ଏଥିରେ କିଛି ହେଲେ କରିପାରେ ନାହିଁ କାରଣ ସେ ଏକ କଇଁଛ ଅଟେ, ସେ ତ ଆରମ୍ଭରୁ ହିଁ ଏକ କଇଁଛ ଥିଲା । ତାର ପ୍ରକୃତି ତ ଏକ କଇଁଛ ଅଟେ ଏବଂ ସେଠାରେ ତାହା ହିଁ ସବୁକିଛି ଥିଲା । (ବର୍ତ୍ତମାନ ମନେରଖନ୍ତୁ, ମୁଁ—ମୁଁ କହିଲି ଯେ ମୁଁ ପ୍ରାର୍ଥନା କରିବାକୁ ଯାଉଅଛି ।) ଦେଖନ୍ତୁ, ସେ ତ ଆରମ୍ଭରୁ ହିଁ ଏକ କଇଁଛ ଅଟେ, ସେ ବର୍ତ୍ତମାନ ଏକ କଇଁଛ ଅଟେ । ଯଦି ସେ ଆରମ୍ଭରୁ ହିଁ ଏକ ସାପ ଅଟେ, ସେ ବର୍ତ୍ତମାନ ଏକ ସାପ ଅଟେ । ଯଦି ସେ ଆରମ୍ଭରୁ ହିଁ ଏକ ପାଣି ପୋକ ଅଟେ...

183 ଏବଂ ମୁଁ ବିଶ୍ୱାସ କରେ ଯେ ସେହି ଜାଲଟି ଫିଙ୍ଗା ଯାଇଅଛି ଏବଂ ଫିଙ୍ଗା ଯାଇଅଛି ଓ ଫିଙ୍ଗା ଯାଇଅଛି, ଯେପର୍ଯ୍ୟନ୍ତ କି ସମସ୍ତ ମାଛଗୁଡ଼ିକୁ ସେହି ପୋଖରୀରୁ କାଢି ନ ନିଆଯାଇଛି ।

184 ସେହି କାରଣରୁ ସେମାନେ କୁହନ୍ତି, "ତେବେ, ମୁଁ ମୋର ହାତ ଉପରକୁ ଉଠାଇଥିଲି । ପରମେଶ୍ୱରଙ୍କର ମହିମା ହେଉ! ମୁଁ ଉଦ୍ଧାର ପାଇବାକୁ ଚାହେଁ । ପରମେଶ୍ୱରଙ୍କର ସ୍ତୁତି ହେଉ!" ଏବଂ କିଛି ଦିନ ପରେ, "ଓଃ, ଲୁଦିଆ, ତୁମେ ଜାଣ ଯେ ସେହି ବିଷୟଗୁଡ଼ିକ ବାଜେ ଅର୍ଥହୀନ ଅଟେ ।" "ମୁଁ ଅନୁମାନ କରୁଛି ଯେ ଏହା ଠିକ୍ ଥିଲା ।" କାହିଁକି? ଯେହେତୁ ତାର ପ୍ରକୃତି *ଏଠାରେ* ଆରମ୍ଭରୁ ହିଁ ଏକ ପାଣି ପୋକ ଅଟେ; ଆରମ୍ଭରୁ ହିଁ, ଏକ ସର୍ପ ଥିଲା ।

185 ମାଛକୁ ତ ଠିକ ବର୍ତ୍ତମାନ ହିଁ ହ୍ରଦରୁ ବାହାର କରାଯାଇଛି । ସେହି ଜାଲକୁ ଶୁଖାଇ ଦିଆଯିବ । ଏବଂ ଯୀଶୁ ଆସିବେ, ସେତେବେଳେ ସେ ତାଙ୍କର ମାଛଗୁଡ଼ିକୁ ଭିତରକୁ ନେଇଯିବେ । ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ଓଃ, ଯଦି ଆପଣଙ୍କ ଭିତରେ ଖ୍ରୀଷ୍ଟିଆନ ଧର୍ମର ଗୋଟିଏ ଚିହ୍ନ ବର୍ଣ୍ଣ ବି ଥାଏ, ଯଦି ଆପଣଙ୍କର ଭିତରେ ପରମେଶ୍ୱରଙ୍କ ସେବା କରିବା ପାଇଁ ଟିକେ ବି ଇଚ୍ଛା ଥାଏ, ତାହାହେଲେ ଆଜି ସକାଳେ ଏହାକୁ ଯେତିକି ଜୋରରେ ଜାବୁଡି ଧରିପାରିବେ ସେତିକି ଜୋରରେ ଧରନ୍ତୁ ଏବଂ ଏହାକୁ ଆପଣା ସମସ୍ତ ହୃଦୟ ସହିତରେ ଉପଭୋଗ କରନ୍ତୁ ।

186 "ପରମେଶ୍ୱରଙ୍କର ପୁତ୍ରଗଣ ମନୁଷ୍ୟର କନ୍ୟାମାନଙ୍କୁ ଗ୍ରହଣ କରି ନେଲେ ।" ନିଶ୍ଚିତରେ ସେମାନେ ପରମେଶ୍ୱରଙ୍କର ପୁତ୍ରଗଣ ଥିଲେ । ଆଜି ମଧ୍ୟ ସେମାନେ ପରମେଶ୍ୱରଙ୍କର ପୁତ୍ରଗଣ ଅଟନ୍ତି, କିନ୍ତୁ ସେମାନେ ପରମେଶ୍ୱରଙ୍କର ପତିତ ପୁତ୍ରଗଣ ଅଟନ୍ତି । ସେମାନଙ୍କ ମଧ୍ୟରୁ କେତେକ, ଶାସ୍ତ୍ର ଅନୁସାରେ, ହୁଏ! ସେମାନେ କିପରି ଶାସ୍ତ୍ର କହିପାରନ୍ତି! ସେମାନେ ପରମେଶ୍ୱରଙ୍କର ପୁତ୍ରଗଣ ଅଟନ୍ତି । ଆପଣ ଜାଣନ୍ତି, ଶୟତାନ ପରମେଶ୍ୱରଙ୍କର ଦକ୍ଷିଣ-ହସ୍ତ ଲୋକ ଥିଲା । ଆପଣ ଜାଣନ୍ତି, ଆଜି ଜଗତରେ ଥିବା ଯେକୌଣସି—ଯେକୌଣସି ଧର୍ମଶାସ୍ତ୍ରୀ—ଧର୍ମଶାସ୍ତ୍ରୀ ଅପେକ୍ଷା ସେ ଶାସ୍ତ୍ର ବିଷୟରେ ଅଧିକ ଜାଣେ । କୌଣସି ବିଷୟରେ କୁହନ୍ତୁ...ସେ ଧର୍ମଶାସ୍ତ୍ର ବିଦ୍ୟାଳୟଗୁଡ଼ିକୁ ଓଲଟ ପାଲଟ କରି ଦେଉଅଛି, ବିଶେଷକରି ଏଠାରେ ଥିବା ଏହି ବାପ୍ଟିଷ୍ଟ ଜଣକା ଯିଏକି ଏହା କହୁଅଛି ଯେ "ଯୀଶୁ ଖ୍ରୀଷ୍ଟ ଜଣେ ରୋମୀୟ, କିମ୍ବା ଜର୍ମାନ ସୈନିକଙ୍କଠାରୁ ଜନ୍ମ ହୋଇଥିଲେ ।" ମୋ ପାଖରେ ତାହା ଉପରେ ଏକ ପୁସ୍ତକ ଅଛି, କୌଣସି ଦିନେ ମୁଁ ଏହାକୁ ଆପଣମାନଙ୍କୁ ଦେଖାଇବାକୁ ଚାହେଁ । ଠିକ୍ ଅଛି ।

187 ଶୀଘ୍ର କରିବା, ଯାତ୍ରାପୁସ୍ତକ...ଓଃ, ଆମେ ତାହା କେବେବି ପାଇ ନ ଥାଆନ୍ତୁ ଯଦି ଆମେ ତାହାକୁ ନ ରଖିଥାଆନ୍ତୁ । ମୁଁ ସେଗୁଡ଼ିକୁ ବର୍ତ୍ତମାନ ଶୀଘ୍ର ନେବି, ମୁଁ ଜାଣେ ଯେ ମୁଁ ଆପଣମାନଙ୍କର ବହୁତ ସମୟ ନେଉଅଛି । କଅଣ ଆପଣମାନେ ସମସ୍ତେ ମୋ ସହିତ ଆଉ ଅଳ୍ପ କିଛି ମିନିଟ୍ ସହ୍ୟ କରିବେ କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।]

**13. ପ୍ରକାଶିତ ବାକ୍ୟରେ ଉଲ୍ଲେଖ କରାଯାଇଥିବା, କଅଣ ସେହି ଏକ ଲକ୍ଷ ଚୌ-ରାଳିଶ ହଜାର, ସେହି ଯିହୁଦୀ ଅବଶିଷ୍ଟାଂଶ ଯାହାକୁ ଆମେ...ମଣ୍ଡଳୀର ଉର୍ଦ୍ଧାନ୍ତିକରଣର**

**ଏକ ଅଂଶ ହେବେ କି? (ଉପରେ) କଅଣ ଇସ୍ରାଏଲ୍ ନୁହେଁ କି, ସେହି ଆରମ୍ଭରୁ... ସେମାନେ ଆରମ୍ଭ କଲେ...**(ମୋତେ କ୍ଷମା କରନ୍ତୁ)...**ତାହାର ସେହି ସମୟ—ସମୟକୁ ଚାଲିଯାଏ...?**

188 ମୋତେ କ୍ଷମା କରନ୍ତୁ, ମାତ୍ର ଗୋଟିଏ ମିନିଟ୍ ଯେପର୍ଯ୍ୟନ୍ତକି ମୁଁ ଏହାକୁ ସଜାଡି ପ୍ରସ୍ତୁତ ନ କରି ନିଏ। ଏହା—ଏହା ଅତିକ୍ରମ କରିଗଲା, ଏହା କାଗଜ ଉପର ଦେଇ ଚାଲିଗଲା।

**...ଯେ ଖ୍ରୀଷ୍ଟଙ୍କର—ର ଏକ ହଜାର ବର୍ଷ ମଧ୍ୟରେ ତାହା ଘଟିବାକୁ ଅଛି ଏହା ଅପେକ୍ଷା ଯେ ସେହି ବ୍ୟକ୍ତି ବଞ୍ଚିପାରେ, ଯେପରିକି ଏହି ଆଧୁନିକ ଧର୍ମବାଦୀମାନେ ଆମକୁ କୁହନ୍ତି?** ହଁ, ଆଜ୍ଞା।

189 ବର୍ତ୍ତମାନ, ଏହାକୁ ସଠିକ୍ କରିବା ନିମନ୍ତେ, ମାତ୍ର ଗୋଟିଏ ମିନିଟ୍। ପ୍ରଶ୍ନଟି ହେଉଛି:

**କଅଣ ସେହି ଏକ ଲକ୍ଷ ଚୌ-ରାଳିଶ ଚାରି ହଜାର, ଯାହାରକି ଆମେ ଏକ ଅବଶିଷ୍ଟାଂଶ...?**

190 ମୁଁ ପ୍ରଥମେ ଆମମାନଙ୍କୁ ସେହି ବିଷୟ ଉପରେ ସଂଶୋଧନ କରିବାକୁ ଚାହେଁ, କେବଳ ଏହା ନିଶ୍ଚିତ ହେବା ପାଇଁ ଯେ ଆପଣ...ଦେଖନ୍ତୁ, ସେହି ଏକ ଲକ୍ଷ ଚୌ-ଚାଳିଶ ହଜାର...

**ପ୍ରକାଶିତ ବାକ୍ୟରେ ଉଲ୍ଲେଖ କରାଯାଇଥିବା, ସେହି ଏକ ଲକ୍ଷ ଚୌ-ରାଳିଶ ହଜାର କଅଣ, ସେହି ଯିହୁଦୀ ଅବଶିଷ୍ଟାଂଶ ଅଟନ୍ତି କି ଯେହେତୁ ତାହା ମଣ୍ଡଳୀର ଉର୍ଦ୍ଧାନ୍ତିକରଣର ଏକ ଅଂଶ ହେବେ? କଅଣ ସେହି ଏକ ଲକ୍ଷ ଚୌ-ରାଳିଶ ହଜାର...?**

191 ବର୍ତ୍ତମାନ, କେବଳ...ମୁଁ—ମୁଁ...ମୁଁ ଏହାକୁ ଆରମ୍ଭ କରିବା ପୂର୍ବରୁ ମୋ ମନରେ ଏହାକୁ ସ୍ପଷ୍ଟ କରି ନେବାକୁ ଚାହେଁ।

**ପ୍ରକାଶିତ ବାକ୍ୟରେ ଉଲ୍ଲେଖ କରାଯାଇଥିବା, ସେହି ଏକ ଲକ୍ଷ ଚୌ-ରାଳିଶ ହଜାର କଅଣ, ସେହି ଯିହୁଦୀ ଅବଶିଷ୍ଟାଂଶ ଅଟନ୍ତି କି ଯେଉଁମାନେକି ମଣ୍ଡଳୀର ଉର୍ଦ୍ଧାନ୍ତିକରଣର ଅଂଶ ହେବେ?**

192 ମୁଁ ପ୍ରଥମେ ତାହା ନେବାକୁ ଚାହେଁ। ସେହି ଏକ ଲକ୍ଷ ଚୌ-ରାଳିଶ ହଜାର ହେଉଛନ୍ତି ଯିହୁଦୀ ଅବଶିଷ୍ଟାଂଶ, କିନ୍ତୁ ଉର୍ଦ୍ଧାନ୍ତିକରଣରେ ଯାଇଥିବା ମଣ୍ଡଳୀ ନୁହେଁ। ଦେଖନ୍ତୁ? ତେବେ ପ୍ରକାଶିତ ବାକ୍ୟରେ ଦେଖନ୍ତୁ, ସେହି କ୍ଷେପ ପର୍ବକୁ, ଆପଣ ତାହା ଦେଖିବେ।

193 ତାହାପରେ ଆମେ ଅନ୍ୟ—ଅନ୍ୟ ପାର୍ଶ୍ୱରେ ଆର ଅଂଶକୁ ପାଇବା ଏବଂ ସେଠାରେ ସେମାନଙ୍କର ଆଉ ଏକ ପ୍ରଶ୍ନ ଅଛି। ଏହି ଜିନିଷଗୁଡିକୁ ଧ୍ୟାନ ଦିଅନ୍ତୁ।

194 ଠିକ ଅଛି, ବର୍ତ୍ତମାନ ଏଠାରେ ଦେଖନ୍ତୁ, ପ୍ରକାଶିତ ବାକ୍ୟ 6, ତେବେ, ସେହିଠାରେ ହିଁ ଆପଣ ଏହାକୁ ପାଇବେ। ଦେଖନ୍ତୁ? ବର୍ତ୍ତମାନ, ଆମେ ଆରମ୍ଭ କରିବାକୁ ଯାଉଅଛୁ, ସେ ଆଗକୁ ଯାଇ ସେହି ଅଶ୍ୱାରୋହୀମାନଙ୍କ ବିଷୟରେ କୁହନ୍ତି, ଓ ପ୍ରଭୃତି ସବୁ, ଆଗକୁ

ଯାଆନ୍ତି । "ଯେତେବେଳେ ସେମାନେ ଭାଙ୍ଗିଲେ..." ଆସନ୍ତୁ ପ୍ରକାଶିତ ବାକ୍ୟର ୬ଷ୍ଠ ପର୍ବର ୭ମ ପଦକୁ ନେବା:

*ପୁଣି ଯେତେବେଳେ ସେ ପଞ୍ଚମ ମୁଦ୍ରା ଭାଙ୍ଗିଲେ,...*

195 ମୁଁ—ମୁଁ—ମୁଁ ଭୁଲ୍ ଅଟେ, ମୁଁ ଭୁଲ ପର୍ବରେ ଅଛି । ଏହା 7ମ ପର୍ବ ଅଟେ:

*...ତତ୍ପରେ ମୁଁ ଦେଖିଲି, ପୃଥିବୀର ଚାରି କୋଣରେ ଚାରି ଜଣ ଦୂତ ଠିଆ ହୋଇ,...*

196 ଓଃ, କି ଏକ ସୁନ୍ଦର ପ୍ରଶ୍ନ ଅଟେ, ଏବଂ ଏଥିରେ ପ୍ରବେଶ କରିବାକୁ ଏବଂ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ କେତେ ଟିକିଏ ସମୟ ଅଟେ ।

*...ତତ୍ପରେ ମୁଁ ଦେଖିଲି, ପୃଥିବୀର ଚାରି କୋଣରେ ଚାରି ଜଣ ଦୂତ ଠିଆ ହୋଇ, ପୃଥିବୀର ଚାରି ବାୟୁକୁ ଅଟକାଇ ଧରିଛନ୍ତି, ଯେପରିକି ପୃଥିବୀ, କି ସମୁଦ୍ର, କି କୌଣସି ବୃକ୍ଷ ଉପରେ ବାୟୁ ନ ବହେ ।*

*ପୁଣି ମୁଁ ଆଉ ଜଣେ ଦୂତଙ୍କୁ ସ୍ୱର୍ଗରୁ ଓହ୍ଲାଉଥିବାର ଦେଖିଲି, ତାହାଙ୍କ ହସ୍ତରେ ଜୀବନ୍ତ ପରମେଶ୍ୱରଙ୍କ ମୁଦ୍ରା ଥିଲା:...*

197 ଓଃ, ସୁନିଶ୍ଚିତ ହୁଅନ୍ତୁ, ଏହା ଏକ ଚମତ୍କାର ପ୍ରଶ୍ନ ଅଟେ । ଦେଖନ୍ତୁ? ବର୍ତ୍ତମାନ, ଏକ ନାଟକୀୟ ଚିତ୍ର ଦେଖନ୍ତୁ; ଯୋହନ ବର୍ତ୍ତମାନ କହିଲେ, ଏଠାରେ...ତେବେ ପୃଥିବୀଠାରୁ ଦୂରରେ ଅଛନ୍ତି, ଆତ୍ମାରେ, ଫେରି ପୃଥିବୀକୁ ଚାହୁଁଛନ୍ତି । ପୁଣି ସେ ପୃଥିବୀର ଚାରି କୋଣରେ ଠିଆ ହୋଇଥିବା ଚାରି ଦୂତଙ୍କୁ, ପୃଥିବୀର ଚାରି ବାୟୁକୁ ଅଟକାଇ ଧରି ରହିଥିବାର ଦେଖିଲେ ।

198 ବର୍ତ୍ତମାନ, "ବାୟୁ," ବାଇବଲରେ...ଆପଣଙ୍କ ପାଇଁ ଶାସ୍ତ୍ର ଉଦ୍ଧୃତ କରିବା ହେତୁ ମୋ ପାଖରେ ସମୟ ନାହିଁ । କିନ୍ତୁ ଆମେ ଏହା ନିକଟକୁ ଯାଇପାରିବା । ଯଦି ଏହାର ସଠିକ୍ ଉତ୍ତର ଦିଆ ନ ଯାଏ, ତେବେ ମୁଁ ଏହାକୁ ଅନ୍ୟ କୌଣସି ସମୟରେ ନେବି । ସେହି ଚାରି... ବାଇବଲରେ, *ବାୟୁର*, ଅର୍ଥ ହେଉଛି "ଯୁଦ୍ଧ ଏବଂ ସଂଘର୍ଷ ।" ଆୟୁବଙ୍କ ସମୟରେ ଯେପରି, ଆପଣମାନଙ୍କର ମନେ ଥିବ, ବାୟୁ ତଳକୁ ଆସିଥିଲା ଏବଂ—ଏବଂ ପୁତ୍ରମାନଙ୍କୁ ନେଇ ଯାଇଥିଲା । ଏବଂ କଅଣ ଆପଣ ଜାଣନ୍ତି ଯେ ମୋର କହିବାର ଅର୍ଥ କଅଣ, ଏହା—ଏହା—ଏହା ସଙ୍କଟ ଅଟେ । ଦେଖନ୍ତୁ?

*...ଏବଂ ମୁଁ ଚାରିଜଣ ଦୂତଙ୍କୁ ଦେଖିଲି* (*ଚାରିଜଣ ଦୂତ*, କିମ୍ବା "ଚାରିଜଣ ବାର୍ତ୍ତାବହଙ୍କୁ"), ସେମାନେ କୋଣରେ *ଠିଆ ହୋଇଥିଲେ*...କିମ୍ବା *ପୃଥିବୀର ଚାରି କୋଣରେ ଛିଡା ହୋଇ, ଚାରି ବାୟୁକୁ ଅଟକାଇ ଧରିଅଛନ୍ତି...*

*...ଏବଂ ପୃଥିବୀ ଓ ସମୁଦ୍ରର କ୍ଷତି କରିବା ନିମନ୍ତେ କ୍ଷମତା ପ୍ରାପ୍ତ ସେହି ଚାରି ଦୂତଙ୍କୁ—ଙ୍କୁ, ସେ ଉଚ୍ଚ ସ୍ୱରରେ ଡାକି କହିଲେ, ଚିତ୍କାର କରି କହିଲେ ।*

(ବର୍ତ୍ତମାନ, ତାହା ପ୍ରଭୁଙ୍କର ଆଗମନ ଅଟେ, ଯାହା ବିଷୟରେ ସେ କହୁଛନ୍ତି। ଦେଖନ୍ତୁ?)

*କହିଲେ, ଆମ୍ଭେମାନେ ଆପଣା ପରମେଶ୍ୱରଙ୍କ ଦାସମାନଙ୍କ କପାଳରେ ମୁଦ୍ରାଙ୍କ ନ ଦେବା ପର୍ଯ୍ୟନ୍ତ, ତୁମ୍ଭେମାନେ ପୃଥିବୀ, କିଅବା ସମୁଦ୍ର, କିଅବା ବୃକ୍ଷସମୂହର କ୍ଷତି କର ନାହିଁ।* (ଦାସମାନ।)

199 ବର୍ତ୍ତମାନ, ମନେରଖନ୍ତୁ, ମଣ୍ଡଳୀ ତାଙ୍କର ଦାସମାନ ନୁହେଁ। ଆମେମାନେ ତାହାଙ୍କର ପୁତ୍ରଗଣ ଅଟୁ, ତାହାଙ୍କର ଦାସଗଣ ନୋହୁଁ। ଯିହୂଦୀ ସର୍ବଦା ତାହାଙ୍କର ଦାସ ଅଟେ। ମଣ୍ଡଳୀ କେବେବି ତାହାଙ୍କର ଦାସଗଣ ରହି ନାହିଁ, ଏହା ତ ତାହାଙ୍କର ସନ୍ତାନ ଅଟେ। ଦେଖନ୍ତୁ? ସେହି ଦାସମାନେ:

*ତପ୍ରେ ମୁଦ୍ରାଙ୍କିତ ଲୋକମାନଙ୍କର...ସଂଖ୍ୟା ମୁଁ ଶୁଣିଲି: ଇସ୍ରାଏଲ ସନ୍ତାନମାନଙ୍କ ସମସ୍ତ ବଂଶ ମଧ୍ୟରୁ ଏକ ଲକ୍ଷ ଚୌ-ରାଳିଶ ସହସ୍ର ଲୋକ ମୁଦ୍ରାଙ୍କିତ ହେଲେ।* (ବର୍ତ୍ତମାନ, ଦେଖନ୍ତୁ, ସମସ୍ତେ ଯିହୁଦୀ ଅଟନ୍ତି।)

200 ତେବେ ଦେଖନ୍ତୁ! "ଯିହୂଦା ବଂଶରୁ ବାର ହଜାର ମୁଦ୍ରାଙ୍କିତ କରାଯାଇଥିଲା। ରୁବେନ୍ ବଂଶରୁ, ବାର। ଗାଦ୍ ବଂଶରୁ, ବାର। ଆଶେର୍, ବାର। ଏବଂ ନେଫଥାଲିମର, ବାର, ଏବଂ— ଏବଂ ତଳକୁ। ଶିମିୟୋନ, ବାର। ଏବଂ ଆଶେର୍, ବାର। ଏବଂ ଜାବୁଲନ୍, ବାର। ଏବଂ ବିନ୍ୟାମୀନ, ବାର।" ଏବଂ ଇସ୍ରାଏଲର ବାର ବଂଶ, ତେଣୁ ବାର ଗୁଣନ ବାର...କେତେ ଅଟେ? ଏକ ଲକ୍ଷ ଚୌ-ରାଳିଶ ହଜାର। ବର୍ତ୍ତମାନ, ଇସ୍ରାଏଲର ସମସ୍ତ ବଂଶକୁ, ଦେଖନ୍ତୁ। ତେବେ ଦେଖନ୍ତୁ, ସେମାନେ ପରମେଶ୍ୱରଙ୍କ "ଦାସଗଣ" ଥିଲେ।

201 ତେବେ ବୋଧହୁଏ ମୁଁ ଏହାକୁ ସ୍ପଷ୍ଟ କରିପାରେ। ବର୍ତ୍ତମାନ ଦେଖନ୍ତୁ:

*ଏହାପରେ...*ଦେଖ, *ଏବଂ ଦୃଷ୍ଟିପାତ କଲି,* ଆଉ ମୁଁ ଏକ *ଅଗଣ୍ୟ, ଏକ ମହା ଜନତାଙ୍କୁ ଦେଖିଲି,* (ବର୍ତ୍ତମାନ, ଏଠାରେ ଅନ୍ୟ ଏକ ଗୋଷ୍ଠୀ ଅଛନ୍ତି, ଦେଖନ୍ତୁ) *ସର୍ବଜାତୀୟ,...ସର୍ବଗୋଷ୍ଠୀୟ,...*ସର୍ବଭାଷାବାଦୀ, *ଏବଂ* ସର୍ବବଂଶୀୟ, *ସିଂହାସନ ସମ୍ମୁଖରେ ଦଣ୍ଡାୟମାନ ହୋଇଅଛନ୍ତି, ଓ ମେଷଶାବକଙ୍କ ସମ୍ମୁଖରେ,* ଶୁକ୍ଳ ବସ୍ତ୍ର ପରିହିତ...ପରିହିତ...*ମେଷଶାବକଙ୍କ ସମ୍ମୁଖରେ, ଶୁକ୍ଳ ବସ୍ତ୍ର ପରିହିତ ହୋଇ, ଓ ଖଜୁରିବାହାଙ୍ଗା ହସ୍ତରେ ଧରି ଦଣ୍ଡାୟମାନ ହୋଇଅଛନ୍ତି;*

*ଏବଂ* ସେମାନେ *ଉଚ୍ଚ ସ୍ୱରରେ କ୍ରନ୍ଦନ କରି, କହୁଅଛନ୍ତି,...*(ଏହି ପବିତ୍ରଆତ୍ମା ସଭାକୁ ଶୁଣନ୍ତୁ!)...*ପରିତ୍ରାଣ ସିଂହାସନୋପବିଷ୍ଟ ଆମ୍ଭମାନଙ୍କ ପରମେଶ୍ୱର, ଏବଂ ମେଷଶାବକଙ୍କର କାର୍ଯ୍ୟ।*

*ପୁଣି ସମସ୍ତ ଦୂତ...*ପ୍ରାୟଃ *ସିଂହାସନର ଚତୁର୍ଦ୍ଦିଗରେ—ଚତୁର୍ଦ୍ଦିଗରେ, ଏବଂ ପ୍ରାଚୀନବର୍ଗ ଓ ଚାରି ପ୍ରାଣୀଙ୍କ ଚତୁର୍ଦ୍ଦିଗରେ ଉଭା,...ସିଂହାସନ ସମ୍ମୁଖରେ ଉବୁଡ ହୋଇପଡ଼ି, ପରମେଶ୍ୱରଙ୍କୁ ପ୍ରଣାମ କରି,*

*କହୁଅଛନ୍ତି, ଆମେନ୍: ଆଶୀର୍ବାଦ,...ମହିମା,...ଜ୍ଞାନ,...ଧନ୍ୟବାଦ,... ସମ୍ଭ୍ରମ,...ଶକ୍ତି,...ପରାକ୍ରମ, ଯୁଗେ ଯୁଗେ ପାଇଁ ଆମ୍ଭମାନଙ୍କ ପରମେଶ୍ୱରଙ୍କର । ଆମେନ୍ ।*

*ପୁଣି ପ୍ରାଚୀନମାନଙ୍କ ମଧ୍ୟରୁ ଜଣେ...*(ବର୍ତ୍ତମାନ, ଦେଖନ୍ତୁ ତେବେ, ତାହା ଥିଲେ...ଯୋହନ ଦର୍ଶନରେ ଥିଲେ)...*ପ୍ରାଚୀନମାନଙ୍କ ମଧ୍ୟରୁ ଜଣେ* କହିଲେ...ମୋତେ *ପଚାରିଲେ*, ମୋତେ *କହିଲେ, ଏମାନେ କିଏ...* (ତେବେ, ଯୋହନ ଜଣେ ଯିହୂଦୀ ଥିଲେ ଏବଂ ସେ ଇସ୍ରାଏଲର ବାରଟି ବଂଶକୁ ଦେଖିଥିଲେ, ସେ ସେମାନଙ୍କୁ ଜାଣିଥିଲେ) ...କିନ୍ତୁ *ଶୁକ୍ଳବସ୍ତ୍ର ପରିହିତ ଏହି ଲୋକମାନେ କିଏ? ଓ ସେମାନେ* କେଉଁଠାରୁ *ଆସିଅଛନ୍ତି?* ସେମାନେ କେଉଁଠାରୁ ଆସିଛନ୍ତି? ବର୍ତ୍ତମାନ, ଆପଣମାନେ ଯିହୁଦୀମାନଙ୍କୁ ଦେଖିଛନ୍ତି, ଆପଣ ସେମାନଙ୍କୁ ପ୍ରତ୍ୟେକଙ୍କୁ ଜାଣିଛନ୍ତି, ଆପଣ ସେମାନଙ୍କୁ ବଂଶରେ ଗଣନା କରିଛନ୍ତି ଓ କେତେ ସହସ୍ର ମୁଦ୍ରାଙ୍କିତ ହେଲେ କହିଛନ୍ତି । କିନ୍ତୁ ଏହି ସର୍ବଜାତୀୟ, ସର୍ବଭାଷାବାଦୀ, ଏବଂ ସର୍ବଗୋଷ୍ଠୀୟ ଲୋକମାନେ କିଏ? ସେମାନେ କେଉଁଠାରୁ ଆସିଛନ୍ତି?

*ମୁଁ ତାହାଙ୍କୁ କହିଲି, ହେ ମୋହର ପ୍ରଭୁ, ଆପଣ ହିଁ ତାହା ଜାଣନ୍ତି ।* (ଯୋହନ, ଅନ୍ୟ ଅର୍ଥରେ, "ମୁଁ ଜାଣେ ନାହିଁ ଯେ ସେମାନେ କେଉଁଠାରୁ ଆସିଛନ୍ତି । ମୁଁ ଜଣେ ଯିହୁଦୀ ଏବଂ ମୁଁ ଏଠାରେ ଛିଡା ହୋଇଛି, ଏବଂ ମୁଁ ମୋର—ମୋର ଲୋକମାନଙ୍କୁ ଦେଖୁଛି ଏବଂ ସେମାନଙ୍କୁ ଏଠାରେ ଥିବାର ଦେଖୁଛି")...*ସେଥିରେ ସେ* ମୋତେ *କହିଲେ, "ଏମାନେ ମହାକ୍ଲେଶରୁ ବାହାରି* ଆସି*ଅଛନ୍ତି,...*(ଦେଖନ୍ତୁ?)...*ମହାକ୍ଲେଶରୁ, ଓ ମେଷଶାବକଙ୍କ ରକ୍ତରେ ଆପଣା ଆପଣା ବସ୍ତ୍ର* (ମଣ୍ଡଳୀର ସଦସ୍ୟତା ନୁହେଁ), ଧୋଇ *ଶୁକ୍ଳବର୍ଣ୍ଣ କରିଅଛନ୍ତି ।* (ବୁଝିଲେ?)

*ସେଥିପାଇଁ* ସେମାନେ *ପରମେଶ୍ୱରଙ୍କ ସିଂହାସନ ସମ୍ମୁଖରେ ଥାଇ, ଦିବାରାତ୍ର ତାହାଙ୍କର* ଉପାସନା *କରନ୍ତି:...*

202 ବର୍ତ୍ତମାନ, ଶ୍ରୀମତୀ ବ୍ରାନହାମ୍ ମୋର ସେବା କେଉଁଠାରେ କରନ୍ତି? ଘର ଭିତରେ । ତାହା ସେହି କନ୍ୟା ଅଟେ । ଶ୍ରୀମତୀ ନେୱିଲ୍, ସେହିଠାରେ ହିଁ ଯେଉଁଠାରେକି ସେ ରୁହନ୍ତି, ଘରେ, ଆପଣଙ୍କୁ ସେବା କରନ୍ତି । ସେହିଠାରେ ହିଁ ସେହି କନ୍ୟା ଅଛି, ଦାସଗଣ ନୁହଁନ୍ତି, ସେହି କନ୍ୟା ।

*...ଉପାସନା କରନ୍ତି...ମନ୍ଦିରରେ: ପୁଣି* ସେମାନେ...*ସିଂହାସନୋପବିଷ୍ଟ* ବ୍ୟକ୍ତି *ସେମାନଙ୍କର* ଆଶ୍ରୟସ୍ୱରୂପ *ହେବେ ।*

ପୁଣି *ସେମାନଙ୍କର ଆଉ କେବେହେଁ କ୍ଷୁଧା ହେବ ନାହିଁ...*(ସେମାନେ ଅଳ୍ପ କେତେକ ଭୋଜନ ହରାଇଥିଲେ, ଏପରି ମନେ ହୁଏ (କଅଣ ନୁହେଁ କି?)

ଯେତେବେଳେ ସେମାନେ ଏଠାରେ ଥିଲେ) ...*ଆଉ କେବେହେଁ କ୍ଷୁଧା ହେବ ନାହିଁ କି ତୃଷା ହେବ ନାହିଁ...ସୂର୍ଯ୍ୟ କିଅବା କୌଣସି ଉତ୍ତାପ ସେମାନଙ୍କୁ ଆଘାତ କରିବ ନାହିଁ।*

*କାରଣ ସିଂହାସନମଧ୍ୟସ୍ଥିତ ମେଷଶାବକ* ସେମାନଙ୍କୁ କଢେଇ ନେବେ ଓ *ସେମାନଙ୍କର ପାଳକ ହେବେ, ଓ ଜୀବନଦାୟକ...ନିର୍ଝର ନିକଟକୁ*—ନିକଟକୁ (ମାତ୍ର ଗୋଟିଏ ମିନିଟ୍)...*ସେମାନଙ୍କୁ କଢାଇନେବେ: ପୁଣି ପରମେଶ୍ୱର... ସେମାନଙ୍କ ଚକ୍ଷୁରୁ* (ତାହା ଏକ କାନ୍ଦୁଥିବା ସମୂହ ଅଟେ ଯାହାକି ସେଠାରେ ଅଛନ୍ତି) *ସମସ୍ତ ଲୋତକ ପୋଛିଦେବେ।* (ଦେଖନ୍ତୁ?)

203 ତେବେ, ଧ୍ୟାନ ଦିଅନ୍ତୁ, ସେମାନେ କ୍ଷୁଧିତ ଏବଂ ତୃଷିତ ହୋଇଥିଲେ, ଏବଂ କାନ୍ଦିଥିଲେ, ଓ କ୍ରନ୍ଦନ କରି ଭିକ୍ଷା କରିଥିଲେ, ସେମାନେ ମହାକ୍ଲେଶରୁ ବାହାରି ଆସିଛନ୍ତି (କହିଛନ୍ତି, "ପବିତ୍ର-ଧର୍ମୋନ୍ମତ୍ତର ସେହି ସମୂହକୁ ଦେଖନ୍ତୁ, ଓଃ, ସେମାନେ ପାଗଳ ଅଟନ୍ତି!")। ଓଃ, ମୋର ପ୍ରଭୁ! ହଁ। ଦେଖନ୍ତୁ? ମାତ୍ର ସେମାନେ କାନ୍ଦିଥିଲେ ଏବଂ ସେମାନେ ଭିକ୍ଷା କରିଥିଲେ, ସେମାନେ ସଂଘର୍ଷ ଏବଂ କନ୍ଦଳ କରି ନ ଥିଲେ। ଏବଂ ସେମାନେ କେବଳ କାନ୍ଦିଥିଲେ ଏବଂ ଭିକ୍ଷା କରିଥିଲେ। ଏବଂ, ଦେଖନ୍ତୁ, ଆଉ ସେମାନେ ସର୍ବଜାତୀୟ, ସର୍ବଭାଷାବାଦୀ, ଏବଂ ସର୍ବଗୋଷ୍ଠୀୟ ଥିଲେ।

204 ତେବେ, ସେହି ଏକ ଲକ୍ଷ ଚୌ-ରାଳିଶ ହଜାର, ତାହା ଯିହୂଦୀମାନେ ଥିଲେ। ଅବ୍ରହାମ ପରମେଶ୍ୱରଙ୍କ ଦାସ ଥିଲେ। ଯିହୁଦୀମାନେ ସର୍ବଦା ପରମେଶ୍ୱରଙ୍କ ଦାସ ରହିଛନ୍ତି। ବିଜାତିମାନେ କେବେବି ତାଙ୍କର ଦାସ ହୋଇନାହାଁନ୍ତି।

205 ତେବେ, ଏହାକୁ ଶୀଘ୍ର ଦେଇ ଯିବାକୁ ପଡିବ ବର୍ତ୍ତମାନ, କାରଣ ଆମ ପାଖରେ ଆଉ ଦୁଇଟି ବା ତିନୋଟି ଅଛି। ଏବଂ ମୁଁ ଯଥାସମ୍ଭବ ଶୀଘ୍ର କରିବି ଯେତିକି ମୁଁ ପାରିବି, ଏବଂ ଏଗୁଡିକୁ ଛାଡି ଦେଇ ଅତିକ୍ରମ କରିବାକୁ ଚେଷ୍ଟା କରିବି ନାହିଁ। ମାତ୍ର ମୁଁ ଠିକ୍ ଫେରି ଆସିବି ଏବଂ ଆସନ୍ତା ରବିବାରରେ ସେଗୁଡିକୁ ପୁନର୍ବାର ନେବି (ଯଦି ପ୍ରଭୁଙ୍କର ଇଚ୍ଛା ହୁଏ) ଓ ସେଗୁଡିକ ଉପରେ ଅଧିକ ସମୟ ବିତାଇବି।

206 ମାତ୍ର, ବର୍ତ୍ତମାନ ଦେଖନ୍ତୁ, ସେ ପୃଥିବୀର ଚାରି କୋଣକୁ ଦେଖିଲେ ଏବଂ ଦୂତମାନଙ୍କୁ ପୃଥିବୀର ସେହି ଚାରି କୋଣରେ ଛିଡା ହୋଇଥିବାର ଦେଖିଲେ। ବର୍ତ୍ତମାନ, ଆପଣ କୁହନ୍ତି, "ମୁଁ ଭାବୁଥିଲି ଯେ ଏହା ଗୋଲାକାର ଥିଲା।"; ତାହା ଏହାକୁ ଚାରୋଟି କୋଣ ଥିବାରୁ ବଞ୍ଚିତ କରେ ନାହିଁ, ଆପଣ ଦେଖନ୍ତୁ। ଠିକ୍ ଅଛି।

207 ବର୍ତ୍ତମାନ, "ପୃଥିବୀର ଚାରି କୋଣରେ, ଚାରି ବାୟୁକୁ ଅଟକାଇ ଧରିଅଛନ୍ତି।" ଅନ୍ୟ ଅର୍ଥରେ, ଏଠାରେ ବାୟୁଗୁଡିକ ଆସିଥିଲା, ସମଗ୍ର ବିଶ୍ୱରେ ଆସିଥିବା ଯୁଦ୍ଧ ଏବଂ ସଂଘର୍ଷ ମଧ୍ୟରେ ବାୟୁ ବହିଥିଲା। ତାହା କେବେ ଘଟିଥିଲା? ପ୍ରଥମ ବିଶ୍ୱଯୁଦ୍ଧ ପର୍ଯ୍ୟନ୍ତ କେବେ ବି

ନୁହେଁ । "ବାୟୁକୁ ଅଟକାଇ ଧରିଅଛନ୍ତି," ଏବଂ ସେମାନେ ସଂଘର୍ଷ କରୁଥିଲେ, ଅଧିକାର କରି ନେବାକୁ ଯାଉଥିଲେ ।

208 ଏବଂ ବର୍ତ୍ତମାନ, ଏଠାରେ ଆଉ ଜଣେ ଆସନ୍ତି । ବର୍ତ୍ତମାନ, ଯଦି ଆପଣ ସେହି ଦୂତକୁ ଦେଖିବେ ଏବଂ ଉଦ୍ଧୃତ କରିବେ, ସେ ସେହି ସମାନ ଦୂତ ଅଟନ୍ତି ଯିଏକି ଯିହିଜିକଲ ୨ ରେ ବାହାରି ଆସିଥିଲେ, ଯେତେବେଳେ ଲୋକମାନେ ସେମାନଙ୍କର ମାରଣାସ୍ତ୍ର ଧରି ଦ୍ୱାର ପଛ ପଟରୁ ବାହାରି ଆସିଥିଲେ ଏବଂ ଯିହୂଦୀମାନଙ୍କୁ ବଧ କରିବା ପାଇଁ ଯିରୁଶାଲମ ଦେଇ ଯାଇଥିଲେ । କଅଣ ଆପଣମାନଙ୍କର ମନେ ଅଛି? ସେ କହିଲେ, "ଅଟକି ଥାଅ! ଅଟକି ଥାଅ! ରହି ଯାଅ ଯେପର୍ଯ୍ୟନ୍ତକି ତୁମେ ସହର ଦେଇ ଯାଇ ସେସମସ୍ତଙ୍କର କପାଳରେ ଚିହ୍ନ ନ ଦେଇ ଦିଅ ଯେଉଁମାନେକି ନଗରରେ କରାଯାଉଥିବା ଘୃଣ୍ୟ କାର୍ଯ୍ୟ ପାଇଁ ଦୀର୍ଘ ନିଶ୍ୱାସ ଛାଡି କ୍ରନ୍ଦନ କରନ୍ତି ।" କଅଣ ତାହା ଠିକ୍ ଅଟେ?

209 ତାହାପରେ, ସେ ତାହା କରିବା ପରେ, ତେବେ ସେ ସେମାନଙ୍କୁ ଭିତରକୁ ଯାଇ ହତ୍ୟା କରିବା ପାଇଁ ଅନୁମତି ଦେଲେ । ତାହା ହିଁ ଟାଇଟସ୍‌ଙ୍କ ଅଧୀନରେ ସେହି ତାଡନା ଥିଲା । ବର୍ତ୍ତମାନ, ଆପଣ ଦେଖନ୍ତୁ, ସେ ସେହି ସମାନ ସ୍ୱର୍ଗଦୂତ ଅଟନ୍ତି, ପୁନର୍ବାର ଆସୁଛନ୍ତି, ପୂର୍ବ ଦିଗରୁ (ଏବଂ ଯେଉଁଠାରୁକି ଯୀଶୁ ଆସିବେ) ଏବଂ ତାହାଙ୍କଠାରେ ଜୀବିତ ପରମେଶ୍ୱରଙ୍କ ମୁଦ୍ରା ଥିଲା । ମହିମା ହେଉ!

210 ତେବେ, ଜୀବିତ ପରମେଶ୍ୱରଙ୍କ ମୁଦ୍ରା କଅଣ ଅଟେ? ଓଃ, ଯଦି ତାହା ଆଜି ଦୁନିଆରେ ଏକ ବଡ ବିବାଦ ନୁହେଁ କି! କେହି କୁହନ୍ତି ଯେ ଏହା ବିଶ୍ରାମବାର ପାଳନ କରିବା ଅଟେ, କେହି କୁହନ୍ତି ଯେ ଏହା *ତାହା* ଏବଂ *ଏହା* କରିବା ଅଟେ । କିନ୍ତୁ ବାଇବଲ କୁହେ "ପବିତ୍ରଆତ୍ମା ହେଉଛି ପରମେଶ୍ୱରଙ୍କ ମୁଦ୍ରା"! ଏଫିସୀୟ 4:30 କୁହେ, "ପରମେଶ୍ୱରଙ୍କ ପବିତ୍ରଆତ୍ମାଙ୍କୁ ଦୁଃଖିତ କର ନାହିଁ ଯାହାଦ୍ୱାରା ତୁମେ ତୁମର ମୁକ୍ତିର ଦିବସ ନିମନ୍ତେ ମୁଦ୍ରାଙ୍କିତ ହୋଇଅଛ ।" ଦେଖନ୍ତୁ? ଠିକ୍ ଅଛି । ଏହା ପବିତ୍ରଆତ୍ମା ଅଟେ ।

211 ତାହାପରେ କଅଣ ଆସେ? ବର୍ତ୍ତମାନ, ଦେଖନ୍ତୁ! ଓଃ, ଯେତେବେଳେ ମୁଁ ଏହା ବିଷୟରେ ଚିନ୍ତା କରେ, ମୋର ହୃଦୟ ଡେଇଁପଡେ । ବର୍ତ୍ତମାନ ସେ କହିଲେ, "ଚାରିଟି ବାୟୁକୁ ଅଟକାଇ ଧରି ରଖ ଯେପର୍ଯ୍ୟନ୍ତକି" (ଭିନ୍ନ ଅର୍ଥରେ) "ଆମେମାନେ ପରମେଶ୍ୱରଙ୍କ ଦାସମାନଙ୍କୁ ସେମାନଙ୍କ କପାଳରେ ମୁଦ୍ରାଙ୍କ ନ କରିଦେଉ ।" ସେହି *ଦାସମାନେ*, ସେହି "ଯିହୁଦୀମାନେ ।" (ଯୋହନ ବୁଲି ପଡି, କହିଲେ, "ମୁଁ ଦେଖିଲି ଏକ ଲକ୍ଷ ଚୌ-ରାଳିଶ ହଜାର ମୁଦ୍ରାଙ୍କିତ ହୋଇଅଛନ୍ତି ।") ବର୍ତ୍ତମାନ, ବାୟୁ ସବୁ ଆରମ୍ଭ ହେଲା, ଏବଂ ସେମାନେ ପୃଥିବୀକୁ ଆଚ୍ଛାଦନ କରି ଦେଇଥାନ୍ତେ ଏବଂ ପ୍ରଥମ ବିଶ୍ୱଯୁଦ୍ଧ ପରିବର୍ତ୍ତେ ଆର୍ମାଗିଦୋନ୍ ଯୁଦ୍ଧ ହୋଇ ଯାଇଥାନ୍ତା, କିନ୍ତୁ...

212 ବର୍ତ୍ତମାନ ଏଠାରେ ମୋ ପାଖରେ ଆପଣମାନଙ୍କୁ ଦେଖାଇବା ପାଇଁ ଆଉ ଏକ ଶାସ୍ତ୍ରାଂଶ ଅଛି । ଯୀଶୁ ଲୋକମାନଙ୍କ ବିଷୟରେ କହିଥିଲେ ଯେ...ସେ କହିଲେ, "କେତେକେ ଏକ

ଘଟିକା ସମୟରେ ଆସନ୍ତି, ଏବଂ ଆଉ କେତେକ ଅନ୍ୟ ଏକ ଘଟିକାରେ, ସେମାନେ ଏକା-ଦଶ ଘଟିକାର ଲୋକମାନେ ଥିଲେ । ସେହି ଏକା-ଦଶ ଘଟିକାର ଲୋକ ।" ବର୍ତ୍ତମାନ, ଆପଣ ଯେଉଁମାନେ ଆତ୍ମିକ ଅଟନ୍ତି ଧାଡିଗୁଡିକ ମଧ୍ୟରେ ପାଠ କରନ୍ତୁ, କାରଣ ମୋତେ ଏଠାରେ ଡେଇଁ ଯିବାକୁ ହେବ ଓ ଶୀଘ୍ର କରିବାକୁ ପଡ଼ିବ । ତେବେ, ଦେଖନ୍ତୁ । "ଏକା-ଦଶ ଘଟିକାର ଲୋକମାନେ, ଭିତରକୁ ଆସ ।" ଏବଂ ଠିକ ବର୍ତ୍ତମାନ…"ପ୍ରଥମଜଣ ଭିତରକୁ ଆସିଲା ଓ ଏକ ତୋଡା ପାଇଲା, ଏବଂ ପରବର୍ତ୍ତୀ ଜଣକ ଭିତରକୁ ଆସିଲା ଓ ଏକ ତୋଡା ପାଇଲା, ଏବଂ ଏକା-ଦଶ ଘଟିକାର ଲୋକମାନେ ମଧ୍ୟ ସେହି ସମାନ ତୋଡା ପାଇଲେ ଯାହା ସେହି ପ୍ରଥମରେ ଆସିଥିବା ଲୋକମାନେ ପାଇଥିଲେ ।" କଅଣ ତାହା ଠିକ୍ ଅଟେ? ସେହି ଏକା-ଦଶ ଘଟିକା!

213 ବର୍ତ୍ତମାନ, ଦେଖନ୍ତୁ, ସେହି ଯିହୁଦୀ ହେଉଛି ମାଇଲଖୁଣ୍ଟ, ଆମେ ବର୍ତ୍ତମାନ ତାଙ୍କୁ ଅନୁସରଣ କରୁଅଛୁ । ବର୍ତ୍ତମାନ, ଯେତେବେଳେ ପ୍ରଥମ ବିଶ୍ୱଯୁଦ୍ଧ ଆସିଲା, ସେତେବେଳେ ଏହା ପ୍ରତ୍ୟେକ ଯିହୁଦୀଙ୍କ ଉପରେ ପ୍ରଭାବ ପକାଇଥିଲା, ସେମାନେ ସମସ୍ତ ରାଷ୍ଟ୍ରରେ ଛିନ୍ନଛତ୍ର ହୋଇଗଲେ । ଠିକ ସେହି ପ୍ରଥମ ଶାସ୍ତ୍ରାଂଶ ପରି ଯାହା ଆଜି ପଚରାଯାଇଥିଲା, ଯେ ସେ କିପରି ସେମାନଙ୍କୁ ସମସ୍ତ ରାଷ୍ଟ୍ରରେ ଛିନ୍ନଛତ୍ର କରି ପକାଇବେ, ସେମାନେ ସମସ୍ତେ ସେଠାରେ ଅଛନ୍ତି । ଏବଂ ଏଠାରେ ସେହି ବାୟୁଗୁଡିକ ଯିରୁଶାଲମକୁ ଆସୁଅଛି, ସର୍ବତ୍ର ଭାବରେ, ଏକ ବିଶ୍ୱଯୁଦ୍ଧ ।

214 ଏବଂ ସେ କହିଲେ, "ଧରି ରଖ! ଅଟକି ଥାଅ, ଯେପର୍ଯ୍ୟନ୍ତକି ଆମେମାନେ ପରମେଶ୍ୱରଙ୍କ ଦାସମାନଙ୍କୁ ମୁଦ୍ରାଙ୍କ ନ କରି ଦେଇଅଛୁ ।" ଅନ୍ୟ ଶବ୍ଦରେ, "ଆମେ ସେମାନଙ୍କୁ ସବୁ ରାଷ୍ଟ୍ରରୁ, ସବୁଆଡୁ ନେଇ ଏକତ୍ର କରି ଆସୁଅଛୁ, ସେମାନଙ୍କୁ ଭିତରକୁ ନେଇ ଆସୁଅଛୁ କାରଣ ଆମକୁ ସେହି ଏକ ଲକ୍ଷ ଚୌ-ରାଳିଶ ହଜାରକୁ ମୁଦ୍ରାଙ୍କନ କରିବା ପାଇଁ ସେମାନଙ୍କୁ ଠିକ ଏଠାରେ ଆଣିବାକୁ ଅଛି । ଧରି ଥାଅ!"

215 ଏବଂ ସେହି ପ୍ରଥମ ବିଶ୍ୱଯୁଦ୍ଧ ବର୍ଷର ଏକାଦଶ ମାସରେ, ମାସର ଏକାଦଶ ଦିନରେ, ଦିନରେ ଏକାଦଶ ଘଟିକାରେ ବନ୍ଦ ହୋଇଥିଲା, ଯେପରିକି ଏକାଦଶ-ଘଟିକାର ଲୋକମାନେ ଭିତରକୁ ଆସିପାରିବେ । ଯିହୁଦୀ ପାଇଁ ଶେଷ ଆହ୍ୱାନ! ଏବଂ ସେ ପବିତ୍ରଆତ୍ମାଙ୍କ ସେହି ସମାନ ବାପ୍ତିସ୍ମ ଗ୍ରହଣ କରିବାକୁ ଯାଉଛନ୍ତି ଯାହା ସେମାନେ ସେହି ପଶ୍ଚାତ ସମୟରେ ପ୍ରାରମ୍ଭରେ ପେଣ୍ଟିକଷ୍ଟରେ ପାଇଥିଲେ, ସେହି ସମାନ ଭାବରେ ବାପ୍ତିଜିତ ହେବାକୁ ଯାଉଛନ୍ତି, ଏବଂ ସବୁକିଛି କରିବାକୁ ଯାଉଛନ୍ତି, ସେହି ଏକାଦଶ-ଘଟିକାର ଲୋକମାନେ ଭିତରକୁ ଆସୁଛନ୍ତି ।

216 ସେ କହିଲେ, "ବର୍ତ୍ତମାନ, ଆମେମାନେ ମୁଦ୍ରାଙ୍କିତ ନ କରିବା ପର୍ଯ୍ୟନ୍ତ, ଏହାକୁ ଅଟକାଇ ଧରି ରଖ ।"

"ଆପଣ କେତେ ଦିନ ଧରି ଏହାକୁ ଅଟକାଇ ରଖିବାକୁ ଯାଉଛନ୍ତି?"

217 "ଯେପର୍ଯ୍ୟନ୍ତକି ଆମେମାନେ ଆମର ପରମେଶ୍ୱରଙ୍କ ଦାସମାନଙ୍କୁ ମୁଦ୍ରାଙ୍କିତ ନ କରି ଦେଇଅଛୁ। ବର୍ତ୍ତମାନ, ଆମେ—ଆମେ ବିଜାତିମାନଙ୍କୁ ମୁଦ୍ରାଙ୍କନ କରୁଅଛୁ, ସେମାନେ ମୁଦ୍ରାଙ୍କିତ କରାଯାଇଛନ୍ତି, ଏହି ତାଡନା ଏବଂ ମହାକ୍ଳେଶ ଦେଇ ସହସ୍ର ଗୁଣନ ସହସ୍ର, ସେମାନେ ମୁଦ୍ରାଙ୍କିତ କରା ଯାଇଅଛନ୍ତି। ମାତ୍ର ଗୋଟିଏ ମିନିଟ୍ ଅପେକ୍ଷା କର! ମାତ୍ର ଗୋଟିଏ ମିନିଟ୍! କର ନାହିଁ ସେହି ବ୍ୟକ୍ତି-...ଆମେ ଏହି ଦାସମାନଙ୍କୁ ମୁଦ୍ରାଙ୍କିତ ନ କରିବା ପର୍ଯ୍ୟନ୍ତ ସେହି ସମୟକୁ ଆସିବାକୁ ଦିଅ ନାହିଁ।" ଆଉ ସେ ଏକ ଲକ୍ଷ ଚୌ-ରାଳିଶ ହଜାର ଲୋକଙ୍କୁ ମୁଦ୍ରାଙ୍କିତ କଲେ।

218 ତାହାପରେ ପୁଣି ସେହି ବାୟୁଗୁଡିକୁ ମୁକ୍ତ କରାଗଲା। ତେବେ, ଧ୍ୟାନ ଦିଅନ୍ତୁ, ଆଉ ପ୍ରଥମ ବିଶ୍ୱଯୁଦ୍ଧ ପରଠାରୁ ଯିହୁଦୀମାନଙ୍କ ଉପରେ କ୍ରମାଗତ ଭାବରେ ତାଡନା ଚାଲିଆସିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ହିଟଲର ଉଠିଲେ, ଏବଂ ଯେତେବେଳେ ସେ ତାହା କଲେ, ସେ ଆରମ୍ଭ କଲେ...କଅଣ? ସେ ସମଗ୍ର ବିଶ୍ୱକୁ ଠିକ ଏଠାରେ ଓଲଟ ପାଲଟ କରିଦେବାକୁ ଯାଉଥିଲେ। କଅଣ ତାହା ଠିକ୍ ଅଟେ? ସେ ଏହାକୁ ଓଲଟ ପାଲଟ କରିଦେବାକୁ ଯାଉଥିଲେ, ଏବଂ ଠିକ ଏଠାରେ। ହଁ, ସେ ଥିଲେ।

219 ସବୁକିଛି ସାମ୍ୟବାଦ ହେବାକୁ ଥିଲା। କଅଣ ଆପଣମାନଙ୍କର ମନେ ଅଛି ଯେତେବେଳେ ସେମାନେ ମୋତେ ଏଠାରେ ଏକ କାରାଗାରରେ ରଖିବାକୁ ଯାଉଥିଲେ? ମୁଁ ଏହି ସମାନ ବିଷୟକୁ ସେହି ରାତିରେ ରେଡମ୍ୟାନ୍ସ ହଲ୍‌ରେ ପ୍ରଚାର କରୁଥିଲି। ହଁ, ଆଜ୍ଞା। କହିଥିଲି, "ତିନୋଟି ବାଦ ହେବ। ଏବଂ ସେମାନେ ସମସ୍ତେ ଗୋଟିଏ ବାଦରେ ଏକତ୍ର ମିଶିଯିବେ, ଏବଂ ସେହି ବାଦ ଏକ ତାଡନାକୁ ନେଇ ଆସିବ ଯାହାକି ଯୀଶୁ ଖ୍ରୀଷ୍ଟଙ୍କୁ ପୁନର୍ବାର ପୃଥିବୀକୁ ପ୍ରେରଣ କରିବ।" ଏବଂ ତାହା ଅବିକଳ ଠିକ୍ ସେହିପରି ଅଟେ। ଏବଂ ତାହା ଥିଲା ସାମ୍ୟବାଦ, ଏବଂ—ଏବଂ ହିଟଲର ଏବଂ—ଏବଂ ନାଜି, ଏବଂ ଅନ୍ୟାନ୍ୟ ସବୁ; ଏବଂ କିପରି ସେହି ମୁସୋଲିନି, ଏବଂ ହିଟଲର, ଏବଂ ଷ୍ଟାଲିନ୍‌ଙ୍କ ଫାସିବାଦ। ମୁଁ କହିଲି, "ସେମାନଙ୍କ ମଧ୍ୟରୁ ଜଣେ ସ୍ଥାନ ନେବ। ମୁଁ ଜାଣେ ନାହିଁ ଯେ ତାହା କେଉଁଟି ହେବ, କିନ୍ତୁ ମୁଁ ବିଶ୍ୱାସ କରେ ଯେ ଏହା ଉତ୍ତରର ରାଜା ହେବ।" ନିଶ୍ଚିତରେ ଆପଣଙ୍କୁ ସେହି ବିଷୟଗୁଡ଼ିକ ମନେ ଅଛି ଏବଂ ସେଗୁଡ଼ିକ କିପରି ଏଠାରେ ଶିକ୍ଷା ଦିଆଯାଇଛି; ଏବଂ ଭାଇ ମହୋନି, ଏବଂ ଆପଣ ସମସ୍ତେ ସେଠାରେ ପଶ୍ଚାତ ସମୟରୁ, ଜାଣିଛନ୍ତି।

220 ଏବଂ ସେମାନେ କହିଲେ, "ଯଦି ଆପଣ ତାହା ପ୍ରଚାର କରିବେ..."

221 ଏବଂ ଏହି ଏନ୍.ଆର୍.ଏ ବିଷୟ ଉପରେ, ମୁଁ କହିଲି, "ତାହା ପଶୁର କୌଣସି ଚିହ୍ନ ନୁହେଁ, ନିଶ୍ଚିତରେ ନୁହେଁ। ଏହା ତ ଏକ ଧାର୍ମିକ ବହିଷ୍କାର ଅଟେ; ତାହା ନୁହେଁ।" ମୁଁ କହିଲି, "ତାହା ତ ଲୋକମାନଙ୍କୁ ପ୍ରସ୍ତୁତ କରିବା ପାଇଁ କେବଳ ଜଣେ ଅଗ୍ରଗାମୀ ଅଟେ, ଏବଂ ଏହା ଜାଣି ଯେ ଏହି ଆରମ୍ଭଟି, ଠିକ ଏଠାରେ ଦୁଃଖର ଆରମ୍ଭ ଅଟେ, ଠିକ୍ ଏଠାରେ ହିଁ ଯେଉଁଠାରେକି ଆମେମାନେ ଆରମ୍ଭ କରୁ। ଠିକ୍ ଏଠାରେ ତାହା ଅଟେ ଯେତେବେଳେକି

ସେହି—ଯେତେବେଳେକି ସେହି ସମୟ ବନ୍ଦ ହେବାକୁ ଆରମ୍ଭ କରେ। ତେବେ, ଧ୍ୟାନ ଦିଅନ୍ତୁ, ସେଠାରେ ସେହି ସମୟରେ।"

222 ବର୍ତ୍ତମାନ, ଯିହୁଦୀମାନଙ୍କ ଉପରେ ତାଡନା ଆସେ, ଏବଂ ସେମାନେ ପ୍ରତ୍ୟେକ ଦେଶରୁ ସେମାନଙ୍କୁ ତାଡନା ଦେବାକୁ ଆରମ୍ଭ କରି ଠିକ ଯିରୁଶାଲମ ମଧ୍ୟକୁ ନେଇ ଆସନ୍ତି। କଅଣ ତାହା ଠିକ୍ ଅଟେ? ପ୍ରତ୍ୟେକ ଜଣ, ସେମାନେ ଠିକ୍ ଯାଆନ୍ତି...ଏବଂ ତାଙ୍କର ଏକ ଲକ୍ଷ ଚୌ-ରାଳିଶ ହଜାର ହେବ। ଠିକ ଏଠାରେ ପ୍ରକାଶିତ ବାକ୍ୟରେ ଟିକିଏ ଦୂରରେ ଦେଖନ୍ତୁ ଯେଉଁଠାରେ ଯୋହନ...

223 ଏଠାରେ ତଳେ ଶ୍ରୀମାନ ବୋହାନନ୍ ମୋତେ କହିଥିଲେ, କହିଲେ, "ମୁଁ ସେହି ପ୍ରକାଶିତ ବାକ୍ୟ ପଢି ପାରିଲି ନାହିଁ।" କହିଲେ, "ସେଠାରେ ସେହି କନ୍ୟା ସୀନୟ ପର୍ବତ ଉପରେ ଛିଡା ହୋଇଥିଲା।" କହିଲେ, "ସେଠାରେ ସେହି କନ୍ୟା ସ୍ୱର୍ଗରେ ଉପରେ ଥିଲା।" ଏବଂ କହିଲେ, "ସେଠାରେ ସେହି କନ୍ୟା, ଏବଂ ପାଣି ଥିଲା...ତାହା ସହିତ ଯୁଦ୍ଧ କରିବା ପାଇଁ ଅଜଗର ନିଜ ପାଟିରୁ ପାଣି ନିର୍ଗତ କରୁଥିଲା।" ସେ କହିଲେ...

224 ମୁଁ କହିଲି, "ଶ୍ରୀମାନ ବୋହାନନ୍, ଏହାର ମୂଳ ବିଷୟ ହେଉଛି, ଆପଣ ଏହାକୁ 'କନ୍ୟା' ବୋଲି କହିବା ଦ୍ୱାରା, ଭୁଲ୍ ବିଷୟ ପାଇଛନ୍ତି।" ମୁଁ କହିଲି, "ଯିହୂଦୀମାନେ ସୀନୟ ପର୍ବତ ଉପରେ ଛିଡା ହେବେ, ସେହି ଏକ ଲକ୍ଷ ଚୌ-ରାଳିଶ ହଜାର। ସେହି କନ୍ୟା, ସଠିକ୍ ଭାବରେ, ଯୀଶୁଙ୍କ ସହିତ ସ୍ୱର୍ଗରେ ରହିଥିଲା। ଏବଂ ସେହି ଅଜଗର ଯିଏକି ତାର ପାଟିରୁ ପାଣି ନିର୍ଗତ କରୁଥିଲା ସେହି ସ୍ତ୍ରୀର ବଂଶର *ଅଶିଷ୍ଟାଂଶ* ସହିତ ଯୁଦ୍ଧ କରିବ।" ତାହା ଏଠାରେ *ଏହି* ଗୋଷ୍ଠୀ ଥିଲା ଯାହାକୁ ତଳକୁ ଯିବାକୁ ଥିଲା, *ତାହା* ନୁହେଁ। ଦେଖନ୍ତୁ? ସେହି ସ୍ତ୍ରୀର ବଂଶର *ଅଶିଷ୍ଟାଂଶ*, "ସେହି ପବିତ୍ରୀକୃତ ମଣ୍ଡଳୀ," ପବିତ୍ରଆତ୍ମା ଗ୍ରହଣ ନ କରିଥିବା ଯୋଗୁଁ, ସେମାନେ ଅଟନ୍ତି ଯାହାଙ୍କ ସହିତ ସେ ଯୁଦ୍ଧ କରିଥିଲା। ବୁଝିଲେ?

225 ସେମାନେ ଏଠାରେ ଅଛନ୍ତି, ସେଠାରେ ତିନୋଟି ଜାତି ଅଛନ୍ତି। ସର୍ବଦା ସେହି ତିନୋଟିକୁ ଧ୍ୟାନରେ ରଖନ୍ତୁ। ଏବଂ *ଏଠାରେ* ସେ ଦେଖିଲେ, ଚାରିଆଡ଼େ, ଏହି ଏକ ଲକ୍ଷ ଚୌ-ରାଳିଶ ହଜାର ସେହି ମହାନ ମୁକ୍ତିପ୍ରାପ୍ତ କନ୍ୟାର ଚାରିପାଖରେ ରହିଥିଲା। ତାହା ଏହି ଅବଶିଷ୍ଟାଂଶ ଅଟେ ଯାହାକି ରହି ଯାଇଥିଲା, ସେଠାରେ ସେମାନେ ଅଛନ୍ତି, ସେଠାରେ ସେହି ଯିହୁଦୀମାନେ ଅଛନ୍ତି, ସେଠାରେ, ମୁଦ୍ରାଙ୍କିତ ହୋଇ, ଏକ ଲକ୍ଷ ଚୌ-ରାଳିଶ ହଜାର। ଏଠାରେ ସେମାନେ ଅଛନ୍ତି ଯେଉଁମାନେକି ପବିତ୍ରୀକୃତ ଅଟନ୍ତି, ଯେଉଁମାନେକି ପବିତ୍ରଆତ୍ମା ଗ୍ରହଣ କରିବାକୁ ନାସ୍ତି କରି ଦେଇଥିଲେ। ମଣ୍ଡଳୀ ତାହା ବିରୁଦ୍ଧରେ ତାଡ଼ନା କରିବ...ସେହି—ସେହି ରୋମୀୟ ମଣ୍ଡଳୀ ଏବଂ ଏମାନେ ସେମାନଙ୍କୁ ତାଡ଼ନା କରିବେ। ମାତ୍ର କନ୍ୟା ତ ପୂର୍ବରୁ ଉର୍ଦ୍ଧାନ୍ତିକରଣରେ ଚାଲି ଯାଇ ସ୍ୱର୍ଗରେ ଅଛି। ସେମାନେ ସେଠାରେ ରହିଛନ୍ତି, ଅବିକଳ ଠିକ ସେହିପରି ଭାବରେ ଉପସ୍ଥାପିତ ହୋଇଅଛନ୍ତି ଯେପରିକି ବାଇବଲ କୁହେ ଯେ ସେମାନେ ରହିବେ। ଦେଖନ୍ତୁ?

226 ତେଣୁକରି ସେହି ଏକ ଲକ୍ଷ ଚୌ-ରାଳିଶ ହଜାର ଯିହୁଦୀମାନେ, ପରମେଶ୍ୱରଙ୍କ ଦାସ ଅଟନ୍ତି। ଏବଂ ଯେତେବେଳେ ସେମାନଙ୍କ ନିକଟରେ ପବିତ୍ରଆତ୍ମା ସୁସମାଚାର ପ୍ରଚାର କରାଯାଏ, ଏବଂ ସେମାନେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଠିକ ସେହିପରି ଭାବରେ ଗ୍ରହଣ କରନ୍ତି ଯେପରିକି ସେମାନେ ଆରମ୍ଭରେ କରିଥିଲେ, ସେତେବେଳେ ବିଜାତି କାଳ ସମାପ୍ତ ହୋଇଯାଏ, ମଣ୍ଡଳୀ ମୁଦ୍ରାଙ୍କିତ ହୋଇଥାଏ, ଉର୍ଦ୍ଧାନ୍ତିକରଣ ଉପସ୍ଥିତ ହୁଏ।

227 ବିଜାତି ସମୟ, ସୁସମାଚାର ସବୁଆଡେ ପ୍ରଚାର କରାଯାଇଅଛି, ବିଜାତିମାନଙ୍କ ଗହଣରେ ପ୍ରହାର କରା ଯାଇଅଛି, ସେହି ଜାଲକୁ ଟଣା ଯାଉଅଛି, ପାଣିରେ ଥିବା ପ୍ରତ୍ୟେକ ମାଛକୁ ଭିତରକୁ ଅଣାଯିବାକୁ ଚେଷ୍ଟା କରା ଯାଉଅଛି। ଏବଂ ସେମାନଙ୍କୁ ଦେଖନ୍ତୁ, ସବୁଠାରୁ ବଡ...?...ସେହି ଟଣା ଜାଲରେ ସବୁ କଇଁଛ ଏବଂ ଜଳ ବୁଢୀଆଣି, ଓ ପ୍ରଭୃତି ସବୁ ଥିଲା। ସେହି ଉଦ୍ଦୀପନାଟି ସମାପ୍ତ ହେବା ମାତ୍ରେ ସେମାନେ ପୁନର୍ବାର ଠିକ ସେହି ଜଗତକୁ ଫେରିଯାଆନ୍ତି। ମାଛଗୁଡ଼ିକ ତ ପ୍ରାୟଃ ସରିଯାଇଛି। ଦେଖନ୍ତୁ ଯେ ମୋର କହିବାର ଅର୍ଥ କଅଣ?

228 ସୁସମାଚାର ପ୍ରଚାର କରାଯାଇଅଛି! ଆପଣ ଆଉ ଅଧିକ କାନ୍ଦିବାର ଶୁଣନ୍ତି ନାହିଁ, ଆଉ ଅଧିକ ଦୁଃଖ ପ୍ରକାଶ କରିବାର, ଆଉ ଦୀର୍ଘ ନିଶ୍ୱାସ ଛାଡିବାର, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପାଇଁ କାନ୍ଦିବାର ଶୁଣନ୍ତି ନାହିଁ। ସେମାନେ ଭିତରକୁ ଆସିବାକୁ ପସନ୍ଦ କରନ୍ତି, ହଁ, ସେମାନେ ଶହ ଶହ ଲୋକଙ୍କ ଉପରେ ହାତ ରଖନ୍ତି, ଏବଂ ସେମାନେ କାର୍ଯ୍ୟକଳାପ କରନ୍ତି ଓ ନାଚନ୍ତି, ହୋଇପାରେ ମେ, କିମ୍ୱା ସେହିପରି ଅନ୍ୟ କିଛି କରନ୍ତି। ତାହା ଠିକ ଅଟେ, ମାତ୍ର ତାହା ତ କେବଳ ଗୁଣସକଳ ଅଟେ।

229 ସେହି ବ୍ୟକ୍ତି ଖ୍ରୀଷ୍ଟ ଯୀଶୁ ପ୍ରକୃତ ଜିନିଷ ଉତ୍ପନ୍ନ କରନ୍ତି, ଏବଂ ସେ ଆସିବା ପର୍ଯ୍ୟନ୍ତ ସେହି ବ୍ୟକ୍ତିଙ୍କୁ ଖ୍ରୀଷ୍ଟଙ୍କଠାରେ ସୁରକ୍ଷିତ ରଖନ୍ତି। ସେଠାରେ ସେ ଅଛନ୍ତି। ଏବଂ ବର୍ତ୍ତମାନ, ଆଉ ସେଇଥିପାଇଁ ସେଠାରେ ଆଉ ଅଧିକ କାନ୍ଦିବାର ବିଷୟ ନାହିଁ, ଦ୍ୱାର ପ୍ରାୟଃ ବନ୍ଦ ହେବା ଉପରେ ଅଟେ। ଜାଲ ଠିକ ପକା ହୋଇଛି, ପ୍ରାୟଃ ଏହାର ଶେଷ ଥର ପାଇଁ, ଅଳ୍ପ କିଛି ଲୋକଙ୍କୁ ସେହିପରି ଭାବରେ ଟାଣି ପରମେଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରାଇବା ନିମନ୍ତେ। ଦ୍ୱାରଗୁଡିକ ବନ୍ଦ ହେଉଅଛି!

230 ତେବେ ପରବର୍ତ୍ତୀ ବିଷୟ କଅଣ ଅଟେ? ଯିହୁଦୀମାନଙ୍କୁ ପବିତ୍ରଆତ୍ମା ଗ୍ରହଣ କରିବାକୁ ଅଛି ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବାକୁ ଅଛି। ସମଗ୍ର ମାର୍ଗରେ ସେମାନେ ତାଡ଼ନା କରା ଯାଇଥିଲେ ଓ ପରିହାସ କରା ଯାଇଥିଲେ; ଆଉ, ସେଠାରେ, ସେମାନଙ୍କୁ ପବିତ୍ରଆତ୍ମା ଉପସ୍ଥାପିତ କରାଯିବା ମାତ୍ରେ, ସେମାନେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମକୁ ଗ୍ରହଣ କରି ନିଅନ୍ତି। ବିଜାତି ମଣ୍ଡଳୀ ଉର୍ଦ୍ଧାନ୍ତିକରଣରେ ଚାଲିଯାଏ। ଏବଂ ଯେଉଁମାନେ ନାସ୍ତି କରିଥିଲେ, ଏବଂ କେବଳ ଧାର୍ମିକ ଗଣନା କରାଯିବା ଅଧିନରେ ଗମନାଗମନ କରିଥିଲେ, ସେହି ଅଜଗର (ରୋମାନ୍ ଶକ୍ତି) ଜଳକୁ ନିର୍ଗତ କରେ, ଯାହାକି ସାମ୍ୟବାଦ ସହିତ ଏକୀକୃତ ହେବ, ଏବଂ

ମଣ୍ଡଳୀକୁ ସେହିଭଳି ଏକ ତାଡନା ମଧ୍ୟକୁ ନେଇଯିବ। ସେଠାରେ ସେମାନେ ଯଥାର୍ଥ ଭାବରେ ଚିତ୍ରିତ ହୋଇଅଛନ୍ତି।

231 ହେ ଭାଇ, ଯେତେବେଳେ ଆମେ ଏହାକୁ ଆସୁଥିବାର ଦେଖୁ, ସେହି କାରଣ ଯୋଗୁଁହିଁ ମୁଁ ପ୍ରାର୍ଥନା କରୁଅଛି, ସେହି କାରଣ ଯୋଗୁଁହିଁ ମୁଁ ପରମେଶ୍ୱରଙ୍କଠାରେ କାନ୍ଦୁଅଛି, "ହେ ପ୍ରଭୁ, ମୁଁ ସେହି ଯିହୁଦୀମାନଙ୍କ ନିକଟକୁ ଯିବାକୁ ଚାହେଁ। ମୋତେ ସେଠାରେ ଆଫ୍ରିକାରେ ଆରମ୍ଭ କରିବାକୁ ଦିଅନ୍ତୁ, ସେହି ବିଜାତି ଏବଂ ମୁସଲ୍‌ମାନ୍‌ମାନଙ୍କ ମଧ୍ୟରୁ ଅଳ୍ପ କେତେଜଣଙ୍କ ସହିତ କାମ କରିବାକୁ ଦିଅନ୍ତୁ। ଏବଂ ମୋତେ ଏଠାରେ ଭାରତକୁ ଯିବାକୁ ଦିଅନ୍ତୁ ଏବଂ ପ୍ରକୃତ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ତାହାଙ୍କର ଶକ୍ତି ସହିତରେ, ତାହାଙ୍କର ଚମତ୍କାରଗୁଡିକୁ, ତାହାଙ୍କର ବାପ୍ତିସ୍ମକୁ, ସବୁକିଛି, ଏବଂ ପବିତ୍ରଆତ୍ମାକୁ ଉତ୍ପନ୍ନ କରୁଥିବାର, ଏବଂ ସେମାନଙ୍କୁ ଦେଖାଇବାକୁ ଚେଷ୍ଟା କରିବା ପାଇଁ ଦିଅନ୍ତୁ।" ତାହା ପରେ ଯେତେବେଳେ ସେମାନେ ଯିରୁଶାଲମକୁ ଆସନ୍ତି...

232 ଭାଇ ବିଲର୍, ଏହାହିଁ ଥିଲା ଯାହା ବିଷୟରେ ଆପଣ ପଚାରୁଥିଲେ। ଯେତେବେଳେ ସେମାନେ ଯିରୁଶାଲମକୁ ଆସିବେ ଓ ସେଠାରେ ଛିଡା ହୋଇ, କହିବେ, "ବର୍ତ୍ତମାନ, ଯଦି ଯୀଶୁ ପରମେଶ୍ୱରଙ୍କ ସେହି ପୁତ୍ର ଅଟନ୍ତି ଯିଏକି ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଥିଲେ, ତାହାହେଲେ ସେ ସେହି ବିଷୟଗୁଡିକୁ ଜାଣନ୍ତି ଯେପରିକି ସେ ସେଠାରେ ଆରମ୍ଭରେ କରିଥିଲେ, ସେ ସେହି ସମାନ ଜୀବନକୁ ଉତ୍ପନ୍ନ କରିପାରନ୍ତି ଯାହା ସେ ସେଠାରେ ପଶ୍ଚାତ ସମୟରେ କରିଥିଲେ। ଏବଂ ଯଦି ସେ କରନ୍ତି, ତେବେ କଅଣ ଆପଣ ତାହାଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବେ କି?" ଏବଂ ତାହାପରେ ପରମେଶ୍ୱର ଆପଣା ମହାନ ଶକ୍ତି ଏବଂ ଆପଣା ପୁନରୁତ୍ଥିତ ଶକ୍ତିର ବିଷୟଗୁଡିକ ଦ୍ୱାରା ଏହା ଦେଖାନ୍ତି ଯେ, ସେ ଆମ ସହିତରେ ଅଛନ୍ତି।

233 ତାହାପରେ ଯେତେବେଳେ ସେମାନେ ତାହା କରିବେ, କୁହନ୍ତୁ, "ବର୍ତ୍ତମାନ, ଆପଣମାନେ ଯେଉଁମାନେକି ତାହାଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଛନ୍ତି..." ମୁଁ ଆଶା କରେ ଯେ ସେମାନଙ୍କ ମଧ୍ୟରୁ ହଜାର ହଜାର ଥିବେ। କହିବେ, "ସେହି ସମାନ ପବିତ୍ରଆତ୍ମା ଯାହାକି ପେଣ୍ଟିକଷ୍ଟ ଦିନରେ ଓହ୍ଲାଇ ଆସିଥିଲା ଠିକ ଆପଣଙ୍କ ପାଇଁ ଏଠାରେ ଅଛନ୍ତି।"

234 ତାହାହେଲେ ଠିକ ସେହି ସମୟରେ ସୁସମାଚାର ତେବେ ଯିହୁଦୀମାନଙ୍କ ନିକଟକୁ ଫେରିଯାଏ। ତାହାପରେ ଠିକ ସେହି ଯିହୁଦୀମାନଙ୍କ ମଧ୍ୟରେ ଏକ ଉଦ୍ଦୀପନା ଘଟିତ ହେବ ଯାହାକି ହଜାର ହଜାର ଏବଂ ଦଶ ହଜାର ସଂଖ୍ୟାରେ ବହନ କରିବ ଏବଂ...ଏକ ଲକ୍ଷ ଚୌ-ରାଳିଶ ହଜାରଙ୍କୁ, ପରମେଶ୍ୱରଙ୍କ ରାଜ୍ୟ ଭିତରକୁ ନେଇ ଆସିବ, ମୁଦ୍ରାଙ୍କଧାରୀ ସ୍ୱର୍ଗଦୂତଙ୍କ ଦ୍ୱାରା ମୁଦ୍ରାଙ୍କିତ କରାଯିବେ।

235 ମୁଁ ଭରସା କରେ ଯେ ସେ ପୂର୍ବ ଦିଗରୁ ଆସୁଛନ୍ତି। ଠିକ ସେହିପରି ଭାବରେ ସେ ବର୍ତ୍ତମାନ ଆମଠାରୁ ଦୂରରେ ରହିଛନ୍ତି, ନିଜ ହାତରେ ମୁଦ୍ରାଙ୍କ ଧରି ରହିଛନ୍ତି। ତାହାପରେ,

ଓଃ, ମୁଁ ସେଠାରେ ଏକତ୍ରିତ ହେବାକୁ ଚାହେଁ। "ମୁଁ ଏଠାରେ ଏକ ତାଡନା ଏବଂ ସେଠାରେ ଏକ ତାଡନା ପଠାଇ ଅଛି, ଏବଂ ମୁଁ ଯିହୁଦୀମାନଙ୍କୁ ତଡି ଦେଇଅଛି ଏବଂ ସେମାନଙ୍କୁ ଯଥାସମ୍ଭବ ଛିନ୍ନଛତ୍ର ଦୌଡାଇଅଛି। ଏବଂ ସେମାନେ ଘଉଡାଇ ହୋଇ ଫେରି ଆସିଛନ୍ତି। ଯୁକ୍ତରାଷ୍ଟ୍ରରେ ଅନେକ ଯିହୁଦୀମାନେ (ଯେଉଁଥରୁକି ସେମାନେ ବଞ୍ଚିତ ହୋଇପାରନ୍ତି ନାହିଁ) ଆଗରୁ ପବିତ୍ରଆତ୍ମା ଗ୍ରହଣ କରିସାରିଛନ୍ତି। ମାତ୍ର ମୁଁ ସେଠାରେ ସମସ୍ତ ଏକ ଲକ୍ଷ ଚୌ-ରାଳିଶ ହଜାରଙ୍କୁ ଛିଡା ହୋଇଥିବାର ପାଇଅଛି ଯେଉଁମାନେକି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ କରିବାକୁ ଯାଉଅଛନ୍ତି।"

236 ଏବଂ ଠିକ୍ ସେହିଠାରେ, ସେହି ମୁଦ୍ରାଙ୍କଧାରୀ ସ୍ୱର୍ଗଦୂତ ସେହି ଏକ ଲକ୍ଷ ଚୌ-ରାଳିଶ ହଜାରକୁ ମୁଦ୍ରାଙ୍କନ କରିବାକୁ ଆରମ୍ଭ କରିବା ମାତ୍ରେ, ସେହି ବିଜାତି ମଣ୍ଡଳୀର ଦ୍ୱାର ବନ୍ଦ ହୋଇଯାଏ, ଏବଂ ଯିହୁଦୀମାନେ ପବିତ୍ରଆତ୍ମାଙ୍କୁ ଯିହୁଦୀମାନଙ୍କ ନିକଟକୁ ନେଇ ଯାଆନ୍ତି। ଏବଂ ସେମାନଙ୍କର ଏକ ଉଦ୍ଦୀପନା ହେବ ଯାହାକି ସମଗ୍ର ବିଶ୍ୱକୁ ବ୍ୟାପୀ ଯିବ। ହାଲ୍ଲେଲୁୟା! ଏବଂ ପରମେଶ୍ୱରଙ୍କ ଶକ୍ତି ଯିହୁଦୀମାନଙ୍କ ମଧ୍ୟରେ ପ୍ରକାଶ ପାଇବ। ଓଃ, କେତେ ଆଶ୍ଚର୍ଯ୍ୟଜନକ! ହ୍ୟୁ! ଓଃ, ମୋର ପ୍ରଭୁ!

237 ମୋତେ ଦେଖିବାକୁ ଦିଅନ୍ତୁ, ଠିକ୍ ଶୀଘ୍ର ଭାବେ, "ଯିଶାଇୟ।" ଆମେ ତାହା ପାଇଲୁ "ପରମେଶ୍ୱରଙ୍କ ପୁତ୍ରଗଣ।" ତେବେ ଆସନ୍ତୁ ଦେଖିବା:

**କଅଣ ଇସ୍ରାଏଲ...?**

238 ଭାଇ, ଦେଖନ୍ତୁ ଯଦି ଆପଣ ତାହା ପାଠ କରିପାରିବେ କି। ମୁଁ...ଏହା ଏକତ୍ର ସାଙ୍ଗରେ ଯିବା ଭଳି ଥିଲା, ସେ ଏହାକୁ କେତେ ଥର ଘଷି ଦେଇଅଛନ୍ତି। ଏବଂ ମୁଁ ଅନ୍ୟ ଗୋଟିଏ ପାଇଁ ଖୋଜିବି। ଯଦି ଆପଣ ଚାହିଁବେ, ଦୟାକରି। [ଭାଇ ନେଭିଲ୍ ପ୍ରଶ୍ନ ପାଠ କରନ୍ତି—ସମ୍ପା।]

**14.** [**କଅଣ ଯିଶାଇୟଙ୍କର ଏହା କହିବା "ଖଡ୍ଗ ଭାଙ୍ଗି ନଙ୍ଗଳର ଫାଳ କରିବା" ର ଅର୍ଥ ଏହା ନୁହେଁ କି ଯେ ଖ୍ରୀଷ୍ଟଙ୍କର ଏକ-ସହସ୍ର-ବର୍ଷର ରାଜତ୍ୱ ସମୟରେ ତାହା ଘଟିବାକୁ ଯାଉଅଛି, ଏହା ପରିବର୍ତ୍ତେ ଯେ ଏପରି କିଛି ବିଷୟ ଯାହାକି କୌଣସି ମଣିଷ ନେଇ ଆସିପାରେ, ଯେପରିକି ବହୁତ ଆଧୁନିକ ଧର୍ମବାଦୀମାନେ ଆମକୁ କୁହନ୍ତି?**]

239 ଆପଣ ଯେକେହି ବି ହୁଅନ୍ତୁ, ମୋ ପ୍ରିୟ ଭାଇ କିମ୍ବା ଭଉଣୀ, ଜଣେ ପୁରୁଷର ହସ୍ତଲିଖନ ପରି ଦେଖାଯାଏ, କିନ୍ତୁ, ଯାହା ବି ହେଉ, ଆପଣ ଯେକେହି ବି ହୁଅନ୍ତୁ, ଆପଣ ଅବିକଳ ଠିକ୍ ଅଟନ୍ତି! ସେତେବେଳେ ହଁ ତାହା ଯେତେବେଳେକି ନଙ୍ଗଳର ଫାଳଗୁଡିକୁ ଭଙ୍ଗାଯିବ, କିମ୍ବା ଯେତେବେଳେକି ଖଡ୍ଗଗୁଡିକୁ ଭାଙ୍ଗି ନଙ୍ଗଳର ଫାଳ କରାଯିବ। ତାହା ସହସ୍ରାବ୍ଦୀର ରାଜତ୍ୱକୁ ନେଇ ଆସିବ। ଏବଂ ସେହି ସମସ୍ତ ଆଧୁନିକବାଦୀ ଧାର୍ମିକ ପନ୍ଥଗୁଡିକ ଯାହାକି ଚାରିଆଡେ ଲୋକମାନଙ୍କୁ ପରମେଶ୍ୱରଙ୍କ ରାଜ୍ୟ ଭିତରକୁ ଶିକ୍ଷା ଦେବା ପାଇଁ ଚେଷ୍ଟା କରୁଅଛି...ତାହା ସେତେବେଳେ ହେବ ଯେତେବେଳେ ପରମେଶ୍ୱର ନିଜେ ଅଲୌକିକ ପ୍ରାଣୀରେ ଏବଂ ଅଲୌକିକ ଶକ୍ତିରେ, ଏକ ଅଲୌକିକ-ବିଶ୍ୱାସୀ ଲୋକମାନଙ୍କ ନିକଟକୁ ଆସିବେ, ଏବଂ

ଏକ ଅଲୌକିକ ଶକ୍ତିକୁ ଗ୍ରହଣ କରିବେ ଯାହାକି ପରମେଶ୍ୱରଙ୍କ ପୁତ୍ରମାନଙ୍କୁ ଗଢି ପକାଇବ। ହାଲ୍ଲେଲୁୟା! ଏହା ଆଉ କେବେବି ଅଧିକ ପାଠ କରିବା, ଲେଖିବା, ବୀଜଗଣିତ କଷିବା ହେବ ନାହିଁ, ଏହା ତ ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ଶକ୍ତି ଦ୍ୱାରା ହେବ। ତାହାପରେ ବିଶ୍ୱ ଆଉ ଅଧିକ ଯୁଦ୍ଧ ଅଧ୍ୟୟନ କରିବ ନାହିଁ।

240 ଆଜି ପ୍ରତ୍ୟେକ ରାଷ୍ଟ୍ର, ପ୍ରତ୍ୟେକ ଶକ୍ତି, ପ୍ରତ୍ୟେକ ରାଜ୍ୟ, ଶୟତାନ ଦ୍ୱାରା ନିୟନ୍ତ୍ରିତ ଅଟେ। ବାଇବଲ ସେହିପରି କୁହେ। ଆଉ ଏହି ଦିନଗୁଡ଼ିକ ମଧ୍ୟରୁ ଗୋଟିଏରେ ଏହି ଜଗତର ରାଜ୍ୟ ଆମ ପ୍ରଭୁଙ୍କର ଏବଂ ତାହାଙ୍କ ଖ୍ରୀଷ୍ଟଙ୍କର ରାଜ୍ୟ ହୋଇଯିବ, ଏବଂ ସେ ପୃଥିବୀରେ ଏକ ହଜାର ବର୍ଷ ଶାସନ ଓ ରାଜତ୍ୱ କରିବେ; ଏବଂ ମଣ୍ଡଳୀକୁ ଉର୍ଦ୍ଧାନ୍ତିକରଣରେ ନେଇଯିବେ। ଅବିକଳ ଭାବେ, ତାହା ଅବିକଳ ଠିକ୍ ଅଟେ, ପ୍ରିୟ ପାଠକ।

241 ସେହି ଏକ ଲକ୍ଷ ଚୌ-ରାଳିଶ ହଜାର ଦାସଗଣ ଅଟନ୍ତି। ଏପରି ବହୁ ସଂଖ୍ୟକ ଯାହା କେହି ଗଣନା କରିପାରିବେ ନାହିଁ…"ମହାଜନତା ଯାହା କୌଣସି ବ୍ୟକ୍ତି ଗଣନା କରିପାରିବ ନାହିଁ," ବିଜାତିମାନେ ଅଟନ୍ତି।

242 ବର୍ତ୍ତମାନ କେବଳ ଗୋଟିଏ ମିନିଟ୍, ସେଠାରେ ଆଉ ଏକ ଛୋଟ ବିଷୟ ଅଛି। ମୁଁ କରିପାରେ ନାହିଁ। ତାହାପରେ ଅଳ୍ପ କିଛି ମିନିଟରେ, ମୁଁ କେବଳ ମାଣ୍ଡଳିକ ପ୍ରାର୍ଥନା କରିବି। ଏଠାରେ ଦେଖନ୍ତୁ, ମୁଁ ଭାବୁଛି ଯେ ଏହା ଠିକ ବର୍ତ୍ତମାନ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ। ମୁଁ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଚାହେଁ, ମାତ୍ର ଆମେ ଶୀଘ୍ର କରିବା। ହୃଦୟର ଗୁପ୍ତ ବିଷୟକୁ ଜାଣିବା ପରିବର୍ତ୍ତେ, ଆମେ କେବଳ ଠିକ ଆଗକୁ ବଢି ଯିବା। ମୁଁ ଆପଣମାନଙ୍କୁ କିଛି ପଚାରିବାକୁ ଚାହେଁ। ଏଠାରେ ଏପରିକି ଆଉ ଗୋଟିଏ ଅଛି। ମୁଁ ଅନୁମାନ କରେ, ମୋତେ କେବଳ ଏହାକୁ ନେବାକୁ ପଡିବ ଏବଂ ଆସନ୍ତା ରବିବାରରେ ଆଣିବାକୁ ହେବ।

243 ଦେଖନ୍ତୁ, ବନ୍ଧୁଗଣ, ଏହା ଉପରେ, କେତେ ସୁନ୍ଦର ଅଟେ! ଦେଖନ୍ତୁ! ଚାହେଁ ଯେ ଆପଣମାନେ ବର୍ତ୍ତମାନ, ଅତି ନିକଟରୁ ଦେଖନ୍ତୁ, ଏହି ବ୍ୟକ୍ତି ଯିଏକି ଏହି ପ୍ରଶ୍ନ ପଚାରିଥିଲେ। ସେହି ଏକ ଲକ୍ଷ ଚୌ-ରାଳିଶ ହଜାର, ବର୍ତ୍ତମାନ, ତାହା ଦାସମାନେ ଅଟନ୍ତି, ସେମାନେ ସେବା କରିବେ। ଯଦି ଆପଣମାନେ ଧ୍ୟାନ ଦେଇଥିବେ, ସ୍ଥିତି ଅନୁଯାୟୀ, ପୁରାତନ ଶାସ୍ତ୍ରରେ…

244 ସର୍ବଦା ଛାୟାକୁ ଦେଖନ୍ତୁ ଯଦି ଆପଣ ଏହା ଦେଖିବାକୁ ଚାହାଁନ୍ତି ଯେ ସକାରାତ୍ମକ କଅଣ ଅଟେ। ତାହା ଠିକ୍ ଅଟେ। ପଛକୁ ଦେଖନ୍ତୁ, ଦେଖନ୍ତୁ ଯେ ଏହା କଅଣ ଅଟେ। ତେବେ, ତାହା କ୍ରୁଶ ପରଠାରୁ ବିପରୀତ ଅଟେ, ଏବଂ ଦେଖନ୍ତୁ ଯେ ସକାରାତ୍ମକଟି କଅଣ ଯଦି ଆପଣ ଏହା ଦେଖିବାକୁ ଚାହାଁନ୍ତି ଯେ ଛାୟା କଅଣ ଅଟେ। ସେଠାରେ ପଶ୍ଚାତ୍ ସମୟରେ, ଏହା କ୍ରୁଶ ଆଡକୁ ଆଉଜିବା ଅଟେ, ଆମକୁ ଛାୟା ଦେଖିବା ପାଇଁ ହେଲେ (ସେଠାରେ ପଛକୁ) ଦେଖିବାକୁ ପଡିଥାଏ, ଏହା ଦେଖିବାକୁ ଯେ ସେହି କ୍ରୁଶ କଅଣ ହେବ; ବର୍ତ୍ତମାନ ଆପଣଙ୍କୁ ପଛକୁ ଦେଖିବା ପାଇଁ ଏବଂ ଛାଇ କଅଣ ଅଟେ ତାହା ଦେଖିବା ପାଇଁ କ୍ରୁଶରୁ ଦେଖିବାକୁ ଅଛି। ବୁଝିଲେ? ଦେଖନ୍ତୁ ଯେ ଖ୍ରୀଷ୍ଟ ସେହି ଦିନରେ କଅଣ ଥିଲେ ଯେଉଁ ଦିନ ସେ ଏଠାରେ

ପୃଥିବୀ ପୃଷ୍ଠ ରେ ଥିଲେ, ଯାହା ସେ ସେତେବେଳେ ଥିଲେ ବର୍ତ୍ତମାନ ସେ ତାହା ଅଟନ୍ତି । ଏହା ତାହାଙ୍କର ଛାୟା ଅଟେ । ଦେଖନ୍ତୁ ଯେ ମୋର କହିବାର ଅର୍ଥ କଅଣ? ଆପଣ ଜାଣନ୍ତି, ଯେ ଆରମ୍ଭରେ ଯେତେବେଳେ ମୁଁ ଏହାକୁ ବ୍ୟାଖ୍ୟା କରିଥିଲି, ତାହାହିଁ ଏହା ଅଟେ । ବର୍ତ୍ତମାନ, ଯଦି ମୁଁ ସେଠାରୁ ପଛରୁ ଦେଖୁଅଛି, ତେବେ ମୋତେ ଏହା ଦେଖିବା ପାଇଁ ଯେ ଏହା କଅଣ ହେବ ତାହା ଦେଖିବାକୁ ଅଛି ଯେ ସେହି ଛାୟା କଅଣ ଥିଲା, ସେହି କୃଶ କଅଣ ଥିଲା ।

245 ତେବେ, ଦିନେ ଇସ୍ରାଏଲରେ ପାପ ରହିଥିଲା, ଏବଂ ସେଠାରେ ଜଣେ ବ୍ୟକ୍ତି ଥିଲେ... ଲେବୀ ନାମକ ବଂଶ ଦ୍ୱାରା । ସେମାନେ ସେମାନଙ୍କର ଖଡ୍ଗଗୁଡିକୁ ବାହାର କଲେ ଏବଂ ମୋଶାଙ୍କ ସହିତ ଛାଉଣୀକୁ ଗଲେ, ଏବଂ ଯାହା ସବୁକିଛି ପାପ ଥିଲା ସେମାନେ ତାହାକୁ ନଷ୍ଟ କରି ଦେଲେ । କଅଣ ତାହା ଠିକ୍ ଅଟେ? ପରମେଶ୍ୱର ତଳକୁ ଅନାଇ କହିଲେ, "ଯେହେତୁ ତୁମେ ଏହା କଲ ଏବଂ ମୋ ପାଇଁ ଛିଡା ହେଲ, ତୁମର...ଏହି ସମସ୍ତ ଅନ୍ୟମାନେ ତୁମର ସେବା କରିବେ । ଏବଂ ତୁମେ ଯାଜକ ଭାବରେ ଠିକ ମନ୍ଦିରକୁ ଯିବ ।" କଅଣ ତାହା ଠିକ୍ ଅଟେ? "ତୁମେ ଠିକ୍ ମନ୍ଦିରରେ ରହିବ, ଏବଂ ଏହି ଅବଶିଷ୍ଟମାନେ କାମ କରିବେ ଏବଂ ଦଶମାଂଶ ଆଣି ତୁମର ଯତ୍ନତତ୍ତ୍ୱ ନେବେ ।" କଅଣ ତାହା ଠିକ୍ କି?

246 ଓଃ, ହାଲ୍ଲେଲୁୟା! ଯଦି ଆପଣ ଏହା ଦେଖିପାରନ୍ତି ଯେ ସେହି ମନ୍ଦିର କଅଣ ଥିଲେ, ଯେ ସେହି ଲେବୀୟମାନେ କନ୍ୟା ଥିଲେ । ବର୍ତ୍ତମାନ, ଯେତେବେଳେ ପାପ ପ୍ରତ୍ୟେକ ଆଡେ ଜାଗ୍ରତ ହେଉଅଛି, ଲେବୀୟମାନେ ସେମାନଙ୍କର ଖଡ୍ଗଗୁଡିକୁ ବାହାର କରୁଅଛନ୍ତି । ପବିତ୍ରଆତ୍ମା-ଜନ୍ମିତ କନ୍ୟା ଅଲଗା ଛିଡା ହୋଇ, କହୁଅଛି, "ସକାରାତ୍ମକରେ ଯୀଶୁ ଖ୍ରୀଷ୍ଟ ଯାହା ଅଟନ୍ତି ନକାରାତ୍ମକରେ ମଧ୍ୟ ଯୀଶୁ ଖ୍ରୀଷ୍ଟ ତାହା ଅଟନ୍ତି, ଠିକ ସେହି ସମାନ ଅଟେ । ପାପ ତଥାପି ପାପ ଅଟେ, ଏହିସବୁ କରିବା ଭୁଲ୍ ଅଟେ!" ତାହା ଠିକ୍, ସେମାନେ ସେଠାରେ ଏକ ଖଡ୍ଗ ସହିତରେ ଛିଡା ହୋଇଛନ୍ତି ।

247 ପରମେଶ୍ୱର କୁହନ୍ତି, "ହେ ମୋର ପିତାଙ୍କର ଆଶୀର୍ବାଦପ୍ରାପ୍ତ ଲୋକମାନେ, ବର୍ତ୍ତମାନ ଆସ ।" ତାହା କନ୍ୟା ଅଟେ ।

248 ସେଠାରେ ଦାସମାନେ ଅଛନ୍ତି, ଏବଂ ଦେଖନ୍ତୁ ଯେ ଦାସମାନେ କେଉଁଠାରେ ଛାଉଣି କରିଥିଲେ । ଏହି ପାର୍ଶ୍ୱରେ ବାରଜଣ...ମୋର କହିବାର ଅର୍ଥ ହେଲା, ଏହି ପାର୍ଶ୍ୱରେ ଚାରୋଟି, ଚାରି ଜଣ ସେହି ପାର୍ଶ୍ୱରେ, ଚାରି ଜଣ ସେହି ପାର୍ଶ୍ୱରେ, ଏବଂ ଚାରି ଜଣ ସେହି ପାର୍ଶ୍ୱରେ; ବାର ବଂଶ । ସେହି ବାରଟି ବଂଶ ହେଉଛନ୍ତି ଏକ ଲକ୍ଷ ଚୌ-ରାଳିଶ ହଜାର । ପ୍ରକାଶିତ ବାକ୍ୟ ପୁସ୍ତକରେ ଦେଖନ୍ତୁ, ସେ ବାରଟି ମୂଳଦୁଆ ସହିତ ସେହି ନଗରକୁ ଦେଖିଥିଲେ । ପ୍ରତ୍ୟେକ ଫାଟକ ଉପରେ ଜଣେ ପ୍ରେରିତଙ୍କ ନାମ ରହିଥିଲା, ଓ ବାରଟି ଫାଟକ ଥିଲା । ଏବଂ ଏହାର ଚତୁର୍ଦ୍ଦିଗରେ ବାରଟି ବଂଶ, (ହାଲ୍ଲେଲୁୟା!) ବସି ରହିଥିଲେ ।

249 ଏବଂ ସେଠାରେ ମୁକ୍ତିପ୍ରାପ୍ତ ଲୋକମାନେ ଥିଲେ । ହାଲ୍ଲେଲୁୟା! ଅଶ୍ୱେତ, ଶ୍ୱେତ, ହଳଦିଆ, ବାଦାମୀ, ଏବଂ ରକ୍ତରେ-ଧୌତ ହୋଇଥିବା ସମସ୍ତେ ତାହାଙ୍କର ଦାସ ହେବେ,

ସେ କହିଲେ ଯେ ସେମାନେ ତାହାଙ୍କ ସହିତରେ ରହିବେ। ସେମାନେ କରିବେ...ସୂର୍ଯ୍ୟ ସେମାନଙ୍କ ଉପରେ ଆଉ ରୌଦ୍ରତାପ ପକାଇବ ନାହିଁ, ସେମାନେ ଆଉ କ୍ଷୁଧିତ କିମ୍ବା ତୃଷିତ ହେବେ ନାହିଁ, ଏବଂ ଏକ ମହାନ ଅସରନ୍ତି ଯୁଗ ଦେଇ ସେମାନେ ଚିରକାଳ ପାଇଁ ଖ୍ରୀଷ୍ଟଙ୍କ ସହିତରେ ରହିବେ ଓ ରାଜତ୍ୱ କରିବେ: ସେ, ସେହି ରାଜା; ଏବଂ ସେମାନେ, ସେହି ରାଣୀ। ଚିରକାଳ ପାଇଁ ଶାସନ ଓ ରାଜତ୍ୱ କରିବେ!

250 ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଆମେନ୍। ମୁଁ ଏଗୁଡିକ ରଖିବି; ପରମେଶ୍ୱର ଇଚ୍ଛା କଲେ, ମୁଁ ପୁନର୍ବାର ସେଗୁଡିକ ସହିତ ଫେରି ଆସିବି, ହୋଇପାରେ ଆଜି ରାତିରେ, ଏବଂ ଆଜି ରାତିରେ ସେଗୁଡିକୁ ଉତ୍ତର ଦେବି କିମ୍ବା ଯେତେବେଳେ ବି ଭାଇ...ଆମେ ଏକାଠି ହୋଇ ଆଲୋଚନା କରିବା। ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ। କଅଣ ଆପଣ ତାହାଙ୍କୁ ନିଜ ହୃଦୟର ସମସ୍ତ କିଛି ସହିତ ପ୍ରେମ କରନ୍ତି?

> ଓଃ, ମୁଁ ତାହାଙ୍କୁ ଦେଖିବାକୁ ଚାହେଁ, ତାହାଙ୍କ ମୁଖକୁ ଦେଖିବାକୁ ଚାହେଁ,
> ତାହାଙ୍କର ଉଦ୍ଧାରକାରୀ ଅନୁଗ୍ରହ ଦ୍ୱାରା ସେଠାରେ ଚିରଦିନ ବଞ୍ଚିବା ପାଇଁ;
> ମହିମାର ମାର୍ଗରେ ମୋତେ ମୋର ସ୍ୱରକୁ ଉତ୍ତୋଳନ କରିବାକୁ ଦିଅନ୍ତୁ;
> ଯେତେବେଳେ ସମସ୍ତ ଚିନ୍ତା ଚାଲିଯାଏ, ଶେଷରେ ଘରକୁ ଆସେ, ସର୍ବଦା ଆନନ୍ଦରେ ରହିବା ପାଇଁ। (ଓଃ, ମୋର ପ୍ରଭୁ!)
>
> ମୁଁ ଯେତେବେଳେ ଏହି ଦେଶ ଦେଇ ଯାତ୍ରା କରେ, ଯାଉଥିବା ବେଳେ ଗୀତ ଗାନ କରେ,
> ପ୍ରାଣଗୁଡିକୁ କାଲ୍‌ଭରୀ ଆଡକୁ ଇଙ୍ଗିତ କରେ, ରକ୍ତବର୍ଣ୍ଣ ପ୍ରବାହ ଆଡକୁ ସୂଚାଏ, (ନୁହେଁ—ମଣ୍ଡଳୀ ଆଡକୁ ନୁହେଁ; କାଲ୍‌ଭରୀ ଆଡ଼କୁ।)

251 ସେହିଠାରେ ହିଁ ଅଟେ ଯେଉଁଠାକୁକି ଆମେ ଇଙ୍ଗିତ କରୁଅଛୁ; କୌଣସି ଧର୍ମଶାସ୍ତ୍ର ଆଡକୁ ନୁହେଁ, ମାତ୍ର ଲାଲ ରକ୍ତବର୍ଣ୍ଣ ପ୍ରବାହ ଆଡକୁ, ଯୀଶୁ ଖ୍ରୀଷ୍ଟଙ୍କ ଆଡକୁ। "ସେହି ରକ୍ତରେ ଜୀବନ ଅଛି," ଏବଂ ସେ ହେଉଛନ୍ତି ପରମେଶ୍ୱରଙ୍କ ରକ୍ତ ଯାହାକି ଆମର ଜୀବନ ଅଟେ ଯାହା ବର୍ତ୍ତମାନ ଆମ ଭିତରେ ବାସ କରୁଅଛି। ଧନ୍ୟ ସେହି ବନ୍ଧନ ଯାହାକି ବାନ୍ଧିଥାଏ!

252 ଯେତେବେଳେ ଆମେମାନେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ, ମୁଁ ବର୍ତ୍ତମାନ ଗୋଟିଏ—ଗୋଟିଏ ବିଶେଷ ଇଚ୍ଛା କରେ। ମୁଁ ଚାହେଁ ଯେ ଭଉଣୀ ଗର୍ଟି ଏବଂ ତାଙ୍କର ଝିଅ, ଯଦି ସେମାନେ ଇଚ୍ଛା କରନ୍ତି, ଏଠାକୁ ଆସନ୍ତୁ। ଏବଂ ଏହା ହେଉଛି ସେହି ମୂଳ ପୁରୁଣା ଗୀତ, ମୁଁ ଚାହେଁ ଯେ ଆପଣ ଏହାକୁ ମୋ ପାଇଁ ଗାନ କରନ୍ତୁ, *କେବଳ ବିଶ୍ୱାସ କର।*

ମୋର ମନେ ଅଛି, ସେହି ଦ୍ୱାରରେ ପ୍ରବେଶ କରୁଥିଲି, ଏବଂ ଏହି ଗୀତଟି ମୋତେ ସମଗ୍ର ଦେଶରେ ଅନୁସରଣ କରିଅଛି । ଏବଂ ମୁଁ—ମୁଁ ଚାହେଁ ଯେ ସେମାନେ ଗାନ କରନ୍ତୁ, ସେ ଏହାକୁ ବଜାଇବାରେ ପ୍ରଥମ ଥିଲେ, ଯେତେବେଳେ ପ୍ରଥମଥର ପାଇଁ ମୁଁ ଏହାକୁ ଶୁଣିଥିଲି । ମୋର ଜଣେ ବନ୍ଧୁ ଏହାକୁ ଲେଖିଥିଲେ, ପଲ୍ ରେଡର୍ । ଏବଂ, ଆମେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା ପୂର୍ବରୁ, ମୁଁ ଚାହେଁ ଯେ ସେମାନେ ଏହାକୁ ଗାଆନ୍ତୁ ଯେତେବେଳେକି ପରମେଶ୍ୱରଙ୍କ ଆଶୀର୍ବାଦ ରୋଗୀମାନଙ୍କ ପାଇଁ ଲୋକମାନଙ୍କ ଉପରେ ବର୍ତ୍ତୁ ।

253 ଆମେମାନେ ବହୁତ ଅଧିକ ସମୟ ନେଇଅଛୁ । ମୁଁ ଦୁଃଖିତ, ଭାଇ ନେଭିଲ୍ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । କଅଣ ଆପଣ ପ୍ରଶ୍ନଗୁଡିକୁ ଭଲ ପାଆନ୍ତି କି? ମୁ କରେ । ଓଃ, ଏବଂ ସେଗୁଡିକ ପ୍ରକୃତରେ ଭଲ ଥିଲା, ସେଗୁଡିକ ଏତେ ଭଲ ଥିଲା । ଏବଂ ସେଠାରେ ଆଉ ଏକ ପେଛା ଅଛି । ଏବଂ, ବାସ୍ତବରେ, ସେଗୁଡିକ ମଧ୍ୟରୁ କେତେକ ଏପର୍ଯ୍ୟନ୍ତ ସୁଦ୍ଧା ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଯାଇ ନାହିଁ, ଓଃ, ସେଗୁଡ଼ିକ ଦେଇ ଯିବା ପାଇଁ ବହୁତ କିଛି ଅଛି । ପ୍ରଭୁ ଆଶୀର୍ବାଦ କରନ୍ତୁ ।

254 ଆପଣମାନେ ସମସ୍ତେ ବର୍ତ୍ତମାନ ଖ୍ରୀଷ୍ଟଙ୍କ ଉପରେ ନିଜର ଧ୍ୟାନକୁ ରଖନ୍ତୁ, ଏବଂ ଆସନ୍ତୁ ପ୍ରଶ୍ନଗୁଡ଼ିକରୁ ଓହରି ଯାଇ ଈଶ୍ୱରୀୟ ଆରୋଗ୍ୟତା ଆଡକୁ ପରିବର୍ତ୍ତନ କରିବା । ଏଠାରେ କେତେ ଜଣ ପ୍ରାର୍ଥନା କରାଯିବା ପାଇଁ ଅଛନ୍ତି? ଆସନ୍ତୁ ଆପଣଙ୍କର ହାତଗୁଡିକୁ ଦେଖିବା, ଯେଉଁମାନେକି ପ୍ରାର୍ଥନା କରାଯିବାକୁ ଚାହାଁନ୍ତି । ଠିକ ଅଛି, ଆମେ ସେମାନଙ୍କୁ ବାହାର କରି ଆଣିବାକୁ ଯାଉଅଛୁ ଏବଂ କିଛି କ୍ଷଣ ପାଇଁ ସେମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ, ଆମର ଭଉଣୀମାନେ ଏହି ସୁନ୍ଦର ଗୀତଟିକୁ ଗାଇବା ମାତ୍ରେ । ଯେତେବେଳେ ସେମାନେ ପ୍ରସ୍ତୁତ କରୁଅଛନ୍ତି, ଠିକ ଆପଣଙ୍କ ଉପରେ ବର୍ତ୍ତମାନ ସେହି ପ୍ରତିଜ୍ଞାଟି ଝୁଲୁଅଛି, ଏହା ତାହାଙ୍କର ବାଇବଲ ଅଟେ ।

[ଭଉଣୀ ଗର୍ଟି ଏବଂ ତାଙ୍କର ଝିଅ ଗାଆନ୍ତି *କେବଳ ବିଶ୍ୱାସ କର*—ସମ୍ପା ।]

କେବଳ ବିଶ୍ୱାସ କର, କେବଳ…

255 ବର୍ତ୍ତମାନ, ଆପଣମାନେ ଯେଉଁମାନେକି ଅସୁସ୍ଥ, ଯଦି ଆପଣ ଚାହାଁନ୍ତି, ତେବେ ବର୍ତ୍ତମାନ ବେଦୀର ଆଖପାଖରେ ଆସିଯାଆନ୍ତୁ ।

ସମସ୍ତ ବିଷୟ ସମ୍ଭବ, କେବଳ ବିଶ୍ୱାସ କର;
କେବଳ ବିଶ୍ୱାସ କର, କେବଳ ବିଶ୍ୱାସ କର,
ସମସ୍ତ ବିଷୟ ସମ୍ଭବ, କେବଳ ବିଶ୍ୱାସ କର ।

256 ତେବେ, ହେ ସ୍ୱର୍ଗସ୍ଥ ପିତା, ଆମେ ଆଜି ଏହି ଶାସ୍ତ୍ରାଂଶ ଏବଂ ଏହି ଗୀତ, "କେବଳ ବିଶ୍ୱାସ କର" ପାଇଁ ବହୁତ କୃତଜ୍ଞ ଅଟୁ । ଆମେ ତୁମକୁ ସେହି ମିର୍ଗୀ ରୋଗରେ ପିଡିତ ଥିବା ପିଲାର ବାପାଙ୍କୁ ଏହା କହୁଥିବାର ଶୁଣିପାରୁ, "କେବଳ ବିଶ୍ୱାସ କର, କାରଣ ସବୁ ବିଷୟ ସମ୍ଭବ ।"

257 ତେବେ, ଆମେମାନେ ପ୍ରାର୍ଥନା କରୁଅଛୁ, ହେ ପରମେଶ୍ୱର, ଯେତେବେଳେକି ଏହି ଲୋକମାନେ ଯଜ୍ଞବେଦି ନିକଟକୁ ପ୍ରାର୍ଥନା କରାଇବା ପାଇଁ ଆସୁଛନ୍ତି, ଏହା ଦେଖି ଯେ ଆମେମାନେ ଏଠାରେ ଅଛୁ, ନକାରାତ୍ମକ ଭାବରେ, କେବଳ ନକାରାତ୍ମକ; ସେହି ସକାରାତ୍ମକ ଆମ ଚାରିପାଖରେ ଅଛି, ଆମ ଉପରେ ରହିଥିବା ସେହି ଅମର ଆତ୍ମା କଦାପି ମରିବ ନାହିଁ । ଏହା ସମସ୍ତ ଅସରନ୍ତି ଯୁଗମାନ ଦେଇ ରହିବ । ଏବଂ ଆମେମାନେ ବର୍ତ୍ତମାନ ତୁମର ଅଭିଷିକ୍ତ ସେବକ ଭାବରେ ଯାଉଅଛୁ, ଯେ ଆମର ସାଥୀଙ୍କୁ ସହଯୋଗ ପାଇବାରେ ସାହାଯ୍ୟ କରୁ, କେବଳ ଗୋଟିଏ ବିକଳ୍ପ ପାଇଁ, ପିତା, ତାହା ହେଉଛି ଯେ ସେମାନେ ତୁମକୁ ଗୌରବାନ୍ୱିତ କରିବେ । ଏବଂ ବର୍ତ୍ତମାନ ଏହା ହେଉ ଯେ ଆଜି ସକାଳେ ଏଠାରେ ବେଦୀ ନିକଟରେ ଛିଡା ହୋଇଥିବା ପ୍ରତ୍ୟେକ ଜଣ, ଅସୁସ୍ଥ, ପୀଡିତ, ବର୍ତ୍ତମାନ ପବିତ୍ରଆତ୍ମା ସେମାନଙ୍କ ମଧ୍ୟରୁ ସମସ୍ତଙ୍କୁ ଆରୋଗ୍ୟତା ପ୍ରଦାନ କରନ୍ତୁ ।

258 ଏବଂ ଆମେ ତୁମର ଛୋଟ—ଛୋଟ ପଲ ହୋଇଥିବା ହେତୁରୁ, ସେହି ଭଉଣୀମାନେ କେବଳ ଯାହା ଗୀତ ଗାଉଥିଲେ, "ଭୟ କର ନାହିଁ, ହେ ଛୋଟ ପଲ," ଆମେ ଜାଣୁ ଯେ, ପ୍ରଭୁ, ସେହିମାନଙ୍କୁ ରାଜ୍ୟ ଦେବାକୁ ତୁମର ଉତ୍ତମ ଇଚ୍ଛା ଅଟେ । ଏବଂ ଆମେ ଜାଣୁ ଯେ ତୁମେ ସର୍ବଦା ନିକଟବର୍ତ୍ତୀ ଅଟ, କାରଣ ତୁମେ କହିଥିଲ, "ଯେଉଁଠାରେ ଦୁଇ କିମ୍ବା ତିନିଜଣ ମୋ ନାମରେ ଏକତ୍ର ହେବେ, ମୁଁ ସେମାନଙ୍କ ଗହଣରେ ରହିବି । ଏବଂ ସେମାନେ ଯାହା କିଛି ମାଗିବେ, ମୁଁ ତାହା ଦେବି ।"

259 ତେବେ, ପରମେଶ୍ୱରଙ୍କ ବାକ୍ୟ ଅନୁଯାୟୀ ଯାହାକି ବିଫଳ ହୋଇପାରେ ନାହିଁ, ପରମେଶ୍ୱରଙ୍କ ବାକ୍ୟ, ପ୍ରଭୁ, ସମସ୍ତଙ୍କୁ ସୁସ୍ଥ କର । ଏବଂ ସେମାନେ ଏଠାରେ ଛିଡା ହୋଇ, ଅପେକ୍ଷା କରୁଅଛନ୍ତି । ଯେତେବେଳେ ଆମେ ତେଲ ସହିତ ଅଭିଷେକ କରିବାକୁ ଏବଂ ହାତ ରଖିବାକୁ ଯାଉ, ଏବଂ ଉଦ୍ଧାର ପାଇଁ ନିବେଦନ କରୁ, ଏହା ହେଉ ଯେ ପ୍ରତ୍ୟେକ ଜଣ ନିଜ ନିଜ ଆସନକୁ ଫେରିଯାଆନ୍ତୁ, ସମ୍ପୂର୍ଣ୍ଣ ଭାବେ, ଓ ସୁସ୍ଥ ହୋଇ, ସାଧାରଣତଃ, ତୁମକୁ ପ୍ରଶଂସା କରି, ନିଜର ଘରକୁ ଫେରିଯାଆନ୍ତୁ । ଏବଂ ଆଜି ରାତିରେ ପୁନର୍ବାର, ସେବାକୁ ଫେରି ଆସନ୍ତୁ, ପ୍ରଭୁ, ସେମାନଙ୍କର ଆରୋଗ୍ୟତା ପାଇଁ ପରମେଶ୍ୱରଙ୍କୁ ପ୍ରଶଂସା ଓ ଗୌରବ ଦିଅନ୍ତୁ । ହେ ପ୍ରଭୁ, ତାହା ପ୍ରଦାନ କର ।

ଏବଂ ଯେତେବେଳେ ଆମେ ନିଜର ମୁଣ୍ଡଗୁଡିକୁ ନୁଆଁଇଅଛୁ:

260 ଭାଇ ନେଭିଲ୍, ଯଦି ଆପଣ ଚାହିଁବେ, ମୋ ସହିତ ଆସନ୍ତୁ । ମୁଁ ଚାହେଁ ଯେ ଭାଇ ଫ୍ଲିମାନ, ଏବଂ ଭାଇ ଡେଇଜମାନ, କିମ୍ବା ଏଠାରେ କେହି ଜଣେ, ଏବଂ ଭାଇ କକ୍ସ, ଆପଣ ସମସ୍ତେ ଏଠାକୁ ଆସନ୍ତୁ ଓ ଯଜ୍ଞବେଦୀରେ ମୋତେ ସାହାଯ୍ୟ କରନ୍ତୁ । ଏଠାରେ ମଣ୍ଡଳୀର ଦୀକନ୍‌ମାନେ ହିଁ ଅଟନ୍ତି ଯାହାଙ୍କୁ ମୁଁ ବର୍ତ୍ତମାନ ଏହି ସମୟରେ ଆହ୍ୱାନ କରୁଅଛି ।

261 ଏବଂ ଯେତେବେଳେ ଆମେ ସେମାନଙ୍କ ପାଇଁ ପ୍ରାର୍ଥନା କରୁ, ଯଦି ଆପଣ ଚାହିଁବେ ଆପଣ ସେମାନଙ୍କୁ ସାହାଯ୍ୟ କରିପାରନ୍ତି । ମୁଁ—ମୁଁ ଚାହେଁ ଯେ ଏଠାରେ ଥିବା ସମସ୍ତେ

ପ୍ରକୃତରେ ନିଷ୍ଠାବାନ ହୁଅନ୍ତୁ । ଏବଂ ଯେତେବେଳେ ଆମେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରୁ, ମୁଁ ଚାହେଁ ଯେ ଆପଣ ଆମ ସହିତ ପ୍ରାର୍ଥନା କରନ୍ତୁ ।

262 ମୁଁ ବର୍ତ୍ତମାନ ଏକ ଛୋଟ ପିଲାକୁ ସେଠାରେ ପଛରେ ବସିଥିବାର ଦେଖୁଛି, ଯିଏକି କିଛି ସମୟ ପୂର୍ବରୁ ଏହି ହଲ ଭିତରକୁ ଆସିଥିଲା ଓ ତାହାର ରକ୍ତସ୍ରାବ ହେଉଥିଲା । ଏବଂ ପ୍ରଭୁ ଯୀଶୁ ଅତି ଚମତ୍କାର ଭାବରେ ସେହି ରକ୍ତସ୍ରାବକୁ ବନ୍ଦ କରିଦେଲେ । ଦେଖନ୍ତୁ? ତାହାଙ୍କର ଦୟା ପ୍ରଶଂସା କରାହେଉ, ତାହାଙ୍କର ନାମ ସମ୍ମାନିତ ହେଉ । ଦେଖନ୍ତୁ ଯେ କେତେଜଣ ବିଗତ କିଛି ଦିନ ମଧ୍ୟରେ ସୁସ୍ଥ ହୋଇଅଛନ୍ତି!

263 କେବଳ ଚିନ୍ତା କରନ୍ତୁ, ଠିକ ସେହି ସମାନ ପ୍ରଭୁ ଯୀଶୁ ଯିଏକି ପଶ୍ଚାତ୍ ଦିନରେ ପ୍ରେରିତମାନଙ୍କ ସମୟରେ ରହିଥିଲେ ଠିକ ବର୍ତ୍ତମାନ ଏଠାରେ ଅଛନ୍ତି । ଏବଂ ଏହା କେବଳ ବିଜାତିମାନଙ୍କ ଶେଷକାଳକୁ ସମାପ୍ତ କରୁଅଛି । ଅଲୌକିକ ବିଶ୍ୱାସୀମାନଙ୍କ ମଧ୍ୟରେ ଏକ ମହାନ ଆନ୍ଦୋଳନ ଚାଲୁଅଛି, କାରଣ ଆମେ ବିଶ୍ୱାସ କରୁ ଯେ ପରମେଶ୍ୱର ଏଠାରେ ଅଛନ୍ତି ।

264 କେବଳ ଚିନ୍ତା କରନ୍ତୁ, ଆପଣଙ୍କର—ଆପଣଙ୍କର ମହିମାମୟ ଶରୀର ବର୍ତ୍ତମାନ ଠିକ ଏଠାରେ ଆରାଧନାଳୟରେ ଅଛି, ପବିତ୍ରଆତ୍ମାଙ୍କ ଉପସ୍ଥିତି ଯାହାକି ଆପଣଙ୍କର ମହିମାନ୍ୱିତ ଅବସ୍ଥା *ଅଟେ* । ଆପଣ ବର୍ତ୍ତମାନ ଖ୍ରୀଷ୍ଟଙ୍କଠାରେ ମହିମାନ୍ୱିତ ଅଟନ୍ତି! "ଯେଉଁମାନଙ୍କୁ ସେ ଧାର୍ମିକ ଗଣନା କଲେ, ସେ ମହିମାନ୍ୱିତ କଲେ ।" ଏବଂ ଆପଣଙ୍କର ନିଜର ମହିମାନ୍ୱିତ ଶରୀର ବର୍ତ୍ତମାନ ଠିକ ଆପଣଙ୍କ ପାଖରେ, ଖ୍ରୀଷ୍ଟ ଯୀଶୁଙ୍କଠାରେ ଛିଡା ହୋଇଅଛି, ଯେ ଆପଣଙ୍କୁ ଶକ୍ତି ପ୍ରଦାନ କରେ ଯେପରିକି ଗୋଟିଏ ବ୍ୟାଟେରୀ ଭିତରକୁ ଚାର୍ଜ ଯାଇଥାଏ । ପବିତ୍ରଆତ୍ମା ଆପଣଙ୍କ ଭିତରେ ଅଛନ୍ତି । ଏହା ଆପଣଙ୍କୁ ନୂତନ ଶକ୍ତି ଦେବା ହେତୁ ଆପଣଙ୍କର ଶରୀରକୁ ଚାର୍ଜ କରିବା ପାଇଁ ଅଟେ, ଯେ ଆପଣଙ୍କ ପାଖରେ ଥିବା ଅସୁସ୍ଥତାରୁ ଆପଣଙ୍କୁ ଭଲ କରିବା ପାଇଁ, ସୁସ୍ଥ କରାଯାଏ ।

265 ବର୍ତ୍ତମାନ, ମୁଁ ଚାହେଁ ଯେ ମଣ୍ଡଳୀ, ଯଦି ସେମାନେ ଚାହିଁବେ, ଆମ ଭଉଣୀମାନଙ୍କ ସହିତରେ, ଯଦି ସେମାନେ ପୁନର୍ବାର ସେହି ଗୀତକୁ ଗାଇବେ । ବର୍ତ୍ତମାନ, ଯଜ୍ଞବେଦୀରେ ଥିବା ପ୍ରତ୍ୟେକ ଜଣ…

266 ତେବେ, ବନ୍ଧୁଗଣ, ଯଦି ମୁଁ ଜଣେ ପ୍ରତାରଣାକାରୀ, ମୁଁ ସତ୍ୟ ବିଷୟରେ ଅଜ୍ଞ ଅଟେ । ମୁଁ ଜଣେ ଖ୍ରୀଷ୍ଟିଆନ ହେବାକୁ ଚେଷ୍ଟା କରୁଛି, ଏବଂ ମୋର ସମସ୍ତ ହୃଦୟ ସହିତରେ ମୁଁ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରୁଛି । ଏବଂ ମୁଁ ଆପଣମାନଙ୍କୁ ପରମେଶ୍ୱରଙ୍କ ସନ୍ତାନ ଭାବରେ, ସାହାଯ୍ୟ କରିବାକୁ ଚେଷ୍ଟା କରୁଛି । ଏବଂ ଯଦି ମୁଁ—ଯଦି ମୁଁ ମୋର ସ୍ୱର୍ଗୀୟ ପିତାଙ୍କୁ ପ୍ରେମ କରେ, ତେବେ ମୁଁ ତାହାଙ୍କୁ, ତାହାଙ୍କର ସନ୍ତାନମାନଙ୍କୁ ପ୍ରେମ କରେ । ଯଦି ମୁଁ ନ କରେ…ଯଦି ମୁଁ ଆପଣମାନଙ୍କୁ ପ୍ରତାରଣା କରୁଅଛି, ତେବେ ମୁଁ ପରମେଶ୍ୱରଙ୍କୁ ପ୍ରତାରଣା କରିବାକୁ ଚେଷ୍ଟା କରିଅଛି, ଆପଣମାନେ ତାହାଙ୍କର ସନ୍ତାନ ଅଟନ୍ତି; କେହି ହେଲେ

ପରମେଶ୍ୱରଙ୍କୁ ପ୍ରତାରଣା କରିପାରନ୍ତି ନାହିଁ । ମୁଁ ଆପଣମାନଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରୁଅଛି ।

267 ସେହି କାରଣରୁ ପରମେଶ୍ୱର ମୋର ପ୍ରୟାସଗୁଡିକୁ ଆଶୀର୍ବାଦ କରୁଛନ୍ତି । ଏବଂ ହୋଇପାରେ ଯେ ସେମାନେ ବହୁତ ଦରିଦ୍ର ଅଟନ୍ତି, ଏବଂ ସେମାନଙ୍କ ମଧ୍ୟରୁ କେତେକଙ୍କ ପାଇଁ ମୁଁ ଲଜ୍ଜିତ ଅଟେ, ଏବଂ ପରମେଶ୍ୱର ଜାଣନ୍ତି ଯେ ମୁଁ ସେମାନଙ୍କ ପାଇଁ ଲଜ୍ଜିତ ଅଟେ ଓ ମୋର ପ୍ରୟାସଗୁଡିକରୁ ଅନୁତାପ କରେ । ମାତ୍ର ମୁଁ ପରମେଶ୍ୱରଙ୍କ ରାଜ୍ୟକୁ ଯଥାସମ୍ଭବ ସାହାଯ୍ୟ କରିବା ପାଇଁ ଚେଷ୍ଟା କରୁଅଛି ଏବଂ ଆପଣମାନଙ୍କୁ ତାହାଙ୍କର ସନ୍ତାନ ହେବା ପାଇଁ ସାହାଯ୍ୟ କରୁଅଛି । ଆଜି ସକାଳେ ଠିକ ଏଠାରେ ମଞ୍ଚ ଉପରେ, ଯୀଶୁଙ୍କୁ ନିଜର ଆରୋଗ୍ୟଦାତା ଭାବରେ ଗ୍ରହଣ କରନ୍ତୁ, ଆପଣ ନିଜ ନିଜର ଆସନକୁ ଓ ନିଜ ଘରକୁ ଫେରିଯିବେ ଏବଂ ଠିକ ରହିବେ ଓ ଭଲ ରହିବେ ।

268 ବର୍ତ୍ତମାନ, ଯଦି ସେ ଏଠାରେ ଶହ ଶହ, ଏବଂ ସମଗ୍ର ବିଶ୍ୱରେ ହଜାର ହଜାର ଲୋକଙ୍କୁ ସୁସ୍ଥ କରିବେ, ତେବେ ସେ ଆପଣଙ୍କୁ କାହିଁକି ସୁସ୍ଥ କରିବେ ନାହିଁ? କେବଳ ବିଶ୍ୱାସ କରନ୍ତୁ । ଠିକ ଅଛି, ଭଉଣୀମାନେ । ଭାଇ ନେୱିଲ୍, ମୁଁ ଚାହେଁ ଯେ ଆପଣ ଆସି ସେମାନଙ୍କୁ ଅଭିଷେକ କରନ୍ତୁ । [ଭାଇ ବ୍ରାନହାମ୍ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତି, ତାଙ୍କର ଶବ୍ଦଗୁଡିକ ଅଗୋଚର ଅଟେ—ସମ୍ପା ।]…?…

**ପ୍ରଶ୍ନୋତ୍ତର** ORI54-0103M

(Questions and Answers)

**ମଣ୍ଡଳୀର ଆଚରଣ, କ୍ରମ ଏବଂ ସିଦ୍ଧାନ୍ତ ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଜାନୁୟାରୀ 3, 1954, ରବିବାର ସକାଳରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲେ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

Voice Of God Recordings, India Office
19 (New No: 28) Shenoy Road, Nungambakkam
Chennai 600 034, India
044 28274560 • 044 28251791
india@vgroffice.org

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:



VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org